# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 19/2025 Page 16 ₹ 7.00 | DHENKANAL

୫୧ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 323 ମୂଲ୍ୟ ₹୭/-





A quality product from
PAN BAHAR
ଶୁଭ ଦୀପାବଳି
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ | Bhubaneswar, Sunday, October 19/2025 | ପୃଷ୍ଠା-୧




# ବନ୍ୟପ୍ରାଣୀ, ପରିବେଶ ଚିନ୍ତାରେ ଜୁଆଙ୍ଗ

**କେନ୍ଦୁଝର,୧୮।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**


ବନ୍ଧରେ ଏକ ଛୁଆହାତୀ ମା' ସହ ଜଳକ୍ରୀଡ଼ା କରୁଛି।

## ■ ପାହାଡ଼ରେ ବନ୍ଧ ନିର୍ମାଣ ସହ ଗଛ ଲଗାଉଛନ୍ତି
## ■ ହାତୀ-ମଣିଷ ସଂଘର୍ଷ ହ୍ରାସ କରିବାକୁ ପ୍ରୟାସ

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍‌ରେ ହାତୀ ଉପଦ୍ରବ ସବୁଦିନିଆ ଘଟଣାରେ ପରିଣତ ହୋଇଛି। ହାତୀପଲ ଜନବସତିରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଥିଲେ ହେଁ ପ୍ରକୃତ କ୍ଷତିର ଭରଣା ହୋଇପାରୁ ନ ଥିବାରୁ ଅନେକ ସମୟରେ ହାତୀ–ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ସଂଘର୍ଷ ଓ ବନ୍ୟପ୍ରାଣୀ ଯଥା ହାତୀଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ କଂସ ଗ୍ରାମର ଜୁଆଙ୍ଗ ଜନଜାତି ଅଣ୍ଟା ଭିଡ଼ିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ନିଜ ସୁରକ୍ଷା ସହ ପରିବେଶ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଚାରାରୋପଣ, ପାହାଡ଼ରେ ବନ୍ଧ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ କରିଛନ୍ତି। କୋଡ଼ିପଶା ପଞ୍ଚାୟତର ତଳକଂସ ଗ୍ରାମବାସୀଙ୍କ ପ୍ରୟାସରେ ମଣିଷ ଓ ହାତୀ ସହାବସ୍ଥାନର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ତଳକଂସ ଗ୍ରାମ କଂସ ଗାଁର ଅଂଶ ହୋଇଥିଲେ ହେଁ ଏକ ପାହାଡ଼ ଗାଁକୁ ବିଚ୍ଛିନ୍ନ କରିଛି। ପାହାଡ଼ ଓ ଜଙ୍ଗଲ ଘେରା ତଳକଂସରେ ପ୍ରାୟ ୩୧ ଗରିବ ଜୁଆଙ୍ଗ ପରିବାର ରହୁଛନ୍ତି। ଗ୍ରାମବାସୀ କୌଣସି ସରକାରୀ ଯୋଜନାର ଲାଭ ପାଇନାହାନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ☞ପୃଷ୍ଠା–୨

# ଭାରତକୁ ନିର୍ଣ୍ଣାୟକ ଜବାବ ଦେବ ପାକ୍: ମୁନିର

ଆଫଗାନିସ୍ତାନ ସହ ପାକିସ୍ତାନର ସୀମା ସଂଘର୍ଷ ଜାରି ରହିଥିବାବେଳେ ଶନିବାର ପାକ୍ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ପୁଣି ଭାରତ ବିରୋଧୀ ଆଭିମୁଖ୍ୟ ଦୋହରାଇଛନ୍ତି। ଖାଇବରପାଖ୍‌ତୁନଖ୍ୱାସ୍ଥିତ ଅବୋଟ୍ଟାବାଦର କରୁଲରେ ମିଲିଟାରୀ ଏକାଡେମୀକୁ ସମ୍ବୋଧିତ କରି ମୁନିର କହିଛନ୍ତି, ଭାରତୀୟ ସେନାର ଧମକରେ ପାକିସ୍ତାନ ଭୟଭୀତ ହେବନାହିଁ କି ଉପାୟଶୂନ୍ୟ ହୋଇ ବସିଯିବ ନାହିଁ। ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟିକଲେ ପାକିସ୍ତାନ ନିର୍ଣ୍ଣାୟକ ଜବାବ ଦେବ। ଆଣବିକ ଶକ୍ତିସମ୍ପନ୍ନ ପରିବେଶରେ ଯୁଦ୍ଧର କୌଣସି ସ୍ଥାନ ନାହିଁ ବୋଲି ମୁନିର ଭାରତୀୟ ସେନାକୁ ପରାମର୍ଶ ଦେଇଛନ୍ତି। 'ଅପରେଶନ୍ ସିନ୍ଦୂର' ପରଠାରୁ ଉଭୟ ଦେଶର ସେନା ଅଧିକାରୀ ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌସ୍ଥିତ ସରୋଜିନୀନଗରରେ ବ୍ରହ୍ମୋସ୍ ଏରୋସ୍ପେସ୍ ନିର୍ମାଣ ୟୁନିଟ୍‌ରେ ପ୍ରଥମ ବ୍ୟାଚ୍ ଉତ୍ପାଦନ ଆରମ୍ଭ ଅବସରରେ କହିଛନ୍ତି, ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ ରହିଛି। ରାଜନାଥଙ୍କ ଏଭଳି ମନ୍ତବ୍ୟ ପରିପ୍ରେକ୍ଷୀରେ ମୁନିରଙ୍କ ଚେତାବନୀକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।


ଆସିମ ମୁନିର

**ଇସ୍‌ଲାମାବାଦ,୧୮।୧୦(ପି.ଟି.)**

ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟି କଲେ ଏହାର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟେଦ ଆସିମ ମୁନିର ଶନିବାର ନୂଆଦିଲ୍ଲୀକୁ କଡ଼ା ଚେତାବନୀ ଦେଇଛନ୍ତି। ଏକ ପରମାଣୁକୃତ ପରିବେଶରେ ଯୁଦ୍ଧର ସ୍ଥାନ ନାହିଁ ବୋଲି ମୁନିର ଅବେଟ୍ଟାବାଦସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀ ପରିସରରେ ସେନା କ୍ୟାଡେଟ୍‌ମାନଙ୍କ ପାସିଂ ଆଉଟ୍ ଉତ୍ସବରେ ଯୋଗଦେଇ କହିଛନ୍ତି। ଆମେ କାହାର ବୟାନବାଜିରେ କଦାପି ଡରିବୁ ନାହିଁ କି ବିବଶ ହେବୁନାହିଁ। ଆମେ କୌଣସି ଚିନ୍ତା ନ କରି ସାମାନ୍ୟ ଉତ୍ତେଜନାର ନିର୍ଣ୍ଣାୟକ ଜବାବ ଦେବୁ ବୋଲି ପାକ୍ ସେନା ମୁଖ୍ୟ କହିଛନ୍ତି।

ନିକଟରେ ଭାରତ–ପାକିସ୍ତାନ ସାମରିକ ସଂଘର୍ଷରେ ତାଙ୍କ ଦେଶର ସଶସ୍ତ୍ର ବଳ ସମସ୍ତ ବିପଦକୁ ପଣ୍ଡ କରିବା ସହ ସଂଖ୍ୟା ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ଶତ୍ରୁ ବିରୋଧରେ ବିଜୟ ହାସଲ କରିଥିଲା, ଯାହା ଆମ ସେନାର ଉଲ୍ଲେଖନୀୟ ପେସାଦାରିତା ଏବଂ ପ୍ରଭାବକୁ ପ୍ରଦର୍ଶିତ କରିଥିଲା ବୋଲି ମୁନିର କହିଛନ୍ତି। ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଆରମ୍ଭ କରିବାର ୪ ଦିନ ପରେ ଅସ୍ତ୍ରବିରତି ପାଇଁ ମେ' ୧୦ରେ ☞ପୃଷ୍ଠା–୨

## ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ: ରାଜନାଥ

**ଲକ୍ଷ୍ନୌ,୧୮।୧୦(ପି.ଟି.)**

ପାକିସ୍ତାନ ଅଞ୍ଚଳର ପ୍ରତ୍ୟେକ ଇଞ୍ଚ୍ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲ୍‌ର ଲକ୍ଷ୍ୟଭେଦ ସୀମା ମଧ୍ୟରେ ରହୁଛି। ଅପରେଶନ ସିନ୍ଦୂର ବେଳେ ଯାହା ଘଟିଥିଲା, ତାହା କେବଳ ଏକ ଟ୍ରେଲର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିବା ସହ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ବିଜୟ ଭାରତ ପାଇଁ ଏକ ଅଭ୍ୟାସ ବୋଲି ଉକ୍ତ ଅପରେଶନ ପ୍ରମାଣିତ କରିଥିବା ରାଜନାଥ କହିଛନ୍ତି। ସରୋଜିନୀ ନଗରଠାରେ ବ୍ରହ୍ମୋସ୍ ଏରୋସ୍ପେସ୍ ୟୁନିଟ୍‌ର ପ୍ରଥମ ବ୍ୟାଚ୍ ☞ପୃଷ୍ଠା–୨

# ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ

**ପୁରୀ,୧୮।୧୦**
**(ଅଜିତ୍ କୁମାର ମହାନ୍ତି)**

## ■ ୨୦ରେ ପାଳିବାକୁ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ନିଷ୍ପତ୍ତି
## ■ ୨୧ରେ ଦୀପାବଳି ପାଳନ କରନ୍ତୁ: ହରିଶଙ୍କର ମିଶ୍ର

କିଛି ବର୍ଷ ହେବ ପର୍ବ ପାଳନ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି। ଫଳରେ ଲୋକେ କେଉଁ ପଞ୍ଜିକା ଓ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏପରି ସମସ୍ୟାକୁ ଦୂର କରିବା ନିମନ୍ତେ ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସି ପର୍ବପର୍ବାଣିର ତିଥି ବାବରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ସେଥିରେ ସୁଧାର ଆସିପାରୁ ନାହିଁ। ଗତବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ପର୍ବ ପାଳନ ନେଇ ତିଥି ବାବରେ ଭିନ୍ନତା ଦେଖିବାକୁ ମିଳିଛି। ଚଳିତବର୍ଷ ଦୀପାବଳି, ପୟାଶ୍ରାଦ୍ଧ ପାଳନ ନେଇ ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁ ଲୋକଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ସରକାରୀ ଛୁଟି ମଧ୍ୟ ଏଥିପାଇଁ ପ୍ରଭାବିତ ହୋଇଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି। ଏପରି ଦ୍ୱନ୍ଦ୍ୱ ଦେଖାଯିବା ଫଳରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ମତ ଉପସ୍ଥାପନା କରି କହିଛନ୍ତି, ୨୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟ୍ ପରେ ଅମାବାସ୍ୟା ପ୍ରବେଶ କରୁଛି। ୨୧ ତାରିଖ ସନ୍ଧ୍ୟା ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**
## ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ

**ଆଜିର ମନ୍ତବ୍ୟ**

" ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରି ଜମ୍ମୁ-କଶ୍ମୀରକୁ ଉପଯୁକ୍ତ ସମୟରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ।

**- ଅମିତ ଶାହା,**
**ସ୍ୱରାଷ୍ଟ୍ର ମନ୍ତ୍ରୀ**

# ୨୦, ୨୧ରେ ଦୀପାବଳି ଛୁଟି

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର)**

ଦୀପାବଳି ଛୁଟି କେଉଁଦିନ ହେବ ତାକୁ ନେଇ ରାଜ୍ୟବ୍ୟାପୀ ଏକ ଦ୍ୱନ୍ଦ୍ୱ ସୃଷ୍ଟିହୋଇଥିଲା। କେତେଜଣ ଏହାକୁ ୨୦ ତାରିଖରେ ପାଳନ ହେବ ବୋଲି କହିଥିବାବେଳେ ପୂର୍ବରୁ ୨୧ରେ ଦୀପାବଳି ବୋଲି ଛୁଟି ନେଇ ଉଲ୍ଲେଖ ରହିଥିଲା। ଏଭଳି ଦ୍ୱନ୍ଦ୍ୱ ଉପରେ ବିଚାରକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି। ଏହିଦିନ ନୂଆପଡ଼ା ଜିଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ। ଏହାସହ ଚଳିତ ☞ପୃଷ୍ଠା–୨







# ୩ ନମ୍ବର ହେଲେ ସରିଲା

## ■ ନାମାଙ୍କନ କଲେ ଜୟ, ଘାସିରାମ ■ ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିପତ୍ର ଦାଖଲ


ଜୟ  ଢୋଲକିଆ


ଘାସିରାମ ମାଝୀ


ସ୍ନେହାଙ୍ଗିନୀ ଛୁରିଆ

**ଭୁବନେଶ୍ୱର, ୧୮।୧୦**
**(ସୁନିତ୍ ମିଶ୍ର)**

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ହିଁ ଏକ ପ୍ରକାର ସ୍ପଷ୍ଟ କରୁଛି। ତେଣୁ ଉପନିର୍ବାଚନରେ ଯଦି ବିଜେଡି ୩ ନମ୍ବର ସ୍ଥାନରେ ରହିଲା ତେବେ କଥା ସରିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ବିଜେଡିର ବହୁ ବରିଷ୍ଠ ନେତା ମଧ୍ୟ ସ୍ୱୀକାର କରିବା ଆରମ୍ଭ କରିଦେଲେଣି।

ବିଜେଡି ନେତା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟଙ୍କୁ ଭାଜପା ପ୍ରାର୍ଥୀ କରିସାରିଛି। ସୂଚନା ମୁତାବକ, ନୂଆପଡ଼ାରେ ରାଜେନ୍ଦ୍ରଙ୍କର ଏକ ସ୍ୱତନ୍ତ୍ର ଏଜେନ୍ସି ରହିଥିଲା। ତାଙ୍କ ଏଜେନ୍ସି ଜରିଆରେ ହିଁ ସେଠାରେ ବିଜେଡି ବାରମ୍ବାର ବିଧାନସଭା ଆସନ ଦଖଲ କରିପାରୁଥିଲା। ରାଜେନ୍ଦ୍ରଙ୍କ ପରିବାର ଭାଜପାକୁ ଯିବାପରେ ବିଜେଡି ବାଧହୋଇ ଅନ୍ୟ ଜିଲାରୁ ଜଣେ ନେତ୍ରୀଙ୍କୁ ସେଠାରେ ଟିକେଟ ଦେବାକୁ ବାଧହୋଇଛି। ସ୍ଥାନୀୟ କୌଣସି ନେତାଙ୍କୁ ଟିକେଟ ଦେଇଥିଲେ, ପରବର୍ତ୍ତୀ ସମୟରେ ଯଦି ସରକାରୀ ☞ପୃଷ୍ଠା–୨

No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା20.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0200/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାରସ୍ୱତ ସମାଜ ପକ୍ଷରୁ ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ରାଜସ୍ୱ ସମ୍ମିଳନୀର ସମାପନ ସମାରୋହ, ସ୍ଥାନ:ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି), ଗୋଠପାଟଣା, ସମୟ: ଅପରାହ୍ନ ୧ଟା ୪୫।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଅଭୟ ଅନିର୍ବାଣ ପକ୍ଷରୁ 'ବିଚିତ୍ରବର୍ଣ୍ଣା'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଝରଣା ଓ ଚିରସମର୍ଥା ସାହିତ୍ୟ ପତ୍ରିକା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ୧୩୮ତମ ଜୟନ୍ତୀ, ସ୍ଥାନ: ସାରଙ୍ଗଧର ଶିଶୁ ଉଦ୍ୟାନ, ଝୋଲାସାହି, ସମୟ: ସକାଳ ୮ଟା ୩୦।
- ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ, ସ୍ଥାନ: ଦି ୟୁନିଭର୍ସ, ମୈତ୍ରୀ ସରଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁର୍ବେଦ ପ୍ରବର୍ତ୍ତକ ଭଗବାନ ଧନ୍ୱନ୍ତରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଜିଲା ଚେସ୍ ସଂଘ ପକ୍ଷରୁ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବାରବାଟି ଷ୍ଟାଡିୟମ ହର୍ଷ ଗେଟ ପରିସର, ଅପରାହ୍ନ ୩ଟା।
- ମହାନଦୀ ବିହାର ମହିଳା ସମିତି ସଭ୍ୟଙ୍କ ଦ୍ୱାରା ଅଭିନୀତ ହେବ ନାଟକ ବୋହୂ କଟକିଆଣି, ସ୍ଥାନ: ହେରିଟେଜ୍ ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ନୀଳକଣ୍ଠ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସାରସ୍ୱତ ବନ୍ଧୁମିଳନ ଉତ୍ସବ, ସ୍ଥାନ: ରାଜପଥ ପାର୍ଶ୍ୱ ହୋଟେଲ ଇନ୍, ଜଳେଶ୍ୱର, ସମୟ: ସକାଳ ୯ଟା।
- 'ସମୟର ଚକ୍ର' ପତ୍ରିକାର ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର ପରିସର, ସିମୁଳିଆ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: କୁଇନ ଅଫ ଦି ମିଶନ ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର, ସମୟ: ଅପରାହ୍ନ ୫ ଟା।

## କନ୍ଧମାଳ

- ଅନ୍ତ୍ୟୋଦୟ ଗୃହ ଯୋଜନା ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ଭିଡିଓ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ଅନୁଗୋଳ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ନୂତନ ପଞ୍ଚାୟତର ଭିତ୍ତିପ୍ରସ୍ତର ଓ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନର ସିଧାପ୍ରସାରଣ, ସ୍ଥାନ: ଛେଣ୍ଡିପଦା ବ୍ଲକର ପ୍ରତ୍ୟେକ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶକ୍ତି ଅରୁଣ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: କାଠକୋଟ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଓରମାସ ପକ୍ଷରୁ ଦୀପାବଳି ଉପଲକ୍ଷେ ଟେରାକୋଟା ଦୀପ ଷ୍ଟଲ ଉଦ୍‌ଘାଟନ କାର୍ଯ୍ୟକ୍ରମ,ସ୍ଥାନ: ବାଲିଯାତ୍ରା ପଡ଼ିଆ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଆସୋସିଏଶନ ପକ୍ଷରୁ ଚେସ୍ ଚାମ୍ପିୟନସିପ୍, ସ୍ଥାନ:ହୋଟେଲ ସ୍ୱୟଂସିଦ୍ଧା, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।

## ଯାଜପୁର

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ନରସିଂହଚୌଧୁରୀ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- କନକ ଦୁର୍ଗା ବିଦ୍ୟା ପୀଠ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବିଲିବିଲ କନକ ଦୁର୍ଗା ବିଦ୍ୟା ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା କୋରେଇ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : କୋରେଇ ବ୍ଲକର ରଗଡ଼ି ମା' କାମୁଡେଇ ପୀଠ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଖଣ୍ଡପଡା ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସାମନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଉଦ୍‌ଯାପନ ଉତ୍ସବରେ ରାଜ୍ୟାଭିଷେକ ଓ କାକଭୁଷଣ୍ଡି ଗରୁଡ ସମ୍ବାଦ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ଅରବିନ୍ଦ ପାଠଚକ୍ର, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ : ଉମରକୋଟ, ସମୟ: ସକାଳ ୯ଟା।

## କୋରାପୁଟ

- ଜୋନାଲସ୍ତରୀୟ କଳା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର -୨୦୨୫ର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସକାଳ ୮ଟା।
- ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ସାର୍ଟିଫିକେଟ ପ୍ରଦାନ ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ : ୯ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ : ବୀର୍ସା ମୁଣ୍ଡା କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୫ଟା।
- କୁମାର ହାସନଙ୍କ ୬୫ତମ ଜନ୍ମ ନିଦରେ ସାହିତ୍ୟ ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବରଗଡ଼

- କୋଶଲ ମହାବନ୍ଦ ଉପରେ ବୈଠକ,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଧନଲକ୍ଷ୍ମୀ ପୂଜା ଅବସରରେ କଳସ ଶୋଭାଯାତ୍ରା,ସ୍ଥାନ: ଗୋବିନ୍ଦପାଲି, ବରଗଡ଼,ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ଶ୍ୟାମାକାଳୀ ପୂଜା, ସ୍ଥାନ:କଲରାକୋଠା, କଣ୍ଟାମାଳ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା, ସ୍ଥାନ : ଶିଶୁ ବିଦ୍ୟା ମନ୍ଦିର ସଭା କେନ୍ଦ୍ର , ସମୟ: ସକାଳ ୯ଟା ।
- ଓଡ଼ିଶା ସିଡ୍ୟୁଲ କାଷ୍ଟ ଆସୋସିଏଶନ ଆନୁକୂଲ୍ୟରେ କେଉଟ, କୈବର୍ତ୍ତ, ଧୀବରମାନଙ୍କୁ ଏସସି ତାଲିକାରୁ ବାଦ ନେଇ ଏକ ସାଧାରଣସଭା, ସ୍ଥାନ: ହାଇସ୍କୁଲ ଛକ ନିକଟ ସାଇ ଗେଷ୍ଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ।

# ୨ ଦିନ ସ୍କୁଲ, କଲେଜ ଛୁଟି

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ): ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର (୨୦ ଏବଂ ୨୧ ତାରିଖ) ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଛୁଟି ରହିବ। ନୂଆପଡାରେ କେବଳ ୨୧ ତାରିଖ ଛୁଟି ଥିବା ବେଳେ ଅନ୍ୟସବୁ ଜିଲାରେ ଦୁଇଦିନ ଛୁଟି ଘୋଷଣା କରିଛି ଶିକ୍ଷା ବିଭାଗ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକ ଛୁଟି ରହିବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉଚ୍ଚଶିକ୍ଷା ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଦୁଇଦିନ ଛୁଟି ରହିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ପିଟିସି ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ ସମସ୍ତ ପିଜି କାଉନ୍‌ସିଲ ଅଧକ୍ଷ ଏବଂ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତକୁ ନିର୍ଣ୍ଣାୟକ ଜବାବ...

ଉଭୟପକ୍ଷ ବୁଝାମଣାରେ ପହଞ୍ଚିଥିଲେ। ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ (ଡିଜିଏମ୍‌ଓ) ସ୍ତରରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ପାକିସ୍ତାନରେ ଅସ୍ଥିରତା ସୃଷ୍ଟି ପାଇଁ ଭାରତ ଆତଙ୍କବାଦକୁ ଅସ୍ତ୍ର କରିଥିବା ମୁନିର ଅଭିଯୋଗ କରିଛନ୍ତି। ତେବେ ଅଳ୍ପ କେତେଜଣ ଆତଙ୍କବାଦୀ ପାକିସ୍ତାନର କିଛି କ୍ଷତି କରିପାରିବେ ନାହିଁ। ଆଫଗାନିସ୍ତାନ ମାଟିରୁ ସମସ୍ତ ପ୍ରକ୍ସିକୁ ଧୂଳିରେ ମିଶାଇ ଦିଆଯିବ ବୋଲି ତେହରିକ୍-ଇ-ତାଲିବାନ୍ ପାକିସ୍ତାନକୁ ଲକ୍ଷ୍ୟ କରି ମୁନିର ଚେତାବନୀ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ନିୟମାବଳୀ ଅନୁଯାୟୀ କଶ୍ମୀର ବିବାଦ ସମେତ ମୁଖ୍ୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ସେ ଭାରତକୁ ଆହ୍ୱାନ ଦେଇଛନ୍ତି। ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ନୈତିକ ଓ କୂଟନୈତିକ ସହାୟତା ଯୋଗାଇଦେବା ଲାଗି ପାକିସ୍ତାନ ପ୍ରତିଶ୍ରୁତିବଦ୍ଧ ବୋଲି ପାକ୍ ସେନା ମୁଖ୍ୟ ଦୋହରାଇଛନ୍ତି। ସେ ପାକିସ୍ତାନକୁ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ ବର୍ଣ୍ଣନା କରିବା ସହ ଆମେରିକା ଓ ଚାଇନା ଭଳି ବୃହତ୍ ଶକ୍ତିଙ୍କ ସହ ଦୃଢ଼ ସମ୍ପର୍କ ରହିଥିବା କହିଛନ୍ତି।

## ପାକିସ୍ତାନର ପ୍ରତି ଇଞ୍ଚ୍ ...

ବ୍ରହ୍ମୋସ୍ ମିଶାଇଲ ଉତ୍ପାଦନକୁ ରାଜନାଥ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁଭାରମ୍ଭ କରିଛନ୍ତି। ବ୍ରହ୍ମୋସ୍ ହେଉଛି ଭାରତର ବର୍ଦ୍ଧିତ ସାମର୍ଥ୍ୟର ପ୍ରତୀକ। ଏହା କେବଳ ଏକ ମିଶାଇଲ୍ ନୁହେଁ, ବରଂ ଭାରତର ରଣନୀତିକ ଆତ୍ମବିଶ୍ୱାସର ପ୍ରମାଣ। ସ୍ଥଳସେନାଠାରୁ ଆରମ୍ଭ କରି ନୌସେନା ଏବଂ ବାୟୁସେନା, ଏହା ଆମ ପ୍ରତିରକ୍ଷା ବଳର ମୁଖ୍ୟ ସ୍ତମ୍ଭ ପାଲଟିଥିବା ରାଜନାଥ କହିଛନ୍ତି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ଏବେ ଏକ ଶକ୍ତିଶାଳୀ ନିବାରକ ଭାବେ କାର୍ଯ୍ୟ କରୁଛି। ଏହା ପାକିସ୍ତାନକୁ ହୃଦ୍‌ବୋଧ କରାଇଦେଇଛି ଯେ, ଯଦି ଭାରତ ପାକିସ୍ତାନ ସୃଷ୍ଟି କରିପାରିଥିଲା, ତେବେ ସମୟ ଆସିଲେ କ'ଣ କରିପାରିବ, ମୋର ଅଧିକ କହିବା ଆବଶ୍ୟକ ନାହିଁ। ଆପଣମାନେ ବୁଝିପାରୁଥିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ପ୍ରଶଂସା କରି ରାଜନାଥ କହିଛନ୍ତି, ଏହା ଭାରତୀୟଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ବିଶ୍ୱରେ ବ୍ରହ୍ମୋସ୍‌ର ପ୍ରଭାବଶୀଳତାକୁ ପ୍ରମାଣିତ କରିଛି। ସାରା ବିଶ୍ୱ ଏବେ ଭାରତର ସାମର୍ଥ୍ୟକୁ ସ୍ୱୀକୃତି ଦେଇଛି। ଭାରତ ଏହାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିପାରେ ବୋଲି ବ୍ରହ୍ମୋସ୍ ଆମ ବିଶ୍ୱାସକୁ ସୁଦୃଢ଼ କରିଛି।

ଗତ ଏପ୍ରିଲ ୧୨ରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ପରେ ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ନାମରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ପାକିସ୍ତାନର ଏୟାରବେସ୍‌ଗୁଡ଼ିକୁ ଧ୍ୱଂସ କରିବା ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବ୍ୟବହାର କରିଥିଲା। ଲକ୍ଷ୍ନୌ ୟୁନିଟରେ ଏହି କ୍ଷେପଣାସ୍ତ୍ରର ଉତ୍ପାଦନ ଯୋଗୁ ଏହି ପ୍ରକଳ୍ପ ଭାରତର ବର୍ଦ୍ଧିତ ଆତ୍ମବିଶ୍ୱାସ ଏବଂ ପ୍ରତିରକ୍ଷା ଉତ୍ପାଦନ ସାମର୍ଥ୍ୟର ପ୍ରତୀକ ସାଜିଥିବା ରାଜନାଥ କହିଛନ୍ତି।

## ଦୀପାବଳି ପାଳନକୁ ...

୫ଟା ୫୪ ମିନିଟ୍ ପର୍ଯ୍ୟନ୍ତ ଅମାବାସ୍ୟା ରହୁଛି। ତେଣୁ ୨୧ ତାରିଖ ଦିନ ଦୀପାବଳି, ପୟା ଶ୍ରାଦ୍ଧ ପାଳନ କରିବା ବିଧେୟ ବୋଲି ମତପ୍ରକାଶ କରିଛନ୍ତି। ୨୦ କିମ୍ବା ୨୧ ତାରିଖରେ ଦୀପାବଳି ପାଳନ ହେବ ଏହି ଦ୍ୱନ୍ଦ୍ୱର ସ୍ରଷ୍ଟା ସ୍ୱୟଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏଥିରେ ଦ୍ୱିରୁକ୍ତି ନାହିଁ। ଅମାବାସ୍ୟାର ୨ୟ ସନ୍ଧ୍ୟା ବା ସୂର୍ଯ୍ୟଙ୍କ ଅସ୍ତ ପରେ ଅନ୍ୟୂନ ଏକ ଦଣ୍ଡ ବା ୨୪ ମିନିଟ୍ ରହିଲେ ଦ୍ୱିତୀୟ ଦିନ ପାଳନ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ପାଇଁ 'ଗଦାଧର ପଦ୍ଧତି'ର ୪୬୫ ପୃଷ୍ଠା ଓ 'ପଣ୍ଡିତ ସର୍ବସ୍ୱ'ର ୨୧୯ ପୃଷ୍ଠାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାରେ ଦୀପଦାନ ଶ୍ରାଦ୍ଧ ପାଳନ କଲେ ପିତୃପୁରୁଷ ଅସୁଖୀ ହୋଇଥାନ୍ତି ବୋଲି ମଧ ସେଥିରେ ଉଲ୍ଲେଖ ରହିଛି। ଏହି ଗାଣିତିକ ତ୍ରୁଟି ପାଇଁ ପଣ୍ଡିତ ସଭା ସମ୍ପୂର୍ଣ୍ଣ ଦାୟୀ ହୋଇଥିବାବେଳେ ଏକ ତ୍ରୁଟିପୂର୍ଣ୍ଣ ପର୍ବ ପାଳନ ପାଇଁ ତ୍ରୁଟିଯୁକ୍ତ ଦିନ ତାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାରେ ଦର୍ଶାଯାଇଛି। ଓଡ଼ିଶାର ଲୋକେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ୨୧ ତାରିଖରେ ପାଳନ କରନ୍ତୁ ବୋଲି ମିଶ୍ର କହିଛନ୍ତି।

ଅପରପକ୍ଷରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି, ୨୦ ତାରିଖ ସନ୍ଧ୍ୟାରେ ଲୋକମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ପାଳନ କରିବା ସହିତ ଦୀପାବଳି ପର୍ବ ମଧ ପାଳନ କରିବେ। ସୋମବାର ୨୦ ତାରିଖ ଅପରାହ୍ନ ୩ଟା ୨୩ ମିନିଟରୁ ଅମାବାସ୍ୟା ପ୍ରବେଶ କରୁଛି। ଏହା ପରଦିନ ଅର୍ଥାତ୍ ମଙ୍ଗଳବାର ୨୧ ତାରିଖ ଅପରାହ୍ନ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ରହିବ। ପୟାଶ୍ରାଦ୍ଧ ରାତ୍ରିକାଳୀନ ପର୍ବ ହୋଇଥିବାରୁ ସୋମବାର ସନ୍ଧ୍ୟାରେ ଅମାବାସ୍ୟା ରହୁଥିବାରୁ ଏହିଦିନ ପୟାଶ୍ରାଦ୍ଧ ପାଳନ ହେବ। ଏହାକୁ ନେଇ ଲୋକମାନେ ବିଭ୍ରାନ୍ତ ନ ହୋଇ ୨୦ ତାରିଖ ସୋମବାର ସନ୍ଧ୍ୟାରେ ପୟାଶ୍ରାଦ୍ଧ ପାଳନ କରନ୍ତୁ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଯେଉଁ ୫ଟି ପାଞ୍ଜି କରିଛି, ସେଥିରେ ଅପରାହ୍ନ ୫ଟା ୩୦ ଭିତରେ ଅମାବାସ୍ୟା ଶେଷ ହେଉଛି। ନିୟମ ଅନୁସାରେ ସନ୍ଧ୍ୟା ପରେ ଯଦି ୨୪ ମିନିଟ୍ ଅମାବାସ୍ୟା ରୁହେ ତେବେ ଦୀପଦାନ ଓ ଶ୍ରାଦ୍ଧ ହୋଇପାରିବ। ମାତ୍ର ୨୧ ତାରିଖ ସନ୍ଧ୍ୟା ପରେ ୨୪ ମିନିଟ୍ ରହୁନାହିଁ। ତେଣୁ ୨୧ ତାରିଖ ଦିନ ପାଳନ କରାଯାଇପାରିବ ନାହିଁ। ବିଭ୍ରାନ୍ତି ଘଟାଉଥିବା ବ୍ୟକ୍ତିଙ୍କୁ ବିଶୃଙ୍ଖଳା ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭାରୁ ବହିଷ୍କୃତ କରାଯାଇଛି ବୋଲି ସାଧାରଣ ସମ୍ପାଦକ ମିଶ୍ର କହିଛନ୍ତି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିରରେ ସୂର୍ଯ୍ୟୋଦୟକୁ ନେଇ ସମସ୍ତ ଦେବନୀତି ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ୨୧ ତାରିଖ ମଙ୍ଗଳବାର ଦିନ ସୂର୍ଯ୍ୟୋଦୟ ବେଳକୁ ଅମାବାସ୍ୟା ଥିବାରୁ ମଙ୍ଗଳବାର ଶ୍ରୀମନ୍ଦିରରେ ଅମାବାସ୍ୟା ପାଳନ ହେବା ସହ ସାଗର ବିଜେ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦେବ ଦୀପାବଳି ମାର୍ଗଶିର ଅମାବାସ୍ୟାରେ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ଅମାବାସ୍ୟାରେ ମହାପ୍ରଭୁଙ୍କ ନୀତି ନାହିଁ ବୋଲି ନୀତି ପ୍ରଶାସକ ମତବ୍ୟକ୍ତ କରି କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ୨୦, ୨୧ରେ ...

ମାସର ୪ର୍ଥ ଶନିବାର ଯେଉଁ ଛୁଟି ସରକାରୀ କର୍ମଚାରୀଙ୍କୁ ମିଳିବା କଥା ତାହା ହେବନାହିଁ। ୪ର୍ଥ ଶନିବାରକୁ କାର୍ଯ୍ୟଦିବସ ଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପଟେ ଆସନ୍ତା ୨୧ ତରିଖ ମଧ ସରକାରୀ ଛୁଟି ଯେମିତି ହେବା କଥା ହେବ। ହେଲେ ୨୧ରେ ରାଜ୍ୟର ସବୁ ବ୍ୟାଙ୍କିଙ୍ଗ୍ ଏବଂ ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡିକ ଖୋଲା ରହିବ।

## ବନ୍ୟପ୍ରାଣୀ, ପରିବେଶ ...

ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଏମାନଙ୍କ ନିକଟରେ ଅପହଞ୍ଚ ହୋଇରହିଛି। ଦଶନ୍ଧି ଧରି ଗ୍ରାମବାସୀ ଅନ୍ଧାରୀମୂଳକରେ ଦୟନୀୟ ଜୀବନଯାପନ କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟପ୍ରାଣୀ ସହ ସଂଘର୍ଷ ସବୁ ସମୟରେ ଲାଗି ରହୁଥିଲା। ବିଶେଷକରି ବର୍ଷାଦିନରେ ୩ ପାହାଡ଼ରୁ ବର୍ଷାପାଣି ଗାଁ ଭିତର ଦେଇ ପ୍ରବାହିତ ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ଏଥିରେ ଘର, ରାସ୍ତାଘାଟ, କଲଭର୍ଟ ଧୋଇଯାଉଥିଲା। ଏଥିସହ ପାହାଡ଼ଗୁଡ଼ିକରେ ଥିବା ଚିରସ୍ଥାୟୀ ଜଳଉତ୍ସ ଶୁଷ୍କ ହୋଇଗଲେ ମଣିଷ ଏବଂ ବନ୍ୟପ୍ରାଣୀଙ୍କୁ ସଂଘର୍ଷ କରିବାକୁ ପଡ଼େ। ପାଣି ପାଇଁ ହାତୀ, ଅନ୍ୟାନ୍ୟ ବନ୍ୟପ୍ରାଣୀ ଗାଁ ଭିତରକୁ ଚାଲିଆସୁଥିଲେ। ଅନେକ ସମୟରେ ଘର, ଫସଲ କ୍ଷତି ପହଞ୍ଚାଉଥିଲେ। ଏହାର ସମାଧାନ କରିବାକୁ ଏକ ସାମ୍ପ୍ରତିକ ପଦକ୍ଷେପ ମାଧ୍ୟମରେ ଗ୍ରାମବାସୀ ଏକାଠି ହୋଇ ପାହାଡ଼ର ଶୀର୍ଷରେ ମାଟି ବନ୍ଧ ନିର୍ମାଣ କରିବାକୁ ଚିନ୍ତା କରିଥିଲେ। ବୈଷୟିକ ମାର୍ଗଦର୍ଶନ, ସମ୍ବଳ, ପରିବେଶଗତ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି(ଏଫ୍‌ଇଏସ୍) ସହ ଯୋଗାଯୋଗ କରିଥିଲେ। ଏଫ୍‌ଇଏସ୍‌ର ଡିଜାଇନ, ସମର୍ଥନ ଓ ଗ୍ରାମବାସୀଙ୍କ ଶ୍ରମଦାନରେ ପାହାଡ଼ ଶିଖରରେ ପାଣି ରଖିବା, ଜଳ ପ୍ରବାହକୁ ଧୀର କରିବା ଏବଂ ବନ୍ୟାଜଳର ବେଗକୁ ହ୍ରାସ ପାଇଁ ବନ୍ଧ ନିର୍ମାଣ କରାଯାଇଛି। ଏହାଦ୍ୱାରା ବର୍ଷା ସମୟରେ ପାହାଡ଼ରୁ ପ୍ରବାହିତ ପାଣିକୁ ରୋକାଯାଇପାରୁଛି। ନିରନ୍ତର ଇଚ୍ଛାଶକ୍ତି ବଳରେ ଗ୍ରାମବାସୀ କାର୍ଯ୍ୟକୁ ସଫଳତାର ସହ ଶେଷ କରିଛନ୍ତି। ଫଳରେ ଗତ ୫ବର୍ଷ ହେଲା ନିରନ୍ତର ବର୍ଷା ସତ୍ତ୍ୱେ ବନ୍ଧ ଯୋଗୁ ତଳକଂସ ଗ୍ରାମକୁ ବନ୍ୟାର ସମ୍ମୁଖୀନ ହେବାକୁ ପଡୁନାହିଁ। ଘର, ଫସଲ ଏବଂ ଭିତ୍ତିଭୂମିକୁ ସୁରକ୍ଷା ଦେଇଛି। ବନ୍ଧରେ ସଂଗୃହୀତ ପାଣି ହାତୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଉତ୍ସ ପାଲଟିଛି। ଫଳରେ ଗ୍ରାମରେ ହାତୀ ଉପଦ୍ରବ ହ୍ରାସ ଘଟିବା ସହ ବନ୍ୟା ବିପଦ କମିଥିବା ଗ୍ରାମ ବିକାଶ କମିଟିର ସଭାପତି ଦାମୋଦର ଜୁଆଙ୍ଗ କହିଛନ୍ତି। ଏଫ୍‌ଇସିର ଜିଲା ଟିମ୍ ଲିଡ୍‌ର ସାସ୍ୱତିକ ତ୍ରିପାଠୀ କହିଛନ୍ତି, ମଣିଷ-ହାତୀ ସଂଘର୍ଷକୁ ବନ୍ଧ ନାଟକୀୟ ଭାବରେ ହ୍ରାସ କରିଛି। ଯାହା ମଣିଷ ଏବଂ ପଶୁ ଉଭୟଙ୍କୁ ସୁରକ୍ଷା ଦେଇଛି। ତୁରନ୍ତ ପରିବେଶଗତ ଏବଂ ସୁରକ୍ଷା ଲାଭ ବ୍ୟତୀତ ପ୍ରକଳ୍ପ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପ୍ରଦାୟ ଏବଂ ସାମୂହିକ କାର୍ଯ୍ୟର ଭାବନାକୁ ସୁଦୃଢ଼ କରିଛି।

## ୩ ନମ୍ବର ହେଲେ ...

ଦଳ ଦ୍ୱାରା ପ୍ରଲୋଭିତ ହୋଇ ପ୍ରାର୍ଥୀ ବିକ୍ରି ହୋଇଯିବେ ତେବେ ଅଧିକ ଅସୁବିଧା ସୃଷ୍ଟି କରିପାରେ ବୋଲି ବିଜେଡି ନେତାମାନେ ଅନୁମାନ କରିଥିଲେ । ସେଥିଲାଗି ସ୍ନେହାଙ୍ଗିନୀଙ୍କୁ ପ୍ରାର୍ଥୀ କରାଗଲା। ହେଲେ ଜିଲା ବାହାର ନେତ୍ରୀ ଭାବେ ସ୍ନେହାଙ୍ଗିନୀଙ୍କୁ କେତେ ସମର୍ଥନ ମିଳିବ ତାହା ସବୁଠାରୁ ବଡ଼ କଥା। ଏଭଳି ସ୍ଥିତିରେ ୫୨ ଜଣ ନେତାଙ୍କୁ ନୂଆପଡ଼ା ଉପନିର୍ବାଚନ ପାଇଁ ଗ୍ରାଉଣ୍ଡ୍‌ରେ କାମ କରିବା ପାଇଁ ଦାୟିତ୍ୱ ବଣ୍ଟାଯାଇଛି। ହେଲେ ସେହି ନେତାମାନଙ୍କ ଭିତରେ ଯେଉଁ ଟିମ୍ ସ୍ପିରିଟ୍ ରହିବା କଥା, ତାହା ଦେଖିବାକୁ ମିଳୁନାହିଁ। ବାରମ୍ବାର ଫୋନ୍ କରିବା ପରେ ଦାୟିତ୍ୱ ପାଇଥିବା ନେତାମାନେ ଯିବାକୁ ବାହାରିଛନ୍ତି। ନେତାଙ୍କ ଏଭଳି ଦୁର୍ବଳ ମନୋବଳ ନିର୍ବାଚନ ଫଳାଫଳ ଉପରେ ନାକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମଧ ଆଲୋଚନା ଚାଲିଛି। ଗତ ସାଧାରଣ ନିର୍ବାଚନରେ ମାତ୍ର ୧୪ଟି ବିଧାନସଭା ଆସନ ପାଇଥିବା କଂଗ୍ରେସ କିନ୍ତୁ ନିଜର ସବୁ ଶକ୍ତି ଲଗାଇ ନିର୍ବାଚନ ଲଢ଼ିବା ଆରମ୍ଭ କରିଦେଇଛି। କଂଗ୍ରେସ ପ୍ରାର୍ଥୀ ହୋଇଥିବା ଘାସିରାମ ଗତ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ଆଶା ରଖିଛି। ନିକଟରେ ନୂଆପଡ଼ା ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହି ଆସିଛନ୍ତି। ଆସନ୍ତା ଉପନିର୍ବାଚନରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଥା ପରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମଧ କିଛି ଲାଭ ହୋଇଥିବା କଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଏହିଭଳି ଭାବେ ଯଦି ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୁଏ ତେବେ ବିଜେଡିର ଭବିଷ୍ୟତ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟିହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯଦିଓ ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ଅନେକ କିଛି ଆକଳନ କରିହେବ ନାହିଁ, ତଥାପି କଂଗ୍ରେସ ଯଦି ୧ କିମ୍ବା ୨ ନମ୍ବର ସ୍ଥାନରେ ରହିଯାଏ, ଏହା ସବୁଦିନ ଲାଗି ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିବ। ହୁଏତ ଲୋକମାନଙ୍କ ମାନସିକତାରେ କଂଗ୍ରେସ ରାଜ୍ୟରେ ବଢୁଥିବା ବାର୍ତ୍ତା ଚାଲିଯାଇପାରେ। ତେଣୁ ପରବର୍ତ୍ତୀ ସମୟରେ ରାଜ୍ୟରେ ଯଦି କୌଣସି ନିର୍ବାଚନ ହୁଏ ତୃଣମୂଳସ୍ତରର କର୍ମୀମାନେ ସରକାରୀ ଦଳ ବିରୋଧରେ ଲଢ଼ିବାକୁ ଚିନ୍ତାକଲେ, କଂଗ୍ରେସକୁ ପ୍ରଥମ ବିକଳ୍ପ ଭାବେ ବାଛିନେବେ। ଯେକୌଣସି ନିର୍ବାଚନ ଭବିଷ୍ୟତରେ ହେବ, ସେଥିରେ କଂଗ୍ରେସ ଏବଂ ଭାଜପା ମଧ୍ୟରେ ସିଧାସଳଖ ଲଢ଼େଇ ହେବା ନେଇ ଏକ ନୂଆ ସମ୍ଭାବନା ସୃଷ୍ଟି ହୋଇଯିବ ବୋଲି ଅନେକେ କୁହାକୁହି ହେବା ଆରମ୍ଭ କରିଦେଲେଣି। ଏହା ଜାଣିପାରି ଏବଂ ନିଜ ଦଳର ନେତାମାନଙ୍କ ଭିତରେ ଉପନିର୍ବାଚନରେ କାମ କରିବାର ଅନାଗ୍ରହ କଥା ବୁଝିପାରି ନିଜେ ନବୀନ କୁଆଡ଼େ ଟେଲିଫୋନ ଯୋଗେ ନେତାମାନଙ୍କ ସହ କଥା ହେଉଛନ୍ତି ବୋଲି ତାଙ୍କ ଦଳ ଭିତରେ ଚର୍ଚ୍ଚା ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁତ ଦିନରୁ ଲାଗି ରହିଥିବା ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ପାଖ ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ଅପରାହ୍ନ ସମୟରେ ମନ ଉଦାସ ରହିବ। ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି, କିନ୍ତୁ ଆପଣଙ୍କ ଅସୁସ୍ଥତାବଶତଃ କାମ ସ୍ଥଗିତ ରହିଯିବ।

**ବୃଷ** ଦୀର୍ଘ ଦିନରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁମାନଙ୍କ ପରିହାସଯୁକ୍ତ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ** ଦୈହିକ ଦୁର୍ବଳତା ଯୋଗୁ କର୍ମକ୍ଷେତ୍ରରେ ମନୋବଳ କମିଯାଇପାରେ। ଖଳ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଅଫିସ୍‌ରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ରହି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ମାନସିକ ସ୍ଥିତି ବହୁତ ଭଲ ରହିବ ଏବଂ ହିତୈଷୀଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଧାର କରଜ, ଭଡ଼ାସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା** ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ତୁଳା** ଚେଷ୍ଟା କରୁଥିବା କାମରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ବିଛା** ଆବଶ୍ୟକତାକୁ ଅନୁଭବ କରି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର** କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଦେଖି ଓ ତାଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବିଳମ୍ବରେ ହେଲେ ମଧ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ, ଯାହାକି କାମକୁ ତ୍ୱରାନ୍ୱିତ ହେବାରେ ସାହାଯ୍ୟ କରିବ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇପାରିବେ ନାହିଁ।

**ମୀନ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ଧନ୍ୱନ୍ତରୀ ଜୟନ୍ତୀ, କାର୍ତ୍ତିକ କୃଷ୍ଣପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୩୨ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ମି. ଗତେ ଘ.୦୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୦ ଗତେ ଘ.୦୫।୧୬ ମଧ୍ୟେ ରାହୁକାଳ।

# ୟୁକ୍ରେନ୍‌କୁ ମିଳି ନ ପାରେ ଆମେରିକୀୟ 'ଟୋମାହକ୍'




ୱାଶିଂଟନ୍,୧୮।୧୦

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶୁକ୍ରବାର ୱାଶିଂଟନ୍ ଗସ୍ତ କରି ହ୍ୱାଇଟ୍‌ହାଉସ୍‌ରେ ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆଲୋଚନା ହୋଇଥିବାବେଳେ ଟ୍ରମ୍ପ ବର୍ତ୍ତମାନ ଜେଲେନ୍‌ସ୍କିଙ୍କୁ ଟୋମାହକ୍ ମିଶାଇଲ ଦେଇ ନ ପାରନ୍ତି ନାହିଁ ବୋଲି ଜଣାପଡ଼ିଛି। ସଦ୍ୟ ଇସ୍ରାଏଲ୍-ହମାସ୍ ଯୁଦ୍ଧାବସାନ ଘଟାଇଥିବା ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ୟୁକ୍ରେନ୍ -ରୁଷିଆ ଯୁଦ୍ଧବିରତି ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ସାକ୍ଷାତ୍ କରି ଗାଜା ଅସ୍ତ୍ରବିରତିର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରମ୍ପଙ୍କ ସହଯୋଗରେ ଏହି ଯୁଦ୍ଧ ମଧ୍ୟ ବନ୍ଦ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜେଲେନ୍‌ସ୍କିଙ୍କ ମତରେ ୟୁକ୍ରେନ୍ ଆମେରିକାକୁ ଡ୍ରୋନ୍ ଦେବ ଏବଂ ଏହା ବଦଳରେ ଦୂରଗାମୀ ଟୋମାହକ୍ କ୍ଷେପଣାସ୍ତ୍ର ନେବ। ୧,୬୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଟୋମାହକ୍ ମିଶାଇଲର ଘଣ୍ଟାପ୍ରତି ବେଗ ୫୫୦ ମାଇଲ। ଏହି ସ୍ୱତନ୍ତ୍ର କ୍ଷେପଣାସ୍ତ୍ରର ବିସ୍ଫୋରକ ଧାରଣ କ୍ଷମତା ୧,୦୦୦ ପାଉଣ୍ଡ। ଟୋମାହକ୍ ମିଶାଇଲ୍ ବଳରେ ୟୁକ୍ରେନୀୟ ସେନା ରୁଷିଆର ସାମରିକ ଓ ରଣନୈତିକ ଭିତ୍ତିଭୂମିକୁ ଟାର୍ଗେଟ କରିପାରିବ। ଟ୍ରମ୍ପ ମଧ୍ୟ ୟୁକ୍ରେନ୍‌କୁ ଟୋମାହକ୍ ମିଶାଇଲ ଦେବା ପାଇଁ ପୂର୍ବରୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ସେ ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍‌ରେ ଆଲୋଚନା କରିବା ପରେ ତାଙ୍କ ମନ ବଦଳିଯାଇଛି। ଆସନ୍ତା ସପ୍ତାହରେ ଟ୍ରମ୍ପ ଓ ପୁଟିନ୍ ହଙ୍ଗେରିର ବୁଦାପେଷ୍ଟରେ ପରସ୍ପରକୁ ଭେଟିବାକୁ ସ୍ଥିର ହୋଇଥିବାବେଳେ ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ରୁଷୀୟ ପ୍ରତିପକ୍ଷ କ୍ଷୁବ୍ଧ ହୋଇପାରନ୍ତି ବୋଲି ଆମେରିକା ରାଷ୍ଟ୍ରପତି ମନେକରୁଛନ୍ତି। ଇତିମଧ୍ୟରେ ଆମେରିକା ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ଉତ୍ତେଜନା ବଢ଼ିବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଚେତାବନୀ ଦେଇଛନ୍ତି। ତେଣୁ ଟ୍ରମ୍ପ ବର୍ତ୍ତମାନ ସ୍ଥିତିରେ ୟୁକ୍ରେନ୍‌କୁ ଟେମାହକ୍ ମିଶାଇଲ ନ ପଠାଇବା ନେଇ ସଙ୍କେତ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଆମେ ମଧ୍ୟ ଆମେରିକା ପାଇଁ ଟୋମାହକ୍ ଚାହୁଁଛୁ। ଆମ ପାଖରେ ଏଭଳି ବହୁ ମିଶାଇଲ ଅଛି। ତେବେ ଆମେରିକାର ଆବଶ୍ୟକତା ଥିବାରୁ ବର୍ତ୍ତମାନ ଦେଇପାରିବୁ କି ନାହିଁ ତାହା କହିହେବ ନାହିଁ।

# ୨୧ରେ ପୁଣି ଲଘୁଚାପ, ୨୩ରେ ଅବପାତ

## ■ ବାତ୍ୟା ନେଇ ଆକଳନ କରାଯାଇନାହିଁ: ଆଇଏମ୍‌ଡି ଡିଜି
## ■ ଆଶଙ୍କା ବଢ଼ାଇଲା ଆମେରିକାନ୍ ପାଣିପାଗ ମଡେଲ

ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷରେ ଆମେରିକାର ପାଣିପାଗ ମଡେଲ 'ଜିଏଫ୍‌ଏସ୍'ର ଆକଳନ କରିଛି ଯେ, ଏହି ଅବପାତ ବାତ୍ୟା ଆଣିପାରେ। ବାତ୍ୟା ସୃଷ୍ଟି ହେଲେ ଭୟଙ୍କର ରୂପ ନେବାର ଅଧିକ ସମ୍ଭାବନା ରହିଛି। ତେବେ ଆମେରିକାନ ମଡେଲର ଏହି ଆକଳନକୁ ନେଇ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସମ୍ଭାବ୍ୟ ଅବପାତ ବାତ୍ୟାର ରୂପ ନେବ କି ନାହିଁ ଏବେଠାରୁ ତାହାର କୌଣସି ପୂର୍ବାନୁମାନ କରାଯାଇନାହିଁ। ଜିଏଫ୍‌ଏସ୍ ମଡେଲ ଦେଖନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଯାହା ପୂର୍ବାନୁମାନ କରାଯାଉଛି ତାହା ଦେଖନ୍ତୁ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସ୍ଥିତି ସ୍ପଷ୍ଟ ହେବ। ତେବେ ୨୧ ତାରିଖ ପୂର୍ବରୁ ମତ୍ସ୍ୟଜୀବୀମାନେ କୂଳକୁ ଫେରି ଆସିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ଜିଲାରେ ବର୍ଷା ହୋଇଥିବାବେଳେ ଅଧିକାଂଶ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିଲା। ସେହିଭଳି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା ଏବଂ ଅନ୍ୟ ଜିଲାଗୁଡିକରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ତେବେ ରବିବାର ରାଜ୍ୟର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲାଗୁଡିକର କିଛି ସ୍ଥାନରେ ବିଜୁଳି, ଘଡଘଡି ଓ ଝଟ୍‌କା ପବନ ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

### ଭୟ ଆଣୁଛି ଅକ୍ଟୋବର

ଅକ୍ଟୋବର ଆସିଲେ ଓଡ଼ିଶାବାସୀଙ୍କ ମନରେ ବାତ୍ୟା ଭୟ ଘାରୁଛି। ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ସାଧାରଣତଃ ମୌସୁମୀର ଲେଉଟାଣି ସମୟ ଅକ୍ଟୋବରରେ ହିଁ ଓଡ଼ିଶାରେ ଅଧିକ ବଡ଼ ବାତ୍ୟା ଆସିଛି। ୧୯୯୯ ଅକ୍ଟୋବର ୨୯ରେ ପ୍ରଳୟଙ୍କରୀ ମହାବାତ୍ୟା ସୃଷ୍ଟି ହୋଇଥିବାବେବେଳେ ଏହାର ୧୪ବର୍ଷ ପରେ ୨୦୧୩ ଅକ୍ଟୋବର ୧୨ରେ ଗୋପାଳପୁରରେ ବାତ୍ୟା 'ଫାଇଲିନ୍' ଲ୍ୟାଣ୍ଡଫଲ୍ କରିଥିଲା। ୨୦୧୪ ଅକ୍ଟୋବର ୧୨ରେ 'ହୁଦ୍‌ହୁଦ୍', ୨୦୧୮ ଅକ୍ଟୋବର ୧୦ରେ 'ତିତ୍‌ଲି' ଏବଂ ୨୦୨୪ ଅକ୍ଟୋବର ୨୩ରେ ବାତ୍ୟା 'ଦାନା' ରାଜ୍ୟବାସୀଙ୍କ ଉପରେ ଦାଉ ସାଧିଥିଲା। ଚଳିତବର୍ଷର ପାଣିପାଗ ସ୍ଥିତିକୁ ଦେଖିଲେ ଓ ଆଗାମୀ ଲଘୁଚାପ ଅବପାତର ରୂପ ନେବା ସମ୍ଭାବନା ଥିବାରୁ ଲୋକଙ୍କ ମନରେ ବାତ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏପରିସ୍ଥିତିରେ ଆମେରିକାର ପାଣିପାଗ ମଡେଲର ବାତ୍ୟା ଆକଳନ ଚିନ୍ତା ବଢ଼ାଇଛି।

# ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍ କୋର୍ଟର ମଞ୍ଜୁରୀ



ନୂଆଦିଲ୍ଲୀ,୧୮।୧୦

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍‌ର ଏକ ଅଦାଲତ ଶୁକ୍ରବାର ଅନୁମୋଦନ କରିଛନ୍ତି। ଗତ ଏପ୍ରିଲ ୧୧ରେ ବେଲ୍‌ଜିଅମ୍ ପୋଲିସ ଚୋକ୍‌ସିଙ୍କୁ ଗିରଫ କରିବା ପରେ ସେ ୪ ମାସ ହେଲା ଜେଲରେ ରହିଛନ୍ତି। ଭାରତର ଅନୁରୋଧକ୍ରମେ ବେଲ୍‌ଜିଅମ୍ ପୋଲିସ ଦ୍ୱାରା ଚୋକ୍‌ସିଙ୍କ ଗିରଫଦାରିକୁ ଆଣ୍ଟୱେର୍ପସ୍ଥିତ ଅଦାଲତ ବୈଧ ବୋଲି କହିଛନ୍ତି। ଚୋକ୍‌ସି ଚାହିଁଲେ ଉକ୍ତ ରାୟ ବିରୋଧରେ ୧୫ ଦିନ ମଧ୍ୟରେ ବେଲ୍‌ଜିଅମ୍ ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଅଦାଲତ ଉଭୟ ଭାରତ ପକ୍ଷର ବେଲ୍‌ଜିଅମ୍ ଓକିଲ ଏବଂ ଚୋକ୍‌ସିଙ୍କ ଲିଗାଲ ଟିମ୍‌ର ଯୁକ୍ତି ଶୁଣିବା ପରେ ପ୍ରତ୍ୟର୍ପଣ ଆବେଦନକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

# ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ଯାନ ପ୍ରବେଶ ବନ୍ଦ

ନୂଆଦିଲ୍ଲୀ,୧୮।୧୦

ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ବ୍ୟବସାୟିକ ଯାନ ଉପରେ ନିଷେଧାଦେଶକୁ ଶୁକ୍ରବାର ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଅନୁମୋଦନ କରିଛି। ଏନ୍‌ସିଆର୍ ରାଜ୍ୟଗୁଡ଼ିକରେ ନଡ଼ା ପୋଡି ବନ୍ଦ କରିବାରେ ବିଫଳ ହେଉଥିବା ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆୟୋଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଗର ୨୫ତମ ବୈଠକରେ ସିଏକ୍ୟୁଏମ୍ ଅଧ୍ୟକ୍ଷ ରାଜେଶ ବର୍ମା କେତେକ ନିର୍ଦ୍ଦେଶନାମାରେ ସଂଶୋଧନ କରିଛନ୍ତି। ତଦନୁଯାୟୀ ପଞ୍ଜାବ, ହରିୟାଣା, ଦିଲ୍ଲୀ ସମେତ ଦିଲ୍ଲୀ ଓ ରାଜସ୍ଥାନର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଜିଲା କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ନଡ଼ାପୋଡ଼ି ବନ୍ଦ କରିବାରେ ବିଫଳ ଅଧିକାରୀଙ୍କ ବିରୋଧରେ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୧ରୁ କେବଳ ବିଏସ୍-୬, ସିଏନ୍‌ଜି, ଏଲ୍‌ଏନ୍‌ଜି ଏବଂ ବିଦ୍ୟୁତ୍‌ଚାଳିତ ବ୍ୟବସାୟିକ ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ।

# ନଭେମ୍ବର ୧୦ରୁ ଜନଗଣନା ପ୍ରାକ୍ ପରୀକ୍ଷା

ନୂଆଦିଲ୍ଲୀ,୧୮।୧୦

୨୦୨୭ ଜନଗଣନା ପାଇଁ ପ୍ରାକ୍ ପରୀକ୍ଷା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନୋନୀତ ନମୁନା ଅଞ୍ଚଳରେ ପ୍ରି-ଟେଷ୍ଟ କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ଜାରି କରିଥିବା ବିଜ୍ଞପ୍ତିରେ ଘୋଷଣା କରାଯାଇଛି। ନଭେମ୍ବର ୧ରୁ ୭ ମଧ୍ୟରେ ଜନସାଧାରଣ ସେଲ୍ଫ ଇନୁମେରେଶନ ୱିଣ୍ଡୋ ଜରିଆରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଡିଜିଟାଲି ଦାଖଲ କରିପାରିବେ ବୋଲି ରେଜିଷ୍ଟ୍ରାର ଜେନେରାଲ ଏବଂ ଭାରତର ସେନ୍‌ସନ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକାକରଣ ଏବଂ ଗୃହଗଣନା କରାଯିବ।



ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ



ଆକାର ପଟେଲ

ଭାରତ ଓ ଜି୨୦ ସମ୍ପର୍କରେ କ'ଣ ମନେଅଛି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ହୁଏତ ମୋ ଭଳି ଅନେକ ପାଠକ ଉତ୍ତର ଦେବେ ଯେ, ଦୁଇ ବର୍ଷ ପୂର୍ବେ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିଲାବେଳେ ଏ ସମ୍ପର୍କରେ ପ୍ରଚାରପତ୍ର ଓ ହୋର୍ଡିଂ ଲଗାଇଥିଲା। ତେବେ ସେହି ଅଧ୍ୟକ୍ଷତାରୁ କି ସୁଫଳ ମିଳିଲା କିମ୍ବା ଆମେ ଯେଉଁ ଯୋଜନା ଆରମ୍ଭ କରିଥିଲୁ ପରେ ତାହା ରହିଛି କି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ମୁଁ ତାହାର କୌଣସି ଉତ୍ତର ଦେଇପାରିବି ନାହିଁ। କାରଣ ତୁମ ଭଳି ମୁଁ ମଧ୍ୟ କିଛି ଜାଣିନାହିଁ। ଗୋଟିଏ ବିଷୟ ପାଇଁ ଜି୨୦ ଏକ ସୁଯୋଗ ଥିଲା ଏବଂ ତାହା ହାସଲ ହୋଇନାହିଁ। କିଛିଦିନ ପୂର୍ବରୁ ଭାରତ ଜାତିସଂଘକୁ ଯାଇ ତାହାର ବ୍ୟବସ୍ଥାଗତ ପୁନର୍ଗଠନ ପାଇଁ କହିଥିଲା। ଭାରତ ଯେତେବେଳେ ଜାତିସଂଘ ପୁନର୍ଗଠନ ବିଷୟରେ କହୁଛି ସେଥିରୁ ବୁଝିବାକୁ ହେବ ଯେ, ଭିଟୋ ସହ ଆମେ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ଚାହୁଁଛୁ। ଭାରତର ବୈଦେଶିକ ମନ୍ତ୍ରୀ କହିଥିଲେ, ଦକ୍ଷିଣ ଆଫ୍ରିକା ପ୍ରତି କରାଯାଇଥିବା ଅନ୍ୟାୟ ଦୂର ହେବା ଉଚିତ। ପରିଷଦର ଉଭୟ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। ପୁନର୍ଗଠିତ ପରିଷଦ ବାସ୍ତବରେ ପ୍ରତିନିଧିଭିତ୍ତିକ ହେବା ଉଚିତ ଏବଂ ଭାରତ ଅଧିକ ଉତ୍ତରଦାୟିତ୍ୱ ବହନ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଥିଲେ। କୌଣସି ଦେଶର ଲକ୍ଷ୍ୟ ରହିବା ଭଲ କଥା, କିନ୍ତୁ ପ୍ରଶ୍ନ ହେଉଛି ଆମେ ତାହା ପାଇଁ କ'ଣ କରୁଛୁ। ଭାଜପାର ୨୦୨୪ ଇସ୍ତାହାରରେ ଏ ସମ୍ପର୍କରେ ଗୋଟିଏ ଧାଡ଼ି ରହିଛି। ତାହା ହେଉଛି– ''ବୈଶ୍ୱିକ ନୀତି ନିର୍ଦ୍ଧାରଣରେ ଭାରତର ସ୍ଥିତି ମଜଭୁତ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇବା ସକାଶେ ପ୍ରତିବଦ୍ଧ।''ତେବେ ଏହା କେମିତି ହାସଲ କରିହେବ ସେ ସମ୍ପର୍କରେ ବିସ୍ତୃତ ଭାବେ କୁହାଯାଇ ନାହିଁ। ଭାରତକୁ ଅଧିକ କ୍ଷମତା ଦିଆଯିବା ଉଚିତ ବୋଲି ଭାରତ ଦାବି କରୁଛି। କିନ୍ତୁ ଏ ସମ୍ପର୍କରେ ୫ଟି ସ୍ଥାୟୀ ସଦସ୍ୟ ଏବଂ ସାଧାରଣ ସଭାର ଦୁଇ ତୃତୀୟାଂଶକୁ ଭାରତ କ'ଣ କହି ବୁଝେଇବ, ସେ ବିଷୟରେ କିଛି ସୂଚିତ କରିନାହିଁ। ବିଶ୍ୱରେ ଭାରତକୁ ଯେତିକି ମିଳିବା ଉଚିତ ଭାରତ ତାହାଠାରୁ ଅଧିକ ଯୋଗ୍ୟ ବୋଲି ଧାରଣା ରହିଛି। କିନ୍ତୁ ଏହି ବିଷୟରେ ବୈଦେଶିକ ନୀତିର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିବାଭଳି ମନେହେଉନାହିଁ। ଧରି ନିଆଯାଉ, ଆମେ ସେହି ଆସନ ପାଇଲେ । ହେଲେ ଏଥିରେ ଆମେ ଯାହା କରିବା କଥା ତାହା ବର୍ତ୍ତମାନ କରିପାରିବୁ କି ନାହିଁ ତାହା ଉପରେ କୌଣସି ସ୍ୱଷ୍ଟତା ନାହିଁ। ବିଶ୍ୱରେ ଏବେ ଗାଜା ଓ ୟୁକ୍ରେନ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କିନ୍ତୁ ଏହା ଉପରେ ଜାତିସଂଘରେ ଭୋଟିଂରୁ ଭାରତ ବିରତ ରହିଛି। ବିଶ୍ୱକୁ ଜଣାଇବା ପାଇଁ ଜଣଙ୍କ ପାଖରେ କିଛି ନ ଥିବାବେଳେ, ଭିଟୋ ଥାଉ ବା ନ ଥାଉ, ତାହାର କୌଣସି ଫରକ ପଡ଼ିବ ନାହିଁ।

ଚାଇନା ୟୁଏନ୍‌ଏସ୍‌ସି ସଦସ୍ୟତାକୁ ଆଧାର କରି ସୁପର୍‌ପାୱାର ହୋଇନାହିଁ, ବରଂ ୧୯୯୦ରୁ ଶିଳ୍ପନୀତି ଏବଂ ଆର୍ଥିକ ଅଭିବୃଦ୍ଧି ବଳରେ ଏହା ହାସଲ କରିଛି। ଭାଜପା ମଧ୍ୟ ୨୦୧୪ ଇସ୍ତାହାରରେ ଦର୍ଶାଯାଇଥିଲା ଯେ, ପୂର୍ବର ୟୁପିଏ ସରକାରଙ୍କ ବୈଦେଶିକ ନୀତିରେ ସ୍ୱଷ୍ଟତା ବଦଳରେ ଦ୍ୱନ୍ଦ୍ୱ ଦେଖିଛୁ ଏବଂ ନେତୃତ୍ୱର ଅଭାବରୁ ଭାରତ ସମସ୍ୟାରେ ଥିବା ଦେଖାଯାଇଛି ; ଯେଉଁଥିପାଇଁ ଏହା ଆତ୍ମବିଶ୍ୱାସର ସହ ବିଶ୍ୱ ସହିତ ଜଡ଼ିତ ହେବାର ଥିଲା। ହେଲେ ମନମୋହନ ସିଂଙ୍କ ଶାସନ କାଳରେ ଭାରତ ପଡ଼ୋଶୀଦେଶଗୁଡ଼ିକ ସହିତ ସ୍ଥାୟୀ ବନ୍ଧୁତ୍ୱ ଓ ସହଯୋଗୀ ସମ୍ପର୍କ ରଖିବାରେ ବିଫଳ ହୋଇଥିଲା। ଫଳରେ ଭାରତ ଓ ଏହାର ପଡ଼ୋଶୀମାନେ ପରସ୍ପରଠାରୁ ଅଲଗା ହୋଇ ରହିଲେ। ଭାଜପା ଏହାକୁ ସୁଧାରିବା ସହ ସାର୍କକୁ ମଜଭୁତ କରିଛି ବୋଲି ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ବାସ୍ତବତା ହେଉଛି, ନଭେମ୍ବର ୨୦୧୪ରୁ ସାର୍କର ବୈଠକ ହୋଇନାହିଁ, କାରଣ ଏଥିରେ ଆମର କୌଣସି ଆଗ୍ରହ ନାହିଁ। ସେହି ସମ୍ମିଳନୀର ଶେଷ ବୈଠକ ପରଠାରୁ ଆଫଗାନିସ୍ତାନ, ବାଂଲାଦେଶ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କାର ନେତାମାନେ ପରିବର୍ତ୍ତନ ହୋଇଛନ୍ତି। ହେଲେ ଭାରତର ସେହି ସମାନ ବ୍ୟକ୍ତି ଶାସନରେ ଅଛନ୍ତି। ଆମେ ଆମ ପଡ଼ୋଶୀଙ୍କୁ ଏକାଠି କରି ରଖିପାରି ନାହୁଁ। କିନ୍ତୁ ବିଶ୍ୱାସ କରୁଛୁ ଯେ, ଯଦି ଜାତିସଂଘରେ ଅଧିକ କ୍ଷମତା ଦିଆଯାଏ ତେବେ ଆମେ ବିଶ୍ୱରେ ସୁଧାର ଆଣିପାରିବୁ। ଆସିଆନ ସହ ସମ୍ପର୍କ ରଖିବା ପାଇଁ ପାର୍ଟି ଅଧିକ କିଛି କରିବ ବୋଲି ଭାଜପା ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ୨୦୧୯ରେ ଆମେ ଆସିଆନ ନେତୃତ୍ୱରେ କରାଯାଇଥିବା ଆଞ୍ଚଳିକ ବ୍ୟାପକ ଆର୍ଥିକ ଭାଗୀଦାରି (ଆର୍‌ସିଇପି)ଭଳି ମୁକ୍ତ ବାଣିଜ୍ୟ ଚୁକ୍ତିରେ ଯୋଗଦେବାକୁ ଚାହିଁଲୁ ନାହିଁ।

ଇସ୍ତାହାରଗୁଡ଼ିକରେ 'ବସୁଧୈବ କୁଟୁମ୍ବକମ୍ ' ଦୁଇଟି ଶବ୍ଦ ରହିଛି। ଭାରତ ମାନବ ଜାତିକୁ ଗୋଟିଏ ପରିବାର ଭାବେ ଦେଖୁଛି କିନ୍ତୁ ନାଗରିକ ସଂଶୋଧନ ଆଇନରୁ ବାଂଲାଦେଶୀ ଶରଣାର୍ଥୀଙ୍କ ସମେତ ଅନ୍ୟ ଯେଉଁମାନେ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଛାଡ଼ି ଚାଲିଯିବା ଲାଗି କହୁଛୁ। ତେବେ ଏହି ଦୁଇ ଶବ୍ଦର କୌଣସି ମୂଲ୍ୟ ନାହିଁ ଏବଂ ଏହା କେବଳ ନିରର୍ଥକ ମନ୍ତବ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ। ଯଦି ସେଠାରେ ପହଞ୍ଚିବା ପାଇଁ ଆମ ପାଖରେ କୌଣସି ବାଟ ନାହିଁ ଏବଂ ଭିଟୋକୁ ନେଇ ଆମେ କ'ଣ କରିବୁ ତାହା ଯଦି ଜାଣିନାହୁଁ, ତେବେ ଆମେ କାହିଁକି ବଡ଼ ଦାୟିତ୍ୱ ପାଇଁ ଚିଲୋଉଛୁ? ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ଆମକୁ ଗର୍ବର ସହ ଚାଲିବାକୁ ଏକ ମଞ୍ଚ ଦେବ ଏବଂ ଆମେ ବିଶ୍ୱର ନେତା ବୋଲି ବାହାନା କରିବା ସହିତ ବିଶ୍ୱ ସମୁଦାୟର ଅଗ୍ରଣୀ ନେତୃତ୍ୱ ଭାବେ ଦର୍ଶାଇବାକୁ ସୁଯୋଗ ଦେବ। ଏହା ହେଉଛି ଆଉ ଏକ ଜାଗା, ଯେଉଁଠି ଆମେ ଭରସାଯୋଗ୍ୟ ବୋଲି ବାହାନା କରିପାରିବା। ଆମ ବ୍ୟକ୍ତିତ୍ୱ ଓ ନିଜସ୍ୱ କୂଟନୀତିକୁ ପ୍ରଦର୍ଶନ କରିପାରିବା। ବିଶ୍ୱ ଏହା ଜାଣେ। ଏହା ଆମକୁ ଅନୁଧ୍ୟାନ କରିଛି, ଆମର ସବୁ କଥା ଶୁଣିଛି, କୌଣସି ଘଟଣାରେ ଆମ ନୀରବତା ଏବଂ ଦୂରେଇ ରହିବାର ସ୍ୱଭାବକୁ ଦେଖିଛି। କୌଣସି ଏକ ଦେଶ ଅନ୍ୟମାନଙ୍କ ତୁଳନାରେ ଗୋଟିଏ ବିଷୟରେ ନିଜକୁ ଯୋଗ୍ୟ ମଣିବାର ବିଚାର ଠିକ୍ ଲାଗୁନାହିଁ। ଏହି କାରଣରୁ ସରକାର ୟୁଏନ୍‌ଏସ୍‌ସିରେ ଏକ ସ୍ଥାୟୀ ଆସନ ପାଇବା ପାଇଁ କୌଣସି ରାସ୍ତା ବାହାର କରିନାହାନ୍ତି।

Email:aakar.patel@gmail.com

# ଜୀବନର ଗତିପଥ




ଡ. ସୁବାସ ଚନ୍ଦ୍ର ପାତ୍ର

ଆଉ ଯାହା ହେଉ ନ ହେଉ, ଜୀବନର ଗତିପଥ କ୍ୱଚିତ ଏକ ପ୍ରତ୍ୟାଶିତ ସରଳରେଖାରେ ଗତିକରେ। ଯାତ୍ରୀକୁ ମଧୁର ପ୍ରତାରଣା ପ୍ରଦାନ କରିବା ଏହି ଗତିପଥର ପ୍ରମୁଖ ଲକ୍ଷଣ! ଏବେ ସେମିତି କିଛି ପ୍ରତାରଣାର ସ୍ୱାଦୁ ଚାଖିବା, ଯାହା ଯାତ୍ରୀ ପାଇଁ ଥାଏ ଅକଳ୍ପନୀୟ।

ରାଜା ଚାଲିଛନ୍ତି ସୈନ୍ୟସାମନ୍ତ ଧରି ହାତୀପିଠିରେ। ନଅରରୁ କିଛି ବାଟ ଗଲାପରେ ସେ ଦେଖନ୍ତି ସମାନ୍ତରାଳ ଭାବେ ଚାଲି ଚାଲି ଯାଉଛନ୍ତି ତାଙ୍କ ରାଜସଭାର ମୁଖ୍ୟ ପରାମର୍ଶଦାତା, ଯିଏ ତାଙ୍କର ବନ୍ଧୁ ଏବଂ ଦିଗ୍‌ଦର୍ଶକ ମଧ୍ୟ। ରାଜା ବନ୍ଧୁସୁଲଭ ଉଷ୍ମତା ନେଇ ପଚାରିଲେ, 'କୁଆଡ଼େ ଚାଲିଲ ?' ପରାମର୍ଶଦାତା କହିଲେ, ''ମୁଁ କ'ଣ ଜାଣେ ?'' ସମ୍ପର୍କର ନିବିଡ଼ତାଜନିତ ଏହା ଏକ ଖାମଖିଆଲ ଉତ୍ତର ଭାବି ରାଜା ପୁଣି ପ୍ରଶ୍ନଟି ଦୋହରାଇଲେ। ମିଳିଥିଲା ସମାନ ଉତ୍ତର। ଏଣେ ସୈନ୍ୟସାମନ୍ତ, ଅନ୍ୟ ଅଧିକାରୀଗଣ ରାଜାଙ୍କ ରାସ୍ତା ମଝିରେ ଅଟକିବା ଏବଂ ଏପରି ବାର୍ତ୍ତାଳାପ କରିବା ରାଜପଦର ଅବମାନନା ବୋଲି ଭାବି ଅଶାନ୍ତ ହୋଇ ପଡୁଥିଲେ। ରାଜାଙ୍କ ଅହଂକାରକୁ ମଧ୍ୟ ଏହା ସାମାନ୍ୟ ଆଘାତ ଦେଲା। ଉତ୍‌କ୍ଷିପ୍ତ ହୋଇ ସେ କହିଲେ, ''ୟାଙ୍କୁ କାରାଗାରରେ ନିକ୍ଷେପ କର।'' ରାଜା ତାଙ୍କ ବାଟରେ ଆଗେଇଗଲେ। ସନ୍ଧ୍ୟା ଦରବାରରେ ମନ୍ତ୍ରୀ ରାଜାଙ୍କ ଏହି ସିଦ୍ଧାନ୍ତର ମୃଦୁ ପ୍ରତିବାଦ କଲେ। ନିଜ ପରାମର୍ଶଦାତାଙ୍କୁ ଅଯଥାରେ ରାସ୍ତାରେ ଅଟକାଇ ପ୍ରଶ୍ନ ପଚାରିବା ଏବଂ ପ୍ରତ୍ୟାଶିତ ଉତ୍ତର ନ ପାଇ ତାଙ୍କୁ ଜେଲରେ ପୂରାଇବା ନିତାନ୍ତ ଅନ୍ୟାୟ ବୋଲି ସେ ମତବ୍ୟକ୍ତ କଲେ। ରାଜା ତାଙ୍କ ମୁକ୍ତିର ନିର୍ଦ୍ଦେଶ ଦେଲେ। ପାଖରେ ବସାଇ ସମସ୍ତ ଘଟଣାଟିକୁ ହାଲୁକା କରି ପୁଣି ପଚାରିଲେ, 'ଆଚ୍ଛା ସତ କହିଲ, ତୁମେ ଯାଉଥିଲ କୁଆଡ଼େ ?' ଉପଦେଷ୍ଟା କହିଲେ, ''ଏତେ ଘଟଣା ପରେ ବି ଆପଣ ଉତ୍ତର ପାଇ ପାରୁନାହାନ୍ତି। ମୁଁ କ'ଣ ଘରୁ ବାହାରିଲା ବେଳେ ଜାଣିଥିଲି ମୋର କିଛି ଘଣ୍ଟାର କାରାଗାର ଯୋଗ ଅଛି ବୋଲି ? ମୁଁ ଯାଉଥିଲି କୁଆଡ଼େ, ପହଞ୍ଚିଲି କେଉଁଠି ?'' ଏ ଥିଲା ମନୋଜ ଦାସ ପରିବେଷିତ ଏକ କାହାଣୀର ପ୍ରତିଧ୍ୱନି।

ନିଜ ସ୍କୁଲମାଷ୍ଟରଙ୍କ ପ୍ରହାର ହେଉ ବା କିଶୋରସୁଲଭ ଉଦ୍ଦାମତାରେ ଜଣେ ସାମନ୍ତଶ୍ରେଣୀୟ ବ୍ୟକ୍ତିଙ୍କ ଫାର୍ମରୁ ଏକ ହରିଣ ଚୋରି ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ହେଉ, ପ୍ରଖ୍ୟାତ ନାଟ୍ୟକାର ଉଇଲିୟମ୍ ସେକ୍ସପିୟର ନିଜ ଗାଁ ମାଟିରୁ ପଳାୟନ କଲେ ଲଣ୍ଡନ, ନିଜ ଭାଗ୍ୟ ଅନ୍ୱେଷଣରେ। ଥିଏଟରଗାମୀ କଳାପ୍ରେମୀଙ୍କ ଘୋଡ଼ା ଜଗିବା ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ନାଟ୍ୟକାରର ସିଂହାସନରେ ବସାଇବ, ଏହା କ'ଣ ସେ ଜାଣିଥିଲେ ? ଅବା ସେ କ'ଣ ଜାଣିଥିଲେ ଯେଉଁ ଭଦ୍ରମହିଳାଙ୍କୁ ବାହାହେବେ ସେ ତାଙ୍କଠୁ ୮ବର୍ଷ ବଡ଼ ? ଏପରି କି ଛୋଟମୋଟ ଅଭିନୟ, ନାଟ୍ୟ ନିର୍ଦ୍ଦେଶନା କ'ଣ ତାଙ୍କୁ ଜଣେଇଥିଲା ଯେ ମାତ୍ର ୫୨ ବର୍ଷ ବୟସରେ ପୃଥିବୀ ଛାଡ଼ିବାର ଢେର ପୂର୍ବରୁ ସେ ପୃଥିବୀର ସର୍ବଶ୍ରେଷ୍ଠ ନାଟ୍ୟକାରର ମୁକୁଟ ପିନ୍ଧିବେ ?



ଜୀବନର ଦୋଛକି କାହା ଆଗରେ ବା ଉଭା ହୁଏନି। କିନ୍ତୁ ସମସ୍ତେ କ'ଣ ରର୍ବଟ ଫ୍ରଷ୍ଟ ହୋଇପାରିବେ, ଯାହାଙ୍କ କବିତାର (ରୋଡ୍ ନଟ୍ ଟେକେନ୍) କେତେକ ପଂକ୍ତି ଜବାହରଲାଲ ନେହେରୁଙ୍କ ଭଳି ଅନେକ ପାଠକଙ୍କ ମାର୍ଗଦର୍ଶିକା ହୋଇ ଚିରଦିନ ରହିବ ? କବିତାରେ ଏହି 'ଦୋ ଛକି'ର ବ୍ୟାଖ୍ୟା କରିବାକୁ ଯାଇ ସେ କହନ୍ତି, କିପରି ଦୁଇଟି ରାସ୍ତା କବିଙ୍କ ଆଗରେ ପଡ଼ିଥିଲା। ଗୋଟିଏ ବହୁଳ ବ୍ୟବହୃତ ଓ ଅନ୍ୟଟି ଅମଡ଼ା, ଘାସଗୁଳ୍ମରେ ଭରପୂର। ସେ ଏହି ଅମଡ଼ା ବାଟଟିକୁ ପସନ୍ଦ କଲେ ଯାହା ତାଙ୍କର ଅନ୍ୟଠୁ ପୃଥକତା ପାଇଁ ଦାୟୀ। କିନ୍ତୁ ସେ ତାଙ୍କ ମନୋନୀତ ରାସ୍ତାଟି ଏକ ମହତ୍ତର ବିକଳ୍ପ ବୋଲି କହି ନାହାନ୍ତି। ସେ ଖାଲି ଘଟଣାଟି ବର୍ଣ୍ଣନା କରିଛନ୍ତି ଏବଂ ସେହି କ୍ରମରେ ସେ କହିବାକୁ ଚାହାନ୍ତି, ଦୋ'ଛକିର ରାସ୍ତା ଦ୍ୱୟ ପରସ୍ପରଠୁ ଦୂରେଇ ଯାଉଥିବା ଦୁଇଟି ମାର୍ଗ। ଗୋଟିକୁ ପସନ୍ଦ କଲାପରେ ପୁଣି ପ୍ରାରମ୍ଭରେ ପହଞ୍ଚି ଦ୍ୱିତୀୟ ମାର୍ଗରେ ଯିବା ସାଧାରଣତଃ ସମ୍ଭବ ନୁହେଁ। ଅର୍ଥାତ୍ ନଦୀର ଗତିପଥ ପରି ଜୀବନର ଗତିପଥଗୁଡ଼ିକ ସାଧାରଣତଃ ଅପରିବର୍ତ୍ତନୀୟ।

ମୁଣ୍ଡ ବାଡ଼େଇ ନିଜର ହଜିଲା ପ୍ରେମିକାକୁ ଖୋଜି ଖୋଜି ନୟାନ୍ତ ହୋଇପଡିଥିବା ପ୍ରେମିକ ଜଣକର ଏକ ରେସ୍ତୋରାଁରେ ପରଷା ଯାଇଥିବା ଖାଦ୍ୟ ତାଲିକାର ଏକ ତ୍ରୁଟିରୁ ନିଜ ହୃଦୟର ରାଣୀଙ୍କୁ ଆବିଷ୍କାର କରିବା, ଏକ ଅତ୍ୟାଶ୍ଚର୍ଯ୍ୟ ଘଟଣା ନିଶ୍ଚୟ। ଦୀର୍ଘଦିନ ଧରି ସେ ପ୍ରେମିକାଠୁ ବିଚ୍ଛିନ୍ନ। ତାଙ୍କର କୌଣସି ଖୋଜଖବର ନ ପାଇ ଭଗ୍ନ ହୃଦୟରେ ପ୍ରେମିକ (ୱାଲଟ୍‌ର) ଏକ ରେସ୍ତୋରାଁରେ ପହଞ୍ଚିଲେ କ୍ଷୁଧା ନିବାରଣ ପାଇଁ। ମାତ୍ର କିଏ ଜାଣିଥିଲା ଏହି ରେସ୍ତୋରାଁରେ ହିଁ ଭାଗ୍ୟଚକ୍ରରେ ନିଜଠୁ ବିଚ୍ଛିନ୍ନ ହୋଇଥିବା ତାଙ୍କ ପ୍ରେମିକା 'ସାରା'ର ସନ୍ଧାନ ସେ ପାଇବେ। ଅନ୍ୟମନସ୍କତା ମଣିଷ ପାଇଁ ବେଳେବେଳେ ଆଶୀର୍ବାଦ ପାଲଟେ। ଘଟଣାକ୍ରମେ ସେହି ଜଳଖିଆ ଦୋକାନରେ ତାଙ୍କ ପ୍ରେମିକା 'ସାରା' ଚାକିରି କରୁଥିଲେ, ମୁଖ୍ୟକାମ ଥିଲା ପ୍ରତିଦିନ ପରିଚାଳକ ପ୍ରଦତ୍ତ 'ନୂଆ ଖାଦ୍ୟତାଲିକା' ଟାଇପ୍ କରିବା। ଘଟଣାକ୍ରମେ ସେହି ମିଳନୀ ଦିବସରେ ଅନ୍ୟମନସ୍କ ହୋଇ ଖାଦ୍ୟତାଲିକାର ଏକ ଖାଦ୍ୟ–'ଡେଣ୍ଡେଲିଅନ ୱିଥ୍ ହାର୍ଡ଼ ବଏଲଡ୍ ଏଗସ୍' (ବସନ୍ତ ଋତୁରେ ଫୁଟୁଥିବା ଡେଣ୍ଡେଲିଅନ୍ ଏକ ଫୁଲ ଯାହା ସିଝା ଅଣ୍ଡା ସହ ଖିଆଯାଏ) ବଦଳରେ 'ଡିଏରେଷ୍ଟ ୱାଲଟାର ୱିଥ୍ ହାର୍ଡ ବଏଲଡ୍ ଏଗସ୍' ଟାଇପ କରି ଦେଇଥିଲେ। ପ୍ରେମିକ ୱାଲଟରଙ୍କ ପାଇଁ ଖାଦ୍ୟତାଲିକାର ଏହି ଭୁଲ୍ ହିଁ ତାଙ୍କୁ ଠିକ୍ ମାର୍ଗରେ ପହଞ୍ଚି ଦେଇଥିଲା। ସେ ଅନୁସନ୍ଧାନ କରି ଜାଣିଥିଲେ, 'ସାରା' ହିଁ ଏହି ଖାଦ୍ୟ ତାଲିକା ଟାଇପ କରିଛି। 'ଓ ହେନ୍‌ରୀ'ଙ୍କ ଏହି ଗଳ୍ପ 'ସ୍ପ୍ରିଙ୍ଗ ଟାଇମ୍' (ବସନ୍ତ ସମୟ)ର ଏକ ବିକଳ୍ପ ଶିରୋନାମା ବୋଧହୁଏ ହେବ, 'ଭୁଲ୍ ଯେଉଁଠି ଠିକ୍'!!

ବେଳେବେଳେ କଳାର ଗତିପଥ ଜୀବନର ଗତିପଥକୁ ସାଂକେତିକ ଭାବରେ ପ୍ରକାଶ କରେ, ବିଶେଷତଃ ଜୀବନର ବୃତ୍ତାକାର ଗତିକୁ ସୂଚିତ କରି। ସେଇଥି ପାଇଁ ଟି.ଏସ୍. ଏଲିଅଟ୍ କହନ୍ତି 'ଅନ୍ତ ହିଁ ମୋର ଆରମ୍ଭ' (ଇନ୍ ମାଇ ଏଣ୍ଡ ଇଜ ମାଇ ବିଗିନିଙ୍ଗ) ଏବଂ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ରିଚାର୍ଡ ଏଟେନବୋରୋ 'ଗାନ୍ଧୀ' ଚଳଚ୍ଚିତ୍ରରେ ଗାନ୍ଧୀଙ୍କ ହତ୍ୟା ଦୃଶ୍ୟକୁ ଚଳଚ୍ଚିତ୍ରର ପ୍ରଥମ ଦୃଶ୍ୟ ହିସାବରେ ପରିବେଷଣ କରିଥିଲେ। ଆଣ୍ଟୋନ ଚେକୋଭଙ୍କ ଗୋଟିଏ ଗଳ୍ପ ଏକ 'କାରୁକାର୍ଯ୍ୟ' (ଏ ୱାର୍କ ଅଫ୍ ଆର୍ଟ) ସାଂକେତିକ ଭାବରେ ଜୀବନର ଚକ୍ରାକର ଗତିର ସୂଚନା ଦିଏ। ନାଟକୀୟ ଭାବରେ ଆରମ୍ଭ ହୋଇଥିବା ଗପରେ ଛୋଟପିଲାଟି ପଶି ଆସୁଛି ଜଣେ ଡାକ୍ତରଙ୍କ ଚ୍ୟାମ୍ବରକୁ ଏବଂ କହୁଛି ତାଙ୍କ ଚିକିତ୍ସାରେ ସେ ଆରୋଗ୍ୟ ଲାଭ କରି ଥିବାରୁ ତାଙ୍କ ମାଆ ଏହି କଳାତ୍ମକ ବସ୍ତୁଟି, ଯାହା ଗୋଟିଏ କ୍ୟାଣ୍ଡେଲ ଷ୍ଟାଣ୍ଡ, ଉପହାର ଭାବେ ପ୍ରଦାନ କରିଛନ୍ତି। ଆପାତଦୃଷ୍ଟିରୁ ଷ୍ଟାଣ୍ଡର ନାରୀମୂର୍ତ୍ତିର ସାମାନ୍ୟ ଅଶ୍ଳୀଳ ଭଙ୍ଗୀ ଡାକ୍ତରଙ୍କୁ ଅଡୁଆ ଲାଗୁଥିଲାବେଳେ ପିଲାଟି କହି ଉଠିଛି, 'କି କବିତା! କି ଗତି! କି ପରିପ୍ରକାଶ!' ଗଲାବେଳେ ପୁଣି କହିଛି, ସେ ପୁଣି ଦିନେ ଫେରିବ ଏହାର ସାଥୀ ଷ୍ଟାଣ୍ଡଟି ନେଇ। ଅଶ୍ଳୀଳତା ଭାରରେ ଡାକ୍ତର ଛଟପଟ। ପିଲାଟିର ଭାଷାର ପୁନରାବୃତ୍ତି କରି ଡାକ୍ତର ଏହାକୁ ଭେଟି ଦେଇଛନ୍ତି ଜଣେ ଓକିଲଙ୍କୁ ଏବଂ ଓକିଲ ଜଣକ ସେହି ଏକାଭାବରେ ଅତିଷ୍ଠ ହୋଇ ତାକୁ ଦାନ କରିଛନ୍ତି ଜଣେ ହାସ୍ୟ କଳାକାରଙ୍କୁ, ଯିଏ ଅନନ୍ୟୋପାୟ ହୋଇ ଏହାକୁ ବିକ୍ରି କରିଛନ୍ତି ପୁରାତନ ମୂର୍ତ୍ତି ସଂଗ୍ରହକାରୀଙ୍କୁ, ଯାହାଠୁ କିଣି ଆଣି ସେ ପିଲାର ମା' ଏହା ପୂର୍ବ ମୂର୍ତ୍ତିର ସାଥୀ ହେଲା ଭଳି ଅନ୍ୟ ଏକ ମୂର୍ତ୍ତି ଭାବି ସେହି ପୁଅ ହାତରେ ଡାକ୍ତରଙ୍କ ପାଖକୁ ପଠାଇ ଦେଇଛନ୍ତି। କଥା ଯେଉଁଠୁ ଆରମ୍ଭ, ସେଇଠି ଶେଷ ହୋଇଛି!!

ସିଧାସିଳଖ ହେଉ କି ବକ୍ରାକାର ହେଉ କି ବୃତ୍ତାକାର, ଜୀବନର ଗତିପଥ ଯାବତୀୟ ରହସ୍ୟ ଓ କୌତୁକରେ ଭରା। ଜୀବନର ଅନ୍ୟନାମ ଯେ ଗାଣିତିକ ନିଶ୍ଚିତତା ନୁହେଁ, ଏହି କଥାଟି କହିବା ହୁଏତ ଏହାର ମୁଖ୍ୟଲକ୍ଷ୍ୟ!!

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩୭୬୨୧୯


# ଭାବ ସଂସାରର ଖିଅ



ଡ. ଚନ୍ଦନ କୁମାର ସିଂହ

ଏହି ଚାରିପାଖର ସଂସାରକୁ ଖାଳନାଳ ହୋଇ ଭବ ସଂସାର ବୋଲିବାରେ କୋଶ କୋଶକୁ ଦୁନ୍ଦୁଭି ବାଜୁଥାଏ। ତାହାରି ଭିତରେ ମଣିଷ ଆତଯାତ ହୋଇ ଧର୍ମ, ଅର୍ଥ, କାମ, ମୋକ୍ଷର ସବୁତକ ହୁନ୍ଦର ଭିଆଣ କରିପାରୁଥାଏ। ମାତ୍ର ଖୁଦ ମଲୁଖର ଭବ ସଂସାର ଆଉ ଏକ ଦିଗକୁ ଖୁବ୍ ନିଘା କରି ରହିଥାଏ। ଯଦି ସଂସାର ଭବ ସଂସାର ହେଲା, ତେବେ କିଆଁ ଏଠାରେ ମାଳ ମାଳ ଧ୍ୱଜା କ'ଣ ଏହି ଦି'ଦିନିଆ ଭବ ସଂସାରର ? କାଳକୁ କଜ୍ଜଳ କରି ଭବ ସଂସାରକୁ ଦେଖିବା ଏବଂ ପରତେଯିବା ବଡ଼ ମିହନତୀର କଥା ; ଅଙ୍ଗେନିଭା ଆଉଜି ହେବାର ଗୋଟେ ସମ୍ପୃକ୍ତି। ଭବ ସଂସାରକୁ ତୁଚ୍ଛ ଜ୍ଞାନରେ ମଣିଷର କାହାଣ କାହାଣ ଇତିହାସ ଆଉ କିଛିର ହରେଇବାକୁ ସଙ୍ଗରେ ନେଇଥା'ନ୍ତି ସିନା ମାତ୍ର ସାଙ୍ଗଟିଏ ହୋଇପାରନ୍ତି ନାହିଁ। ଏତେ ଏତେ ସୁଖ ଦୁଃଖର ଖେଳପଡ଼ିଆ ଭିତରେ ଭବ ସଂସାରରେ ସାଙ୍ଗ ହେବାର ସୌଭାଗ୍ୟ ଖୁବ୍ ଅଲଗା କଥାଟିଏ, ଅଲଗା ବାସନାଟିଏ, ଅଲଗା ସୌରଭର ଉଜ୍ଜ୍ୱଳ ଦିଗ୍‌ବଳୟ ; ଯାହାକୁ ଛୁଇଁପାରିଲେ ହସିହୁଏ, ଧର୍ମ, ଦେଶ, ବୟସ, ତୁଳନାର କାଉଁରିକାଠି ନିଜର ଶକ୍ତି ହରାଇଦିଏ। ନିଜକୁ ଭବ ସଂସାର ଭିତରେ ସାଙ୍ଗଟିଏ ଭଳି ଅନୁରାଗ ଆସେ। ଭବ ସଂସାରରୁ ଖିଅ ଖଣ୍ଡେ ଭାବ ସଂସାର ଭିତରକୁ ଭାସି ଆସେ, ଲକ୍ଷ୍ୟରେ ହେଉ ଅବା ଅଲକ୍ଷ୍ୟରେ। ସେଆଡ଼କୁ ଆଉ ଡର ନ ଥାଏ କି ଡର ସହେ ନାହିଁ। ଭବ ସଂସାରର ଇଶାଣ ଭାବ ସଂସାରକୁ ନିଜର ସବୁଯାକ ବିଶ୍ୱାସ ଓ ପ୍ରଶ୍ୱାସ ଅଜାଡ଼ିଦିଏ। ଏଇଠି ମନେପଡ଼ନ୍ତି ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ)। ଅକ୍ଟୋବରରେ ଜନ୍ମିତ ଏହି ପ୍ରଜ୍ଞା ପୁରୁଷଙ୍କ ଜୀବନ ଓ ଦର୍ଶନକୁ ଦେଖିଲେ ମଣିଷ କେତେ ବାସ୍ତବବାଦୀ ହୋଇପାରେ ତାହାର ପ୍ରମାଣ ମିଳେ।

୧୯୨୩ରେ ଚିତ୍ତରଞ୍ଜନଙ୍କ ଜନ୍ମ ବେଳକୁ ଦେଶର ପାଣିପାଗ ସେତେବେଳେ ସ୍ୱାଧୀନତା ଆନ୍ଦୋଳନ ଲାଗି ନିଜକୁ ପ୍ରସ୍ତୁତ କରି ଆଣୁଥିଲା ଏବଂ ଏହି ପାଣିପାଗରେ ଚିତ୍ତରଂଜନଙ୍କ ଜୀବନ–ବେଦି ଧୀରେ ଧୀରେ ରୂପ ନେଉଥିଲା। ତା'ଙ୍କ ସହ ବନ୍ଧୁ ବାନ୍ଧିବା ଯେତିକି ସହଜ, ସେତିକି ଥିଲା ସ୍ୱଚ୍ଛଳ ଓ ସ୍ୱଚ୍ଛନ୍ଦ। ବୟସ, ଯୋଗ୍ୟତା, ରୁଚି ଅରୁଚି, ଧର୍ମ, ବିଶ୍ୱାସ–ଅବିଶ୍ୱାସ, ଦେଶ–ବିଦେଶ, ଭାଷା–ପ୍ରଦେଶ ଏ ସବୁର ଅର୍ଥ ଓ ମାର୍ଗ ଚିତ୍ତଭାଇଙ୍କ ନିକଟରେ ଥିଲା ଆଉ ଏକ ଉପବୀତର କାହାଣୀ। ଠିକ୍ ଯେପରି 'ଭିନ୍ନ ଜଣେ ବିବେକାନନ୍ଦ'ର ଚିତ୍ର ଓ ସଂଳାପ ପରି। ସାଙ୍ଗ ହୋଇ ବସିଲେ, ସାଙ୍ଗର ସବୁତକ ବିଭବ କିପରି ଅକୁଣ୍ଠ–ଚିତ୍ତରେ ଜଳ ଜଳ ହୋଇ ଦିଶିଯାଆନ୍ତି, ପ୍ରିୟ ଚିତ୍ତଭାଇଙ୍କ ସ୍ୱାଧୀନଚେତା ମୀମାଂସା ତାହାର ଅଭୁଲା ସ୍ୱାକ୍ଷର ବହନ କରିଛି। ଓଡ଼ିଆ ସାହିତ୍ୟର ଦଉଡ଼ି ବା ପଘା ପ୍ରିୟ ଚିତ୍ତଭାଇଙ୍କୁ ଗଣ୍ଠି ପକାଇ ରଖିପାରିନାହିଁ। ଯିଏ ଗଣ୍ଠିକୁ ହୁଗୁଳା କରି ଆଣୁଥିଲେ, ଆଉ ପାକଳପଣକୁ ଅଚିରେ ପରଖି ପାରୁଥିଲେ ଭବିଷ୍ୟ–ସଂସାର ଭାବମୟ ପୃଥିବୀର କଥା ମନେପଡ଼ିଲେ ଅଭୁଲା ଲାଗନ୍ତି ଚିତ୍ତଭାଇ। ସୁଦୂର ଫିନ୍‌ଲାଣ୍ଡ ହେଉ ଅବା ଗଞ୍ଜାମମାଳର ଖୋଲା ଆକାଶତଳର ମଣିଷ ହେଉ ଅବା ଇସ୍ରାଏଲ ହେଉ, ସବୁ ମଣିଷର ହେତୁକୁ ଛୁଇଁପାରୁଥିବା ଏହି ଓଡ଼ିଶାର ଯେ ମାଟିପୁତ୍ର ଥିଲେ, ସେକଥାକୁ ଜିଗର କରିହୁଏ ନାହିଁ, ମାତ୍ର ନମ୍ର ଭାବରେ ସ୍ୱୀକାର କରିହୁଏ। ଓଡ଼ିଶାର ମୌଳିକ ଭାଷା–ଭଣ୍ଡାରର ଧୁରୀଣ ବିନ୍ଧାଣି ଥିଲେ ଚିତ୍ତରଞ୍ଜନ। ସେ ସବୁର ପ୍ରୟୋଗ ଏତେ ମର୍ମ–ଭେଦୀ ହେଉଥିଲା ଯେ ଆରାମ–ଆଲୋଚନା, ଆରାମ–ଖିଆଲକୁ ତାହା ଅଣନିଃଶ୍ୱାସୀ କରି ଦେଉଥିଲା। ମାତ୍ର ସାଙ୍ଗ କିଏ ଛାଡ଼ି ହୋଇ ଯାଉଥିଲେ ସିନା, ସିଏ କିନ୍ତୁ ସାଙ୍ଗପଣରେ ଭିଡ଼ି ଧରୁଥିଲେ। ତାଙ୍କର ସାଙ୍ଗପଣ ଥିଲା ଅକ୍ଳାନ୍ତ ଏବଂ ଅତନ୍ଦ୍ର। ଭବ–ସଂସାରର ବିରାଦରୀକୁ ସେଥିପାଇଁ ସେ ଖାତିର ନ କରି ଭାବ–ସଂସାରର ସଖ୍ୟରେ ବାନ୍ଧି ହୋଇଥିଲେ। ଉଖୁରେଇ ଉଖୁରେଇ ନିଦ ଭାଙ୍ଗି ପାଉଁଶ ତଳର ଦୁକୁଦୁକୁ ଝୁଲକୁ ଜଳାଇ ଦେଉଥିଲେ କୁହୁଳାରେ। ବନ୍ଧୁପଣର ହସ ଓ ଆଭିଜାତ୍ୟରେ ଭାବ ସଂସାରର ସେ ଥିଲେ ନିକଟତର ଏକ ଅକାଟ୍ୟ ପ୍ରମାଣ। ଘୋ' ଘୋ' ଭିତରେ ସେଥିଲାଗି ସେ ମିଳୁ ନ ଥିଲେ। ଗହଳିଆ ଗଛ ତଳର ପୋଖରୀ ହୁଡ଼ା ଉପରେ ଚିତ୍ତରଞ୍ଜନ ଦେଖୁଥିଲେ ଭାବସଂସାରର ଡୋର ସୁହୃଦ୍‌କୁ–ଭବିଷ୍ୟର ଫଳନ୍ତି ଗଛକୁ, ଚଳନ୍ତି ସମାଜର ହାତପାହାନ୍ତା ଭିନ୍ନ ମେଳକୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଗଭୀର ଅଧ୍ୟୟନରେ ମନୋନିବେଶ କରି ତତ୍କାଳୀନ ବ୍ୟକ୍ତି–ଜୀବନ, ସାମୁଦାୟିକ ବିକାଶମୁଖୀ ଜୀବନ ଏବଂ ରାଷ୍ଟ୍ର ଭୂମିକାକୁ ବିଶ୍ଳେଷଣ କରି ମଣିଷ–ସମାଜର ବାଦ–ବିବାଦ–ସମ୍ବାଦ (ଥେସିସ୍–ଆଣ୍ଟିଥେସିସ୍ ଓ ସିନ୍‌ଥେସିସ୍)ର ହେତୁ ନିର୍ଣ୍ଣୟରେ ସେ ସଫଳ ହୋଇଥିଲେ। ସକଳ ହିଁ ସକାଳ। ତାହା ବ୍ୟକ୍ତି ଜୀବନ ହୋଇ ଅବା ସମୁଦାୟ। ସେଥିଲାଗି ସକାଳ ଥିଲା ତାଙ୍କ ଅନ୍ୱେଷା ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ନିଅଁ। ସକାଳର ଜାତି ନ ଥାଏ, ସକାଳ ଏକ ଅର୍ଘ୍ୟ ଭବିଷ୍ୟ–ସଂସାର ଓ ଭାବ ସଂସାରର। ପ୍ରିୟ ଚିତ୍ତଭାଇ ଥିଲେ ସକାଳର ସ୍ଫୁରଣ ଏବଂ ଆଲୋଡ଼ନ ସକଳଙ୍କ ଲାଗି।



ବିଷମକଟକ, ରାୟଗଡ଼ା
ମୋ: ୮୨୪୯୬୫୭୭୭୮

## ଏଇ ଭାରତରେ

ଆଜକୁ ୧୬ ବର୍ଷପୂର୍ବେ ଜଣେ ଅଟୋ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚାଲାଣ ହେଉଥିବା ଜଣେ ଶିଶୁକୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ଘଟିଥିଲା ତାମିଲନାଡୁ ତିରୁଚିରେ ଓ ସେହି ଅଟୋଚାଳକ ଜଣକ ହେଉଛନ୍ତି ଡି.ଜୋଶେଫ। କିନ୍ତୁ ଏହା କେବଳ ଏକ ଖବରରେ ସୀମିତ ରହି ନ ଥିଲା, ବରଂ ତାମିଲନାଡୁ ସରକାରଙ୍କୁ ଶିଶୁ ଚାଲାଣ ରୋକିବା ଲାଗି ସକ୍ରିୟ ପଦକ୍ଷେପ ନେବାକୁ ବାଧ୍ୟ କରିଥିଲା ଏବଂ ସେବେଠାରୁ ଅନେକ ଶହ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଛି। ଘଟଣାଟି ଥିଲା ଏହିପରି– ଜଣେ ମହିଳା ଓ ତାଙ୍କ ସହ ଥିବା ଶିଶୁଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବା ଲାଗି ନେଉଥିବାବେଳେ ଜୋଶେଫଙ୍କ ସନ୍ଦେହ ହେବାରୁ ସେ ପୋଲିସ ଆଉଟପୋଷ୍ଟରେ ଜଣାଇଥିଲେ। ପରେ ଠିକ୍ ଏହି ସମୟରେ ଜଣେ ମହିଳା ମଧ୍ୟ ସେଠାରେ ତାଙ୍କ ନିଖୋଜ ପିଲା ସମ୍ପର୍କରେ ଜଣାଇବାକୁ ଆସିଥିଲେ। ସଂଯୋଗ ଏମିତି ଥିଲା, ଯେଉଁଥିରେ ପୋଲିସ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ସେହି ପିଲା ଚାଲାଣରେ ଜଡ଼ିତ ମହିଳାଙ୍କ ସୂଚନାକୁ ଆଧାର କରି ୧୨ ଜଣ ଶିଶୁଙ୍କୁ ସେତେବେଳେ ଉଦ୍ଧାର କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୭୬

- ବେରୁଟ୍‌ଠାରେ ଦକ୍ଷିଣପନ୍ଥୀ ଗୋଷ୍ଠୀର ସୈନ୍ୟମାନେ ବାମପନ୍ଥୀ ଗୋଷ୍ଠୀ କବଳରୁ ଇସ୍ରାଏଲ ସୀମାନ୍ତ ନିକଟବର୍ତ୍ତୀ ହାନାଇନ୍ ଗ୍ରାମଟିକୁ ଦଖଲ କରିଦେଇଛନ୍ତି।
- ରାଜ୍ୟରେ ମଧ୍ୟମ ଜଳସେଚନ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର।

## ଚିରନ୍ତନୀ

ପଥର ପ୍ରେମିକ
ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ!
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | |
| | | | 2 | | 9 | | | |
| 5 | 9 | 7 | | | 8 | | | |
| 9 | | | 4 | | | | 2 | 3 |
| | | 1 | | | | 6 | | |
| | | 2 | 9 | | | | | |
| | 6 | 5 | | | 2 | 8 | | |
| 4 | | | | 8 | | | 1 | |
| | | | 3 | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 6 | 1 | 5 | 4 | 2 |
| 4 | 1 | 2 | 9 | 7 | 5 | 3 | 8 | 6 |
| 6 | 3 | 5 | 4 | 8 | 2 | 9 | 1 | 7 |
| 7 | 6 | 3 | 1 | 4 | 8 | 2 | 5 | 9 |
| 8 | 5 | 9 | 6 | 2 | 3 | 1 | 7 | 4 |
| 2 | 4 | 1 | 5 | 9 | 7 | 6 | 3 | 8 |
| 1 | 9 | 4 | 7 | 5 | 6 | 8 | 2 | 3 |
| 3 | 8 | 6 | 2 | 1 | 4 | 7 | 9 | 5 |
| 5 | 2 | 7 | 8 | 3 | 9 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯାଉ

ମହାଶୟ,
ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଗତ ବିଜୁ ଜନତା ଦଳ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ମୁଖ୍ୟମନ୍ତ୍ରୀ ଏକ ଆଧ୍ୟାତ୍ମିକ ସଭାରେ ଯୋଗଦେଇ ଭାଗବତ ପାଠର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ଆରୋପ କରି ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ କହିଛନ୍ତି। ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମ ଓ ସାହିରେ ଭାଗବତ ଟୁଙ୍ଗି ନିର୍ମାଣ ସଙ୍ଗେ ସଙ୍ଗେ ନିୟମିତ ଭାଗବତ ଏବଂ ପୁରାଣ ସାହିତ୍ୟ ଆଲୋଚନା ପାଇଁ ଅର୍ଥ ବରାଦ କରାଯାଉଛି ବୋଲି ସରକାରୀ ଭାବେ କୁହାଯାଉଛି। ବିଳମ୍ବ ହେଲେ ମଧ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ଦାବି ହେଉଛି।

**– ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବାଣ ଫୁଟି ଦାଦା, ପୁତୁରା ଗୁରୁତର**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ଗ୍ରାମରେ ଶନିବାର ବାଣ ଫୁଟି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦୁଇଜଣ ସମ୍ପର୍କରେ ଦାଦା, ପୁତୁରା ଅଟନ୍ତି । ବାଣ ଫୁଟାଉଥିବା ବେଳେ ଅସାବଧାନତା ଯୋଗୁ ଏହି ଘଟଣା ଘଟିଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡ଼ିଛି । ଏହି ଘଟଣାରେ ଦାଦା ବିଜୟ ଖୁଣ୍ଟିଆ(୩୩) ଓ ପୁତୁରା ରୁତୁରାଜ ଖୁଣ୍ଟିଆ (୧୨) ଗୁରୁତର ଆହତ ହୋଇଛନ୍ତି ।

# ଡିପିଜେପି ଜୁଏଲାରୀର ଧନତେରସ୍‌ର ସବୁଠାରୁ ବଡ଼ଅଫର

ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲାର ସବର୍ବୃହତ ସୁନାଗହଣା ସୋ'ରୁମ ଡିପିଜେପି ଜୁଏଲାରୀ ପରିବାର ତରଫରୁ ଧନତେରସ୍ ଓ ଦୀପାବଳିରେ ତାର ପ୍ରିୟ ଗ୍ରାହକମାନଙ୍କୁ ଶୁଦ୍ଧ ସୁନା ଓ ଶୁଦ୍ଧ ଗହଣା ସହିତ ଭେଟି ଦେଉଛି ସ୍ୱତନ୍ତ୍ର ଉପହାର। ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ବିଆଇଏସ୍-୯୧୬ ଏଚ୍‌ୟୁଆଇଡି ହଲମାର୍କର ଅତ୍ୟାଧୁନିକ ଡିଜାଇନର ବିଶାଳ ସୁନାଗହଣା ଉପରେ ସବୁଠାରୁ କମ ସୁନାଦର ଓ ସର୍ବନିମ୍ନ ଗଢ଼ାମଜୁରୀ ସହିତ ପ୍ରତ୍ୟେକ ଗ୍ରାହକମାନଙ୍କୁ ଦିଆଯାଉଛି। ବିଭିନ୍ନ ଡିଜାଇନର ରୁପା ଅଳଙ୍କାର ସହିତ ହୀରା ଅଳଙ୍କାରର ମନଲୋଭା ଡିଜାଇନ ସୁଲଭ ମୂଲ୍ୟରେ ଦିଆଯାଉଛି । ପୁରୁଣା ସୁନା ବଦଳାଇଲେ ତା'ର ଉପଯୁକ୍ତ ମୂଲ୍ୟ ଦିଆଯାଉଛି । ଆଗକୁ ବିବାହ ଋତୁ ଥିବାରୁ ଆପଣମାନେ ଏହିସବୁ ଲାଭପ୍ରାପ୍ତ ହେବେ। ପ୍ରିୟ ଗ୍ରାହକ ବନ୍ଧୁଙ୍କୁ ଉନ୍ନତମାନର ସେବା ଦେବାରେ ସର୍ବଦା ସଂକଳ୍ପବଦ୍ଧ ଡିପିଜେପି ଜୁଏଲାରୀ ପରିବାର ।



ଢେଙ୍କାନାଳ ସହରର ଡିପିଜେପି ଜୁଏଲେରୀ ଦୋକାନରେ ଗ୍ରାହକଙ୍କ ଭିଡ଼

# ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ



ଢେଙ୍କାନାଳ,୧୮।୧୦(ରତନ ନାୟାର)

ରାଜ୍ୟରେ ମାସବ୍ୟାପୀ ସାଇବର ସୁରକ୍ଷା ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ଠକେଇ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ଜନସାଧାରଣ ବିଶେଷ କରି ଯୁବପିଢି ଲୋଭ, ଡର ଓ ଦାୟିତ୍ୱହୀନତାଠାରୁ ଦୂରେଇ ରହିଲେ ଏହି ସାଇବର ଠକାମୀଠାରୁ ଦୂରେଇ ରହିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଆଜିର ଡିଜିଟାଲ ଯୁଗରେ ଦୈନନ୍ଦିନ ଇଣ୍ଟରନେଟ ବ୍ୟବହାର ସମୟରେ ସତର୍କ ଓ ସଚେତନ ରୁହନ୍ତୁ ଏବଂ ସାବଧାନତା ଅବଲମ୍ବନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅର୍ଥନୈତିକ ଓ ଅନ୍ୟାନ୍ୟ ଠକେଇଠାରୁ ସୁରକ୍ଷିତ ରହିପାରିବେ ବୋଲି ସେ

**ସଚେତନତା ସହିତ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ**

କହିଥିଲେ । ଅଜଣା ଓ ସନ୍ଦେହଯୁକ୍ତ ବ୍ୟକ୍ତିଙ୍କୁ ଓଟିପି ଏବଂ ନିଜର ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବାକୁ କହିଥିଲେ। ସାଇବର ସେଫ୍ ଓଡ଼ିଶା ଗଠନ ପାଇଁ ଓଡ଼ିଶା ପୋଲିସକୁ ସଶକ୍ତ ଓ ଆଧୁନିକୀକରଣ କରାଯାଉଛି । କୌଣସି ପ୍ରକାରର ସାଇବର ଅପରାଧୀଙ୍କ ଶିକାର ହେଲେ ୧୯୩୦ ନମ୍ବରରେ ପୋଲିସର ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଆଭାସି ମାଧ୍ୟମରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ପ୍ରଦର୍ଶିତ ହୋଇଥିଲା । ସଦ୍‌ଭାବନା ସଭା ଗୃହଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ତହସିଲଦାର ସ୍ୱାଧୀନ ବେହେରା, ପୋଲିସ ଅଧିକାରୀଗଣ, ଭାରତୀୟ ଜନସଂଚାର ସଂସ୍ଥାର ଛାତ୍ରୀଛାତ୍ର, ଆଶାକର୍ମୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଇବର ଠକେଇଠାରୁ ଦୂରେଇ ରହିବା ପାଇଁ ସଚେତନତାମୂଳକ ଶପଥ ପାଠ କରାଇଥିଲେ । ସାଇବର ଠକେଇ ସଂପର୍କିତ ବିଭିନ୍ନ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା ।

# ଧନତେରସ୍, ଦୀପାବଳି ପାଇଁ ଶ୍ରୀଗଣେଶ ଜୁଏଲର୍ସର ଆକର୍ଷଣୀୟ ଅଫର

ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ ସହରର ପ୍ରତିଷ୍ଠିତ ଗହଣା ଦୋକାନ ଶ୍ରୀଗଣେଶ ଜୁଏଲର୍ସରେ ଧନତେରସ ଓ ଦୀପାବଳୀ ଉପଲକ୍ଷେ ବ୍ୟାପକ ଭିଡ଼ ହୋଇଥିବା ଦେଖାଯାଇଛି । ଧନତେରସ ଓ ଦୀପାବଳି ଉପଲକ୍ଷେ ଶ୍ରୀଗଣେଶ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର ମଧ୍ୟ ରହିଛି । ପ୍ରତି ୯୧୬-ଏଚ୍‌ୟୁଆଇଡି ହଲମାର୍କ ଗହଣାର ପ୍ରତି ଏକଗ୍ରାମ ପିଛା ଗଢ଼ା ମଜୁରୀର ସ୍ୱତନ୍ତ୍ର ଅଫର ରହିଛି । ଏହି ଅବସରରେ ଗୋଲ୍ଡ କଏନ୍, ଗୋଲ୍ଡ ବିସ୍କୁଟ୍, ସିଲଭର ବିସ୍କୁଟ୍, ସିଲଭର କଏନ୍ ଏବଂ ୯୧୬-ଏଚ୍‌ୟୁଆଇଡି ହଲମାର୍କ ଗହଣା ସହିତ ଡାଇମଣ୍ଡ ଗହଣାର ଚାହିଦା ମଧ୍ୟ ବଢୁଥିବା ଦେଖାଯାଇଛି। ଗ୍ରାହକମାନଙ୍କର ନାହିଁ ନ ଥିବା ଭିଡ଼ ଲାଗିଛି । ଧନତେରସ ଓ ଦୀପାବଳୀ ଅବସରରେ ଶ୍ରୀଗଣେଶ ଜୁଏଲର୍ସ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରାଯାଇଥିବା ପ୍ରୋପାଇଟର ରାଜେଶ କୁମାର ସୋନି ଜଣାଇଛନ୍ତି ।



ଢେଙ୍କାନାଳ ସହରର ଗହଣା ଦୋକାନ ଶ୍ରୀଗଣେଶ ଜୁଏଲର୍ସରେ ଗ୍ରାହକଙ୍କ ଭିଡ଼ ।




# ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ଢେଙ୍କାନାଳ,୧୮।୧୦(ରତନ ନାୟାର)

ଭାରତୀୟ ମଜଦୁର ସଂଘ ସହବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଢେଙ୍କାନାଳ ଜିଲାର ତରଫରୁ ୯ ଦଫା ସମ୍ବଳିତ ଦାବିପତ୍ର ଢେଙ୍କାନାଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଶନିବାର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ଆଶାକର୍ମୀଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ଇଏସ୍‌ଆଇ ଓ ଇପିଏଫ୍‌ଓ ସ୍କିମ୍‌ରେ ଅନ୍ତର୍ଭୁକ୍ତ କରିବା, ପ୍ରତିମାସ ୧୦ ତାରିଖ ମଧ୍ୟରେ ଦେୟ ପ୍ରଦାନ ଓ ପ୍ରତି ପିଏଚ୍‌ସି ଓ ସିଏଚ୍‌ସିରେ ଆଶା ଗୃହ ନିର୍ମାଣ, ଯୋଗ୍ୟତା ଭିତ୍ତିରେ ଆଶାକର୍ମୀମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ କରାଯାଇ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି, ଆଶାକର୍ମୀମାନଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୧୦ଲକ୍ଷ ଟଙ୍କା ପ୍ରଦାନ କରିବା, ଅବସରକାଳୀନ ସହାୟତା ରାଶି ଏକକାଳୀନ ୧୦ଲକ୍ଷ ଟଙ୍କା ପ୍ରଦାନ ସହିତ ମାସିକ ଭତ୍ତା ୫ ହଜାର ଟଙ୍କା ପ୍ରଦାନ, ଆଶାକର୍ମୀମାନଙ୍କ କାର୍ଯ୍ୟ ସମ୍ପାଦନ ନିମନ୍ତେ ଉକ୍ତ ଗୁଣବତ୍ତା ସମ୍ପନ୍ନ ମୋବାଇଲ୍ /ଟାବ୍‌ଲେଟ୍ ପ୍ରଦାନ କରାଯାଉ । ଢେଙ୍କାନାଳ ଜିଲା ଭାରତୀୟ ମଜଦୁର ସଂଘ ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଲାର ପ୍ରମୁଖ ଆଶାକର୍ମୀମାନଙ୍କ ସହଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ଅନିଲ୍ କୁମାର ଭୁଟିଆ, ସଂପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲା ସଂଘ ସଭାନେତ୍ରୀ ସୁପ୍ରଭା ପ୍ରଧାନ, ସାଧାରଣ ସମ୍ପାଦିକା କୁମାରୀ ସାହୁ, କୋଷାଧ୍ୟକ୍ଷା ସୁମିତ୍ରା ବେହେରା, ମିରାରାଣୀ ପ୍ରଧାନ ଓ ମୀନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ସମାଜସେବୀ ସ୍ୱର୍ଣ୍ଣପ୍ରଭା ଷଡ଼ଙ୍ଗୀଙ୍କ ପରଲୋକ

ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ କୈବଲ୍ୟ ବଜାର ଅଞ୍ଚଳର ବିଶିଷ୍ଟ ସମାଜସେବୀ ଶ୍ରୀନିବାସ ଷଡ଼ଙ୍ଗୀଙ୍କ ସ୍ତ୍ରୀ ସମାଜସେବୀ ସ୍ୱର୍ଣ୍ଣପ୍ରଭା ଷଡ଼ଙ୍ଗୀଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୨ବର୍ଷ ହୋଇଥିଲା । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠପୁତ୍ର ଶୁଭେନ୍ଦୁ ଷଡ଼ଙ୍ଗୀ, କନିଷ୍ଠ ପୁତ୍ର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ୬ନଂ ୱାର୍ଡ କାଉନସିଲର ସନ୍ଦିପ ଷଡ଼ଙ୍ଗୀଙ୍କ ସମେତ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଖବରପାଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଏମ୍‌ପି ମହେଶ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ସୁନିଲ ଶର୍ମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ସେହିପରି ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ଓ ଯୁବ ବିଜେଡି ନେତା ଡା. ଅବିନାଶ ସାମଲ ମଧ୍ୟ ସ୍ୱର୍ଣ୍ଣପ୍ରଭା ଷଡଙ୍ଗୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି । ବଜରଙ୍ଗ କ୍ଲବର ସଦସ୍ୟ ମଧ୍ୟ ତାଙ୍କ ବାସଭବନରେ ପହଁଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମହିଷାପାଟସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠପୁତ୍ର ଶୁଭେନ୍ଦୁ ଷଡଙ୍ଗୀ ମୁଖାଗ୍ନି ଦେଇଥିଲେ । ତାଙ୍କର ପରଲୋକରେ ଢେଙ୍କାନାଳରେ ବିଭିନ୍ନ ମହଲରେ ବ୍ୟାପକ ଶୋକର ଛାୟା ଖେଳିଯାଇଛି ।









# ଜମିଜମା ସମସ୍ୟାର ସମାଧାନ ବାଟ ଖୋଜ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇପଡ଼ିଛି। ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜସ୍ୱ ସେବା ଠିକ୍ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ(ଆର୍‌ଓଟିଆଇ)ଠାରେ ଆୟୋଜିତ ୨ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ରାଜସ୍ୱ ଅଧିକାରୀମାନେ ଜନସାଧାରଣଙ୍କ ଜମିଜମା ସମସ୍ୟାର ସମାଧାନର ବାଟ ଖୋଜିବାକୁ ପ୍ରୟାସ କରିବା ଦରକାର। ଏହା ଫଳରେ ଠିକ୍ ସେବା ମିଳିପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦଖଲ ମୁକ୍ତ କରିବା ମୁଖ୍ୟ ଦାୟିତ୍ୱ। ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ତହସିଲଦାରମାନେ ନିଜ ଅଞ୍ଚଳର ଜମିଜମା ସ୍ଥିତି ସମ୍ପର୍କରେ ଏକ ଡାଟାବେସ୍ ପ୍ରସ୍ତୁତ କରନ୍ତୁ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ସରକାର ଜନସାଧାରଣଙ୍କ ହିତ ପାଇଁ ଯେଉଁ ରାଜସ୍ୱ ଆଇନ ପ୍ରଣୟନ କରିଛନ୍ତି ସେସବୁର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ଦାୟିତ୍ୱ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲାର ଜିଲାପାଳ ଆଭାସି ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ିହୋଇଥିବା ବେଳେ ୯ ଜଣ ଅତିରିକ୍ତ ଜିଲାପାଳ(ରାଜସ୍ୱ), ୧୬ ଜଣ ଉପଜିଲାପାଳ, ୧୧୨ ଜଣ ତହସିଲଦାର, ୧୦ ଜଣ ଜିଲା ନିବନ୍ଧକ , ୬୨ ଜଣ ସହକାରୀ ନିବନ୍ଧକ, ୪ ଜଣ ଜିଲା ମଙ୍ଗଳ ଅଧିକାରୀ ଯୋଗଦେଇଥିଲେ।



ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଶନିବାର ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍'ର ଉନ୍ମୋଚନ ଅବସରରେ (ବାମରୁ) ସାହିତ୍ୟିକ ସତ୍ୟ ମିଶ୍ର, ଲେଖିକା ଶୁଭା ଶର୍ମା, ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା।

# ଶୁଭା ଶର୍ମାଙ୍କ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଉନ୍ମୋଚିତ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଲେଖିକା ଶୁଭା ଶର୍ମାଙ୍କ ରଚିତ ଇଂଲିଶ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଶନିବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସାହିତ୍ୟିକ ସତ୍ୟ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ନାରୀ ସଂଘର୍ଷ ଓ ଅସ୍ମିତା ଉପରେ ଆଧାରିତ ଏହି ଉପନ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଲେଖିକା ଶର୍ମାଙ୍କର ଏହା ହେଉଛି ତୃତୀୟ ପୁସ୍ତକ। ପୂର୍ବରୁ ତାଙ୍କ ଲିଖିତ ୨ଟି ପୁସ୍ତକ 'ଫ୍ଲାଏ ଅନ୍ ଦି ୱାକ୍ ଆଣ୍ଡ୍ ଅଦର ଷ୍ଟୋରିଜ୍' (୨୦୧୩) ଏବଂ 'ଦି ଅୱ୍ଫୁଟ୍ସ୍ ଅଫ୍ ଆମ୍ନଗରୀ' ବିପୁଳ ପାଠକୀୟ ଆଦୃତି ଲାଭ କରିଛି। ଏହା ବ୍ୟତୀତ ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଅନେକ ହିନ୍ଦୀ କବିତା ପ୍ରକାଶ ପାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

# ଅଟଳ ବିହାରୀଙ୍କ ଭଳି ନେତା ଭାରତୀୟ ରାଜନୀତିରେ ବିରଳ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

## ୪ ଜଣଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର'

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଭଳି ରାଜନେତା ଭାରତୀୟ ରାଜନୀତିରେ ବିରଳ। ତାଙ୍କ ଭଳି ଜଣେ ରାଷ୍ଟ୍ରନାୟକ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବେ। ବାଜପେୟୀଙ୍କ ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ତଥା ରାଷ୍ଟ୍ର ନିର୍ମାଣରେ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୃତ୍ୟଧାମ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ଶୁକ୍ରବାର ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଦେଶ ପ୍ରତି ବାଜପେୟୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିମାନେ ଭାରତରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏହି ମହାନ୍ ନେତାଙ୍କ ଜୀବନୀ, ଆଦର୍ଶ ଓ ଦେଶ ପାଇଁ ସେବାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଶତାବ୍ଦୀର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଥିଲେ, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା।




ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

# ଗଣବଳାତ୍କାର ପୀଡ଼ିତାଙ୍କୁ ନ ଭେଟାଇ ଷଡ଼ଯନ୍ତ୍ର କରାଯାଉଛି: କଂଗ୍ରେସ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ଅପରାହ୍ଣରେ କ୍ୟାପିଟାଲ ହସ୍ପିଟାଲ ଗସ୍ତକରି ଗଣବଳାତ୍କାରର ଶିକାର ପୀଡ଼ିତାଙ୍କୁ ସାକ୍ଷାତକରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଏଠାରେ ସେଭଳି କେହି ମହିଳା ନାହାନ୍ତି ବୋଲି କହି ଫାଙ୍କିଦେଇଥିଲେ। ସେହି ପୀଡ଼ିତାଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା କଂଗ୍ରେସର ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିବା ପାଇଁ ଯେତେ ସମ୍ଭବ ଚେଷ୍ଟାକଲେ ମଧ୍ୟ ଡାକ୍ତରଖାନା ପକ୍ଷରୁ ଷଡ଼ଯନ୍ତ୍ରକରି ପୀଡ଼ିତାଙ୍କୁ ସାକ୍ଷାତକରାଇ ଦେଲେ ନାହିଁ। ମହିଳା କଂଗ୍ରେସ ପକ୍ଷରୁ ଉକ୍ତ ଘଟଣାକୁ ନେଇ କ୍ୟାପିଟାଲ ଥାନାକୁ ଯୋଗାଯୋଗ କରାଯାଇଥିଲା। ମାତ୍ର କ୍ୟାପିଟାଲ ଥାନା ଅଧିକାରୀ କହିଥିଲେ, ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଅଛନ୍ତି। କ'ଣ ପାଇଁ ଘଟଣାକୁ ଲୁଚାଯାଉଛି ବୋଲି ମହିଳା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ୧୭ ବର୍ଷର ନାବାଳିକା ଅଶୋକନଗର ଅଞ୍ଚଳରେ ଦରମରା ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗଣମାଧ୍ୟମ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନାବାଳିକାଙ୍କ ସହ ପାଶବିକ ଅତ୍ୟାଚାର କରାଯାଇଛି। ପୋଲିସ ଉଦ୍ଧାର କରିଥିବା ଖବର ଗଣମାଧ୍ୟମରେ ମିଳିଥିବା ବେଳେ ପୋଲିସ ପକ୍ଷରୁ କୁହାଯାଇଛି, ପୀଡ଼ିତା ନିଜେ କ୍ୟାପିଟାଲ ହସ୍ପିଟାଲ ଆସିଛନ୍ତି। ଏଣୁ ରାଜଧାନୀରେ ମହିଳା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ମହିଳା କଂଗ୍ରେସ କହିଛି।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜଧାନୀ ଭୁବନେଶ୍ୱରର ଅଶୋକନଗର ଅଞ୍ଚଳରେ ଜଣେ ୧୭ ବର୍ଷୀୟ ଝିଅର ଗଣବଳାତ୍କାର ଘଟଣା ଶୁକ୍ରବାର ଲୋକଲୋଚନକୁ ଆସିବା ପରେ ଶନିବାର ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉପରେ ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଶଙ୍ଖ ଭବନ ଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା କହିଛନ୍ତି, ଗତ ୧୬ ମାସର ଭାଜପା ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଅଶୋକନଗର ଅଞ୍ଚଳରେ ଜଣେ ୧୭ ବର୍ଷର ଝିଅକୁ ଗଣବଳାତ୍କାରକରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗିଦିଆଯାଇଛି। କିନ୍ତୁ ପୋଲିସ ପ୍ରଶାସନ ଜାଣିପାରୁନାହିଁ। ରାଜଧାନୀର ଛାତି ଉପରେ ଯଦି ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହନ୍ତି ତେବେ ଅନ୍ୟ ଜାଗାରେ କିଭଳି କରିପାରିବେ। ରାଜ୍ୟରେ ବଳାତ୍କାର ଓ ଗଣବଳାତ୍କାର ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯ୍ୟାତନା ମାମଲା ରୁଜୁହୋଇଛି। ଏହା ଭିତରେ ବଳାତ୍କାର, ଗଣବଳାତ୍କାର, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳଗୁଡ଼ିକ ତରଫରୁ ଏଥିନେଇ ବିଧାନସଭା ଭିତରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ନାବାଳିକାଙ୍କୁ ନେଇ ସେକ୍ସ ର‌୍ୟାକେଟ

ଭୁବନେଶ୍ୱର,୧୮।୧୦(ସତ୍ୟଜିତ ରାଉତ)

## ପୀଡ଼ିତା ହସ୍ପିଟାଲରେ ଭର୍ତ୍ତି ପରେ ଫିଟିଲା ଗୁମର

- ଦୁଇ ମହିଳା ଦଲାଲ, ଜଣେ ଗ୍ରାହକ, ଘର ମାଲିକ ଗିରଫ
- ଉଦ୍ଧାର ହେଲେ ୩ ଯୁବତୀ

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନାବାଳିକାଙ୍କୁ ନେଇ ଚାଲିଛି ସେକ୍ସ ର‌୍ୟାକେଟ। ନାବାଳିକା ଦେହଜୀବୀଙ୍କ ଅତ୍ୟଧିକ ରକ୍ତସ୍ରାବ ହେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଲିଙ୍କ୍‌ରେ ତଦନ୍ତ କରାଯିବା ପରେ ସେକ୍ସ ର‌୍ୟାକେଟର ଗୁମର ପଦାକୁ ଆସିଛି। କ୍ୟାପିଟାଲ ଥାନା ପୋଲିସ ୨ ମହିଳା ଦଲାଲ, ଜଣେ ଗ୍ରାହକ ଏବଂ ଘର ମାଲିକଙ୍କୁ ଶନିବାର ଗିରଫ କରିଛି। ଦୁଇ ଦଲାଲ ହେଲେ ମଙ୍ଗେଶ୍ୱର ପାଲା ମଣ୍ଡପ ନିକଟରେ ରହୁଥିବା ପୁରୀ ଜିଲା ବଳଙ୍ଗା ଅଞ୍ଚଳର ମଞ୍ଜୁ ସେଠୀ (୪୭), ବରମୁଣ୍ଡା କାଳୀ ମନ୍ଦିର ନିକଟରେ ରହୁଥିବା କଟକ ଜିଲା ବାଙ୍କି ପାଟପୁରର ମମତା ସାହୁ (୪୨)। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ସେକ୍ସ ର‌୍ୟାକେଟ ଚାଲିଥିବା ଲକ୍ଷ୍ମୀସାଗର ପ୍ଲଟ ନଂ ଇବି ୩୨୪ସ୍ଥିତ ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ (୫୪) ଓ ଗ୍ରାହକ ନୟାଗଡ଼ ଜିଲା ବସନ୍ତପୁର ଘୁଙ୍ଗୁଡ଼ିପଡ଼ାର ଅବିନାଶ ମୁଦୁଲି (୨୮)। ୩ଜଣ ଯୁବତୀଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାରେ କ୍ୟାପିଟାଲ ଥାନା ଓ ଲକ୍ଷ୍ମୀସାଗର ଥାନା ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇଛି। କ୍ୟାପିଟାଲ ହସ୍ପିଟାଲ ଡାକ୍ତରଙ୍କ ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ କ୍ୟାପିଟାଲ ପୋଲିସ ପକ୍ଷରୁ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଲକ୍ଷ୍ମୀସାଗର ଥାନା ପକ୍ଷରୁ ଇମୋରାଲ୍ ଟ୍ରାଫିକ୍(ପ୍ରିଭେନ୍‌ଶନ) ଆକ୍ଟର ଦଫା ୪ରେ ମାମଲା ରୁଜୁ କରାଯାଇଛି। କ୍ୟାପିଟାଲ ଥାନା ପକ୍ଷରୁ ୪ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ପୀଡ଼ିତା ଜଣକ ଝାଡ଼ଖଣ୍ଡର ଏବଂ ତାଙ୍କ ବୟସ ୧୬ ବର୍ଷ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେ କେଉଁଭଳି ସ୍ଥିତିରେ ଏବଂ କାହା ଲିଙ୍କ୍‌ରେ ଦେହ କାରବାରରେ ଲିପ୍ତ ଥିଲେ, ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଦୁଇ ମହିଳା ଦଲାଲ ସଞ୍ଜୀବଙ୍କ ଘରେ ଦେହ ବ୍ୟବସାୟ ଚଳାଇଥିଲେ। ସେମାନେ ଏକ ପରିବାର ସଦସ୍ୟ ଭଳି ଚଳୁଥିଲେ। କିଛିଦିନ ତଳେ ଗ୍ରାହକ ଅବିନାଶ ସେଠାକୁ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ନାବାଳିକା ଜଣକ ଗୁରୁତର ହୋଇପଡ଼ିଥିଲେ। ତାଙ୍କର ବଳ ରକ୍ତସ୍ରାବ ହୋଇଥିଲା। ୩ ଦିନ ତଳେ ମହିଳା ଦଲାଲ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣି ଦେଖାଇ ପୁଣି ନେଇଯାଇଥିଲେ। ତେବେ ଦେହ ଅଧିକ ଅସୁସ୍ଥ ହେବାରୁ ଅଭିଯୁକ୍ତ ଦଲାଲଦ୍ୱୟ ଗୁରୁବାର ସନ୍ଧ୍ୟାରେ ଏକ ରାପିଡୋ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଅଟୋଚାଳକ ଜଣକ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଛାଡ଼ି ପଳାଇ ଯାଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ନାବାଳିକାଙ୍କ ପାଖରେ କେହି ନ ଥିବାରୁ ଓ ତାଙ୍କର ପରିଚୟ କିଛି ଜଣା ନ ପଡ଼ିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା। ପୀଡ଼ିତାଙ୍କୁ ବଳାତ୍କାର କରାଯାଇଥିବା ମଧ୍ୟ ସନ୍ଦେହ କରାଯାଇଥିଲା। ତେବେ ଭଡ଼ାରେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ମହିଳା ଦଲାଲଙ୍କ ଠିକଣା କହିଥିଲେ। ପୋଲିସ ଟିମ୍ ଲକ୍ଷ୍ମୀସାଗରରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣା ପଛର ରହସ୍ୟ ପଦାକୁ ଆସିଥିଲା। ରାଜଧାନୀରେ ଏଭଳି ଅନେକ ସେକ୍ସ ର‌୍ୟାକେଟ ଚାଲୁଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।



ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ଶନିବାର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ମ୍ୟାନେଜିଂ କମିଟି ସଭାପତି ଅକ୍ଷୟ କୁମାର ମିଶ୍ର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ରିତମ୍ ସିହ୍ନା, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ ପ୍ରମୁଖ।

# ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ)

## ୨ ବିଭାଗକୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ

ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଉଛନ୍ତି କି? କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି? ଯଦି ଆପଣ ଏପରିକି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। 'ସୁଭଦ୍ରା ଯୋଜନା'ର ଏହି ଗାଇଡ୍‌ଲାଇନ୍ ଅନୁଯାୟୀ ଅଯୋଗ୍ୟ ଚିହ୍ନଟ ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ମୋନିସା ବାନାର୍ଜୀ ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮,୦୦୦ ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେକ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ। ଏହି ପରିପ୍ରେକ୍ଷୀରେ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ସେଥିରେ ଛାତ୍ରୀମାନଙ୍କୁ ଯେଉଁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।

**ସାଇକେଲରୁ ପଡ଼ି ଜଣେ ମୃତ**

ସନ୍ଥିଛକ,(ସନ୍ତୋଷ ପରିଡ଼ା): ଅନୁଗୋଳ ଜିଲା ବଁଶପାଳ ଥାନା ତଳମୂଳ ଗ୍ରାମର ରାଉତ୍ରା ସାହୁ(୫୫) ଶନିବାର ସାଇକେଲରେ କୁଣ୍ଡାନେଇ ଫେରୁଥିବାବେଳେ ମହାଦପୁର ହାଟ ଛକ ନିକଟ ଆଶ୍ରମ ସମ୍ମୁଖରେ ଖସିପଡ଼ି ଗୁରୁତର ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ପରିବାର ଲୋକେ ରାଉତ୍ରାଙ୍କୁ କୌଣସି ଗାଡ଼ି ଧକ୍କାଦେଇଥିବା ଅଭିଯୋଗ କରିଛନ୍ତି। ମହାଦପୁର ଫାଣ୍ଡି ପୋଲିସ ମୃତଦେହ ଜବତ ସହ ତଦନ୍ତ ଜାରି ରଖିଛି।

# ବିନା ନୋଟିସରେ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ପରଜଙ୍ଗ, ୧୮।୧୦ (ନିତ୍ୟାନନ୍ଦ ବଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗୋଡ଼ ପଞ୍ଚାୟତ ଗଉଲୋ ଦଳିତ ବସ୍ତିରେ ରହୁଥିବା ୫୦ରୁ ଊର୍ଦ୍ଧ୍ୱ ଦଳିତ ପରିବାରଙ୍କୁ ବିନା ନୋଟିସରେ ଶୁକ୍ରବାର ସେମାନଙ୍କର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଏହାର ପ୍ରତିବାଦରେ ଲୋକମାନେ ବିଦ୍ୟୁତ ତାରରେ ଗଛ ଡାଳ ପକାଇ ଦେଇଥିଲେ। ଫଳରେ ଗ୍ରାମରେ ବିଦ୍ୟୁତସମସ୍ୟା ଦେଖାଦେଇଥିଲା। ଏହାକୁ ମରାମତି କରିବାକୁ ବିଦ୍ୟୁତ ବିଭାଗର କର୍ମଚାରୀ ବିଜୟ ପଟ୍ଟନାୟକ, ସନ୍ତୋଷ ସାହୁ ଓ ଅନ୍ୟ କେତେଜଣ ଗ୍ରାମକୁ ଆସିଥିଲେ। କାହିଁକି ବିନା ନୋଟିସରେ ବିଦ୍ୟୁତ କାଟିଛନ୍ତି ବୋଲି ପ୍ରଶ୍ନକରି ହିତାଧିକାରୀମାନେ ତାଙ୍କ ଗାଡ଼ି ଆଗରେ ବସିଥିଲେ। ୧୦ ଦିନ ସମୟ ଦେଇ ବସ୍ତି ଓ ସହିତ ପୁନର୍ବାର ବିଦ୍ୟୁତ୍ ସଂଯୋଗ ଦାବିରେ ସାହିବାସୀ କର୍ମଚାରୀମାନଙ୍କୁ ଅଟକ ରଖିଥିଲେ। ସୂଚନା ମୁତାବକ, ଦୀର୍ଘ ବର୍ଷ ହେବ ସରକାରଙ୍କ 'ସୌଭାଗ୍ୟ' ଯୋଜନାରେ ଉକ୍ତ ପରିବାର ବିଦ୍ୟୁତ୍ ସଂଯୋଗ କରିଥିଲେ ସୁଦ୍ଧା କୌଣସି ବିଲ ଆସି ନ ଥିଲା। ତେବେ ହଠାତ ବିନା କୌଣସି ନୋଟିସ ଦେଇ ବିଦ୍ୟୁତ୍ ବିଭାଗ ଲାଇନ କାଟିଦେଇଥିଲା। କିନ୍ତୁ ବିଭାଗର କୌଣସି ଉଚ୍ଚପଦସ୍ଥ ଅଧିକାରୀ ପହଞ୍ଚି ନ ଥିଲେ। ଘଟଣା ସ୍ଥଳରେ ସାଆନ୍ଦ ଫାଣ୍ଡି ଅଧିକାରୀ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ସାହିବାସୀ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଗ୍ରାମୀୟ ସରପଞ୍ଚ ବିଶ୍ୱଜିତ ନାୟକ ପହଞ୍ଚି ବିଦ୍ୟୁତ ବିଭାଗ ଏସ୍‌ଡିଓଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଡିଓ କହିଥିଲେ ଯେ, ଲୋକମାନେ ନୂତନ ଗ୍ରାହକ ହେବାକୁ ପଡ଼ିବ, ପ୍ରତି ଘର ପିଛା ଏକ ହଜାର ଟଙ୍କା ଦେଲେ ନୂତନ ଲାଇନ ଦିଆଯିବ। ତେବେ ସଙ୍ଗେ ସଙ୍ଗେ ଟଙ୍କା ଦିଆଯାଉପାରିବ ନାହିଁ ବୋଲି ସାହିବାସିନ୍ଦା କହିଥିଲେ। ତେବେ ବୁଝେଇ ହିତାଧିକାରୀ ହଜାରେ ଟଙ୍କା ଦେଖାଇଁ ଦେବା ପରେ ସମସ୍ୟା ସମାଧାନ ହୋଇଥିଲା।

# ମେଗା ସ୍ୱାସ୍ଥ୍ୟ ଶିବିରରେ ୧୦୪ ଜଣଙ୍କ ଚିକିତ୍ସା



ତାଳଚେର, ୧୮।୧୦ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତର ଏକଡାଳ ଗ୍ରାମଠାରେ ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ସିଏସ୍‌ଆର୍ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କୋଲିୟରୀ ଡିସ୍ପେନସାରୀର ଡାକ୍ତର ଶଶିଧର ପ୍ରସାଦଙ୍କ ତତ୍ତ୍ୱାବଧାନରେ ବଳଣ୍ଡା ଡିସ୍ପେନସାରୀର ଶିଶୁ ବିଶେଷଜ୍ଞ ଡାକ୍ତର ରାକେଶ କୁମାର ଏବଂ ଅନନ୍ତ ଡିସ୍ପେନସାରୀର ଡାକ୍ତର କ୍ରିଷ୍ଣା କୁମାରୀ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବିତରଣ କରାଯାଇଥିଲା। ଜଗନ୍ନାଥ, ଅନନ୍ତ ଓ ବଳଣ୍ଡା ଡିସ୍ପେନସାରୀର ଫାର୍ମାସିଷ୍ଟ ବିଶ୍ୱମ୍ଭର ସାହୁ, ସୁଜିତ ଦାସ ଓ ଅଭିଷେକ ଶତପଥୀଙ୍କ ସହିତ ରାଜେଶ ନନ୍ଦୀ, ସନ୍ତୋଷିନୀ ସାହୁ, ସ୍ମରଣିକା ବେହେରା, ଦେବୀପ୍ରିୟା ପ୍ରଧାନ, ଗୌତମ ନାଏକ, ଆମ୍ବୁଲାନ୍ସ ଡ୍ରାଇଭର ତ୍ରିନାଥ ସାହୁ, ସୁଶାନ୍ତ କୁମାର ପାଣି ଓ ସେଣ୍ଟଜନ ଆମ୍ବୁଲାନ୍ସ ଅନୁଗୋଳର ଅବୈତନିକ ଯୁଗ୍ମ ସମ୍ପାଦକ ତଥା ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନର ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନ, ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ପମିତ୍ରା ପ୍ରଧାନ, ଅନିଲ ଥମ୍ବ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୧୦୪ ଜଣଙ୍କ ଚିକିତ୍ସା କରାଯାଇଥିଲା। ପୂର୍ବତନ ସରପଞ୍ଚ ଖୁଲଣା ପରିଡ଼ା, ଦୀପେନ୍ଦ୍ର କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ଦିଲୀପ ଦେହୁରୀ, ପ୍ରମୋଦ ପ୍ରଧାନ, ପ୍ରାଣବନ୍ଧୁ ଦାସ, ଗୁରୁଦେବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, କୃଷ୍ଣଚନ୍ଦ୍ର ଦାସ, ଅଜିତ ବିଶ୍ୱାଳ, ନାରଣ ବିଶ୍ୱାଳ, କୁମୁଦ ଚନ୍ଦ୍ର ଦେହୁରୀ, ଦୁଷ୍ମନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ସୁରଭି ମହୋତ୍ସବ

ବଇଣ୍ଡା, ୧୮।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୭ଟି କ୍ଲଷ୍ଟରର ଛାତ୍ରୀଛାତ୍ର ୧୧ଟି ବିଭାଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ମୁଖ୍ୟବକ୍ତା ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଦେହୁରୀ, ରମଣୀ ରଞ୍ଜନ ସାହୁ, ଜବାହରଲାଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବାମୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍କଳ କିଶୋର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରକାଶ ସିଂହ ଯୋଗ ଦେଇଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଅଗସ୍ତି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବାମୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବଭ୍ରୁବାହନ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ଆଞ୍ଚଳିକ କେନ୍ଦ୍ର ସଂଯୋଜକ, ସମସ୍ତ ଶିକ୍ଷକ ଓ କର୍ମଚାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।



ଜଣେ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓଡ଼ାପଡ଼ା ପଞ୍ଚାୟତ ସମିତି ବୈଠକ



ଓଡ଼ାପଡ଼ା, ୧୮।୧୦ (ରଞ୍ଜିତ ନାୟକ)

ଓଡ଼ାପଡ଼ା ପଞ୍ଚାୟତ ସମିତି ସଭାଗୃହରେ ସମିତିର ୧୦ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇ ଜନସାଧାରଣଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସମସ୍ତ ସଦସ୍ୟମାନେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ହିନ୍ଦୋଳ ଗୁଡିଆକାଟେଣି ପୂର୍ତ୍ତ ବିଭାଗ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ବୈଠକରେ ଦାବି ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ସମ୍ପର୍କରେ ସଭ୍ୟମାନେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ

ବଇଣ୍ଡା, ୧୮।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ରଠାରେ ଚାଲିଥିବା ୪ ଦିନିଆ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବେସିକ ନିଡ୍‌ସ ଇଣ୍ଡିଆ ବାଙ୍ଗାଲୋରର ନିର୍ଦ୍ଦେଶକ ଡ. ରାଜାରାମ ସୁବିଆନ ମୁଖ୍ୟ ସନ୍ଦର୍ଭ ବ୍ୟକ୍ତି ଭାବେ ଯୋଗଦେଇ ସାମାଜିକ ଶିକ୍ଷା, ମାନସିକ ସ୍ୱାସ୍ଥ୍ୟ, ନେତୃତ୍ୱ ବିକାଶ, ପରାମର୍ଶ ସେବା, ମାନସିକ ସ୍ୱାସ୍ଥ୍ୟ ଆଇନ, ମାନସିକ ରୋଗୀଙ୍କ ପାଇଁ ସରକାରୀ ଯୋଜନା ଆଦି ଉପରେ ଆଲୋଚନା କରିଥିଲେ। ବିଏନ୍‌ଆଇର ଅଧିକାରୀ ରବି. ଆର. ଏବଂ ରାଜୀବ କୁମାର ତାଲିମ ସହାୟକ ଭାବେ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ସମେତ ୱାସିଡିଏ ବୌଦ୍ଧ, ସାତି କନ୍ଧମାଳ, ରେୟାର ସୋନପୁର ଓ ପଲ୍ଲି ଆଲୋକ ପାଠାଗାର ବଲାଙ୍ଗୀରର ୨୫ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଏନ୍‌ଆଇ ସହାୟତାରେ ଉପରୋକ୍ତ ୫ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ୫ଟି ଜିଲାରେ ମାନସିକ ରୋଗ ନିରାକରଣ ଦିଗରେ କାର୍ଯ୍ୟ କରାଯାଉଛି। ଏହି ତାଲିମ ଶିବିରରେ ବିଶ୍ୱ ଯୁବକେନ୍ଦ୍ରର କର୍ମୀ ଅଭିଷେକ ମହାପାତ୍ର, ଅଭୟ ଚରଣ ସ୍ୱାଇଁ ଓ ଗୋଲକ ବିହାରୀ ଗାଉଁ ପ୍ରମୁଖ ସହାୟତା କରିଥିଲେ। ଉଦ୍‌ଯାପନୀ ସଭାରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ।



ତାଲିମ ଶିବିରରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ବଇଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ୍



ବଇଣ୍ଡା, ୧୮।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣମଣ୍ଡପ ପରିସରରେ ଅସହାୟ ସହାୟତା କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି କ୍ଷୀରେନ୍ଦ୍ର ମୋହନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପରମ୍ପରା ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜ୍ଜୁନ କୁମାର ସାହୁ, ସାମାଜିକକର୍ମୀ ରଣଜିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ କଲ୍ୟାଣମଣ୍ଡପର ଉନ୍ନତୀକରଣ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ।

# ସାମାଜିକ କର୍ମୀ କ୍ଷୀରୋଦ ସାହୁ ସମ୍ବର୍ଦ୍ଧିତ



ତାଳଚେର, ୧୮।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ଲକ୍ଷ୍ମୀ ନାରାୟଣୀ ପୂଜା କମିଟି ଟିଆରସାହି ପକ୍ଷରୁ ୬୫ତମ ବାର୍ଷିକ ଲଡ୍ଡୁ ନିଲାମ ଉତ୍ସବରେ ଘଣ୍ଟପଡ଼ାର ସାମାଜିକ କର୍ମୀ କ୍ଷୀରୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଦସ୍ୟ, ସମସ୍ତ ପୂଜା କମିଟି ସଦସ୍ୟଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ମହାପାତ୍ର ସାହିର ଅନ୍ନଦାତ୍ରୀ ପୂଜା କମିଟି ସଦସ୍ୟ ସୁମନ୍ତ ସାହୁ, ମଣ୍ଡପ ସାହି ପୂଜା କମିଟିର କାର୍ତ୍ତିକ ସାହୁ, ସିଦ୍ଧିଲକ୍ଷ୍ମୀ ପୂଜା କମିଟିର ଅମର ପ୍ରଧାନ, ସାମନ୍ତ ସାହି-କ ପୂଜା କମିଟିର ମନୋଜ ଦାସ ସାମାଜିକ କର୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଲଟେରି ମାଧ୍ୟମରେ ଲଡ୍ଡୁ ଉଠାଣ



ଅନୁଗୋଳ, ୧୮।୧୦ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ଅନୁଷ୍ଠିତ ହୋଇଯାଇଥିବା ଗଜଲକ୍ଷ୍ମୀ ପୂଜା ଅବସରରେ କଲେଜ ଛକ ପୂଜା କମିଟି ପକ୍ଷରୁ ଲଟେରି କାର୍ଯ୍ୟକ୍ରମ ରଖାଯାଇଥିଲା। ଗତ ୧୪ ତାରିଖରେ ଏହି ଲଟେରି ଉଠାଣ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଏ ନେଇ ଲଟେରି ବିଜେତା ଶୈଳେନ ମିଶ୍ରଙ୍କୁ ୫୦ କେଜିର ଲଡ୍ଡୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରସାନନ୍ଦ ମିଶ୍ର, ମନୋଜ ମିଶ୍ର, ଦୀପକ ମହାରଣା, ଦୀପକ ପରିଡା, ମାନସ ମିଶ୍ର, ତ୍ରିଲୋଚନ ବେଜ ପ୍ରମୁଖ ଉପସ୍ଥିତ ଥିଲେ।

# ଦାୟିତ୍ୱ ଗ୍ରହଣ କଲେ ଡା. ଦିଲୀପ ପଟ୍ଟନାୟକ

ଅନୁଗୋଳ, ୧୮।୧୦ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଡା. ଦିଲୀପ କୁମାର ପଟ୍ଟନାୟକ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଅନୁଗୋଳ ପରିବାର କଲ୍ୟାଣ ଅଧିକାରୀ ଥିଲେ। ପରେ କ୍ୟାପିଟାଲ ହସ୍ପିଟାଲକୁ ବଦଳି ହୋଇଯାଇଥିଲେ। ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ ଓ ବିଭିନ୍ନ ବିଭାଗର କର୍ମଚାରୀ ଡା. ପଟ୍ଟନାୟକଙ୍କୁ ସାଗତ କରିଥିଲେ। ନିଜ କର୍ତ୍ତବ୍ୟ ସୂଚାରୁରୂପେ ପାଳନ କରିବେ ବୋଲି ଡା. ପଟ୍ଟନାୟକ ପ୍ରକାଶ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ShellRep-25-26-21

କାର୍ଯ୍ୟର ନାମ : 24 (ଚବିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ICF ଏବଂ LHB କୋଚ୍‌ଗୁଡ଼ିକର ହେଭି ଶେଲ୍ (Heavy Shell) ମରାମତି।

ବିଜ୍ଞାପିତ ମୂଲ୍ୟ : ₹ 3,89,85,092.46, EMD : ₹ 3,44,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.10.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.11.2025ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର

PR-696/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS 2025046, ତା.10.10.2025ରିଖ

କାର୍ଯ୍ୟର ନାମ : କଣ୍ଟାବାଞ୍ଜି ଠାରେ 200 ସଂଖ୍ୟକ କ୍ଷମତା ବିଶିଷ୍ଟ ୱାଗନ POH କାରଖାନାର ସଂସ୍ଥାପନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 23019.30 ଲକ୍ଷ, EMD : ₹ 1,15,10,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.12.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-139/CI/25-26

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**
**कमरा नं0 302, तृतीय तल्ला, अभियंत्रण भवन, कचहरी चौक, राँची– 834001**
ई–मेल – eemidran-cemr-jhr@nic.in, midranchi2018@gmail.com, फोन नं० – 0651–3512781

पत्रांक................../ **शुद्धि–पत्र** राँची, दिनांक ......../......../2025

कार्यपालक अभियंता, लघु सिंचाई प्रमण्डल, राँची का पत्रांक –616 दिनांक–25.09.25 द्वारा PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 03.11.2025 up to 2.00 pm |
| 2 | Last date for /time for submission of e-tender BID's | 25.10.2025 up to 5:00pm | 10.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 10.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 12.11.2025 at 4:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची

PR 364512 Minor Irrigation(25-26)#D

**OFFICE OF THE EXECUTIVE ENGINEER**
**National Highway Division, RCD, Deoghar**
**Circular Road, Near D.C. Residence, Deoghar, Jharkhand (814112)**
**E-mail ID : eenhdeoghar@gmail.com**

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364122 (Deoghar)25-26*D] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 30.10.2025 12:00 HRS to 20.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 07.11.2025 (12:30 HRS) |
| 4. | BID Due Date | 20.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 21.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 24.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 364528 (Deoghar)25-26*D — Executive Engineer NH Division, Deoghar

**कार्यालय, जिला अभियंता जिला परिषद गिरिडीह**

**अतिअल्पकालीन निविदा आमंत्रण सूचना**

ई0–निविदा संख्या– **DE/ZP/GIRIDIH/11/2025-26**

ई– निविदा सूचना संख्या – DE/ZP/GIRIDIH/11/2025-26

1. कार्य की विस्तृत विवरणी :– 15वें वित्त आयोग के स्वास्थ्य प्रक्षेत्र योजना मद्।

| क्रं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य अवधि |
|---|---|---|---|---|---|
| 1 | Construction of Primary Health Centre at Udnabad under Block Giridih District Giridih | 1,42,99,800.00 | 2,86,000.00 | 10,000.00 | 12 माह |
| 2 | Construction of Primary Health Centre at Balhara under Block Dhanwar District Giridih | 1,42,99,800.00 | 2,86,000.00 | 10,000.00 | 12 माह |

2. वेबसाइट में निविदा प्रकाशन की तिथि – 25.10.2025
3. ई–निविदा प्राप्ति की तिथि एवं समय दिनांक 25.10.2025 से दिनांक 04.11.2025 को अपराह्न 5:00 बजे तक
4. ई–निविदा खोलने का स्थान– जिला अभियंता, जिला परिषद का कार्यालय, गिरिडीह।
5. ई–निविदा खोलने की तिथि एवं समय– 06.11.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, गिरिडीह।
7. ई–निविदा प्रकोष्ठ का दूरभाष संख्या – 7979762672 (संबंधित जिला अभियंता, गिरिडीह का दूरभाष नम्बर)
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संवेदक की होगी।
11. जिला परिषद, गिरिडीह के समुचित श्रेणी एवं उससे एक उपर के निबंधित संवेदक ही भाग ले सकते है।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, गिरिडीह

PR 364456 Rural Development (25-26)_D

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

**e-tender Notice - BIT/20/2025-26/Envi/Chem2**

Reference Number: BIT/20/2025-26/Envi/Chem2 Dated :- 17-10-2025

Tender ID: 2025_DHTE_105984_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply and installation of Equipment of Environmental Engineering Lab of Chemical Engineering Department BIT Sindri, Dhanbad, Jharkhand. |
| 3 | Document download start date | 21-10-2025 |
| 4 | Document download end date | 11-11-2025 |
| 5 | Bid submission end date | 11-11-2025 |
| 6 | Bid opening date | 12-11-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd-/
Director,
B.I.T., Sindri

PR 364508 Higher Education, Technical Education and Skill Development Department (25-26)_D

**Government of Odisha**
**Information and**
**Public Relations Department**

IPR-FP-GP-0003-2025/15613/IPR Dated: 16.10.2025

**1st Corrigendum**

**Tender Call Notice No.15037, Dtd:06.10.2025**

No.Z-18: In continuation of the RFP No.15037, Dated 06.10.2025 inviting eligible bidders to "Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi", it is hereby informed all concerned that some modifications are made in the RFP document. Please visit the website i.e. https://inpr.odisha.gov.in & https://odisha.gov.in. for detailed information.

OIPR-15001/11/1229/2526 **Sd./- Director**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

**CSR DEPARTMENT**

**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)**

ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025

LAST DATE FOR SUBMISSION OF APPLICATION – 30/11/2025

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**

- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26:
  **Graduation course in Engineering, Medical or Agriculture (including integrated/dual degree M.Tech. Course) OR**
  **Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005** latest by **30/11/2025 (4.00 PM).**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

## ସଂକ୍ଷେପରେ

### ଘରୁ ନାଗ ସାପ ଉଦ୍ଧାର

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳୀ ଗ୍ରାମର ନିରଞ୍ଜନ ସାହୁଙ୍କ ଘରୁ ଶନିବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ଘର ଭିତରକୁ ସାପ ପଶିଆସିବା ଦେଖି ନିରଞ୍ଜନ ସର୍ପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବରପାଇ ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଭାବେ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦେଇଥିଲେ।

### ୧୭୬୦ ଲିଟର ଡିଜେଲ ସହ କାଠ ଜବତ

ପବିତ୍ରନଗର,୧୮।୧୦(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ସମଲ ବାଇପାସ ରୋଡ୍ ନିକଟ ଏକ କ୍ୟାମ୍ପ ଉପରେ ଶୁକ୍ରବାର ଅପରାହ୍ଣରେ ତାଳଚେର ଏସ୍‌ଡିପିଓଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରି ୧୭୬୦ ଲିଟର ଡିଜେଲ, ଶାଗୁଆନ କାଠ ଜବତ କରିବା ସହିତ ସେଠାରେ ଥିବା ୪ଟିଚାରିଚକିଆ ଯାନ ଜବତ କରିଛି। ଏଥିସହ ସାନଟିପୋର ଦୁଷ୍ମନ୍ତ ବେହେରା(୨୯)ଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ଆଉ ଜଣେ ଫେରାର ହୋଇଯାଇଛନ୍ତି। ଏ ନେଇ ସମଲ ଆଇଆଇସି କହିଛନ୍ତି, ଡିଜେଲ ଓ କାଠ ଜବତ ହୋଇଛି। ଜଣଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଲୋଚନା

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା କଲେଜ ପରିସରରେ ଶନିବାର ଇତିହାସ ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ସୁମିତ୍ରା ସାଇଁ, ଶୁଭଲକ୍ଷ୍ମୀ ମାଝୀ, ମଧୁସ୍ମିତା ବେହେରା ଯୋଗଦେଇ ସାଧୀନତା ସଂଗ୍ରାମୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

# ବିଲ୍ ପାସ୍ କରୁନି ବ୍ଲକ୍ ପ୍ରଶାସନ

- ଉନ୍ନୟନ କାର୍ଯ୍ୟ ଶେଷ ସତ୍ତ୍ୱେ ଠିକା ସଂସ୍ଥାକୁ ମିଳୁନି ଅର୍ଥ
- ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଦିଆଯାଉନି କାର୍ଯ୍ୟାଦେଶ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପଠାଇଲେ ସରପଞ୍ଚ

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଉରାପାଲି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିଲ୍ ପାସ୍ କରୁନାହିଁ ବ୍ଲକ ପ୍ରଶାସନ। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦିତ ନୂତନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟାଦେଶ ଦିଆଯାଉ ନ ଥିବା ଧଉରାପାଲି ସରପଞ୍ଚ ସଞ୍ଜିତ ପ୍ରଧାନ ଶନିବାର ଅଭିଯୋଗ କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ପଠାଇଛନ୍ତି।

ଅଭିଯୋଗପତ୍ରରେ ସରପଞ୍ଚ ଉଲ୍ଲେଖ କରିଛନ୍ତି, କିଶୋରନଗର ବ୍ଲକର ବଡ଼ ପଞ୍ଚାୟତ ଧଉରାପାଲିରେ ବିକାଶମୂଳକ ଯୋଜନା ଠପ୍ ହୋଇଯାଇଛି। ଏହି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୮୦ ଲକ୍ଷ ଟଙ୍କା ବିନିଯୋଗରେ ଅନେକ ପ୍ରକଳ୍ପ ନିର୍ମାଣ ହୋଇସାରିଛି। ବ୍ଲକ ପକ୍ଷରୁ ବିଭିନ୍ନ ଠିକାସଂସ୍ଥାକୁ ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିବା ବେଳେ ବିଲ୍ ପାସ୍ କରାଯାଉ ନାହିଁ। କାର୍ଯ୍ୟ ସମାପ୍ତର ଦୀର୍ଘ ୬ ମାସ ବିତିଯାଇଥିଲେ ମଧ୍ୟ ବିଲ୍ କରିବା ପାଇଁ ବ୍ଲକ ପ୍ରଶାସନ ଅମଙ୍ଗ ହେଉଛି। ଏପରିକି ବ୍ଲକର କେତେଜଣ କର୍ମଚାରୀ ବିଲ୍ ପାଇଁ ୧୦ ପ୍ରତିଶତ କମିଶନ ଆଗୁଆ ଦେବାକୁ ଦାବି କରୁଛନ୍ତି। ବିଲ୍ ପାସ୍ ହେଉ ନ ଥିବା ଯୋଗୁ ଠିକାସଂସ୍ଥା କର୍ମଚାରୀମାନେ ପଞ୍ଚାୟତକୁ ଆସି ନିର୍ବାହୀ ଅଧିକାରୀଙ୍କୁ ବିଲ୍ ଅର୍ଥ ମାଗୁଛନ୍ତି। ଫଳରେ ପଞ୍ଚାୟତରେ ଏକ ଅପ୍ରୀତିକ ପରିସ୍ଥିତ ସୃଷ୍ଟି ହେଉଛି। ଏ ନେଇ ବହୁବାର ବିଡିଓଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ ବିଲ୍ ପଇଠ କରାଯାଉ ନାହିଁ। ସେହିପରି ଅନେକ ଉନ୍ନୟନ ପ୍ରକଳ୍ପ ପଞ୍ଚାୟତକୁ ଆସିଥିଲେ ମଧ୍ୟ ସେଗୁଡ଼ିକର କାର୍ଯ୍ୟାଦେଶ ଦିଆଯାଉ ନାହିଁ। ଏ ନେଇ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କହିଛନ୍ତି, ଧଉରାପାଲି ପଞ୍ଚାୟତରେ ଯାହା କାମ ହୋଇଛି, ତାହାର ବିଲ୍ କରାଯାଉଛି। କୌଣସି ବିଲ୍ ଅଟକାଯାଉ ନାହିଁ। ସରପଞ୍ଚଙ୍କ ଅଭିଯୋଗରେ ସତ୍ୟତା ନାହିଁ। ଏପରିକି ସରକାରଙ୍କ ପକ୍ଷରୁ ଯାହା ପ୍ରକଳ୍ପ ନିର୍ମାଣ ପାଇଁ ଆସୁଛି ତାହାର କାର୍ଯ୍ୟାଦେଶ ଦିଆଯାଉଥିବା ବିଡିଓ ପ୍ରକାଶ କରିଛନ୍ତି।

## ସାପ୍ତାହିକ ହାଟ ଉଦ୍‌ଘାଟିତ

ଛେଣ୍ଡିପଦା,୧୮।୧୦(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଓଗୀ ପଞ୍ଚାୟତ ପଡ଼ିଆରେ ଶନିବାର ନୂତନ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ସୁବୋଧ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗ୍ରାମ ସଭାପତି ରସାନନ୍ଦ ପ୍ରଧାନ, ସମିତି ସଭ୍ୟ ପ୍ରଦୋଷ ବିଶ୍ୱାଳଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ହାଟର ଉଦ୍‌ଘାଟନ କରିଥିଲେ। ଏହି ହାଟ ଯୋଗୁ ଅଞ୍ଚଳର ଚାଷୀଙ୍କୁ ନିଜସ୍ୱ କୃଷିଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ବଜାର ସୁବିଧା ମିଳିବ ବୋଲି ସରପଞ୍ଚ ପ୍ରଧାନ ମତ ପ୍ରକାଶ କରିଥିଲେ। ଏହି ସାପ୍ତାହିକ ହାଟ ପ୍ରତି ଶନିବାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହାଟର ଶୁଭାରମ୍ଭ ଅବସରରେ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଓ ବ୍ୟବସାୟୀ ପରିବା ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରି ଖସି ଅନୁଭବ କରୁଛନ୍ତି।

## ଚଉକୁଳି ପୋଖରୀ ଉନ୍ନତୀକରଣ ଦାବି



ଅନୁଗୋଳ,୧୮।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ପୌରପାଳିକା ଅନ୍ତର୍ଗତ ହୁଲୁରିସିଂହା ୱାର୍ଡ ନଂ.୭, ୮ର ବାସିନ୍ଦା ଶୁକ୍ରବାର ଚଉକୁଳିପୋଖରୀର ଉନ୍ନତୀକରଣ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ୱାର୍ଡବାସୀ ଉଲ୍ଲେଖ କରିଛନ୍ତି, ଏହି ଦୁଇ ୱାର୍ଡ ମଧ୍ୟରେ ଏକ ବଡ଼ ପୋଖରୀ ରହିଛି। ଏହି ଚଉକୁଳି ପୋଖରୀ ଉପରେ ପୂର୍ବରୁ ୨ ୱାର୍ଡର ପ୍ରାୟ ୨୫ଶହରୁ ଅଧିକ ଲୋକ ନିର୍ଭର କରିଆସୁଥିଲେ। ହେଲେ ୧୦ ବର୍ଷ ହେଲା ଉକ୍ତ ପୋଖରୀ ପଙ୍କ ଓ ଦଳରେ ଭର୍ତ୍ତି ହୋଇଯିବା ସହ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହି ପୋଖରୀର ପୁନରୁଦ୍ଧାର କରା ନ ଗଲେ ଆଗାମୀ ଦିନରେ ଜଳସଙ୍କଟ ଦେଖାଦେବ। ୱାର୍ଡରେ ଥିବା ମା’ ମଙ୍ଗଳାଙ୍କ ମାଘ ମାସ ଝାମୁଯାତ୍ରା ସ୍ୱତନ୍ତ୍ର ନୀତି ସହିତ ଏହି ପୋଖରୀ ଜଡ଼ିତ। ସେହିପରି ୱାର୍ଡ ନଂ.୮ରେ ଥିବା ମା’ କାଳୀଙ୍କ ଦଣ୍ଡଯାତ୍ରା ଓ ମେରୁଯାତ୍ରା ଦିନ ଏହି ପୋଖରୀରେ ସ୍ନାନ ନୀତି କରାଯାଏ। ଉକ୍ତ ୨ ୱାର୍ଡରେ ଆଉ କୌଣସି ବ୍ୟବହାର ଯୋଗ୍ୟ ପୋଖରୀ ନ ଥିବାରୁ ଚଉକୁଳି ପୋଖରୀର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ଏଣୁ ତୁରନ୍ତ ଦଳ ସଫା, ଖନନ, ପାଚେରି ନିର୍ମାଣ, ଆଲୋକୀକରଣ, ପାରମ୍ପରିକ ବିଧି ପାଇଁ ଉନ୍ନତମାନର ଘୁଠ ଏବଂ ରକ୍ଷଣାବେକ୍ଷଣ ଦିଗରେ ପ୍ରାଧାନ୍ୟ ଦିଆଯାଉ। ନଚେତ ଆଗାମୀ ଦିନରେ ୱାର୍ଡବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ବାଧ ହେବେ ବୋଲି ସ୍ଥାନୀୟ ବାସିନ୍ଦା ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରଶ୍ମିରଞ୍ଜନ ସାହୁ, ସଞ୍ଜୀବ କୁମାର ସାହୁ, ରାହୁଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମବାସୀଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବାକୁ ପ୍ରୟାସ



ପନିପରିବା ଚାଷ ଏବଂ ନର୍ସରୀ ପରିଚାଳନା ତାଲିମର ଅଂଶଗ୍ରହଣକାରୀମାନେ।

ଅନୁଗୋଳ, ୧୮।୧୦(ମାନସ ବିଶ୍ୱାଳ)

ଅନୁଗୋଳରେଞ୍ଜିସୋରିଷପାଳଭିଏସ୍ଏସ୍‌ରୁ ପନିପରିବା ଚାଷ ଏବଂ ନର୍ସରୀ ପରିଚାଳନା ତାଲିମର ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ଏକ୍ସପୋଜର ପରିଦର୍ଶନର ଆୟୋଜନ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରରେ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଧରିତ୍ରୀ ପାତ୍ର ଅଂଶଗ୍ରହଣକାରୀଙ୍କ ସହିତ ଯୋଗଦେଇ ଏକ ସ୍ୱତନ୍ତ୍ର ଶ୍ରେଣୀଗୃହରେ ଆୟୋଜିତ ଅଧିବେଶନକୁ ପରିଚାଳନା କରିଥିଲେ। ଉନ୍ନତ ଚାଷ କୌଶଳ, ବଜାର ସଂଯୋଗ ଏବଂ ଉଦ୍ୟୋଗ ସୁଯୋଗ ଉପରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଉନ୍ନତ କୃଷି ପଦ୍ଧତି ଗ୍ରହଣ କରିବାକୁ ଏବଂ ସେମାନଙ୍କ ଜୀବିକା ବୃଦ୍ଧି କରିବା ପାଇଁ ବାଣିଜ୍ୟିକ ପନିପରିବା ଚାଷ ଅନୁସନ୍ଧାନ ନିମନ୍ତେ ପ୍ରେରଣା ଦେଇଥିଲେ। ଅଧିବେଶନ ପରେ ଅଂଶଗ୍ରହଣକାରୀମାନେ ପନିପରିବା ପ୍ରଦର୍ଶନ ପ୍ଲଟ, ଔଷଧୀୟ ଉଦ୍ଭିଦ ଚାଷ, ଛତୁ ଚାଷ ସମେତ ବିଭିନ୍ନ ଜୀବିକାଭିତ୍ତିକ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗ, ଯୁବକ ଗିରଫ

ସନ୍ତ୍ରିଛକ,୧୮।୧୦(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଅଭିଯୁକ୍ତ ଜଗନ୍ନାଥ ନାଏକ (୨୨)ଙ୍କୁ ଶନିବାର ଗିରଫ କରିଛି। ଏଥିସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ପୋଲିସ କହିଛି, ବଅଁରପାଳ ଅଞ୍ଚଳର ସମ୍ପୃକ୍ତା ନାବାଳିକା ଜଣଙ୍କ ଚଳିତମାସ ୧୪ ତାରିଖ ରାତିରେ ଘରୁ ବାହାରି ଆସି ଗାଁ ମଣ୍ଡପ ପାଖରେ ଛିଡ଼ା ହୋଇଥିଲେ। ସେହି ସମୟରେ ସମ୍ପୃକ୍ତ ଅଭିଯୁକ୍ତ ତାଙ୍କୁ ଉଠାଇ ନେଇଥିଲେ। ନାବାଳିକାଙ୍କ ମା’ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ବଅଁରପାଳ ଅଞ୍ଚଳରୁ ଉଦ୍ଧାର କରିଥିଲା। ମାଜିଷ୍ଟ୍ରେଟଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ

ବଇଣ୍ଡା,୧୮।୧୦(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)




ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକରେ ଅତିଥିମାନେ।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତର ସାପଘରାଠାରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆଠମଲ୍ଲିକ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାନନ ବେହେରା, ସହକାରୀ ଶ୍ରମ ଅଧିକାରୀ ଅମିୟ ରଞ୍ଜନ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜିତ କୁମାର ପ୍ରଧାନ ଓ ନବକିଶୋରେ ପ୍ରଧାନ, ବିଶ୍ୱଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସାପଘରା, ପାଇକସାହି, ପେଡିପଥର, ଟାପଡ଼ୋଲ ପଞ୍ଚାୟତର ହିତାଧିକାରୀ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ବାଲ୍ୟ ବିବାହର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା, ବିବାହ ପଞ୍ଜୀକରଣ, ଅନ୍ତ୍ୟୋଦୟ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ଆଲୋଚନା କରିବା ସହ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସହକାରୀ ଶ୍ରମ ଅଧିକାରୀ ଶିଶୁମାନଙ୍କୁ କାମରେ ନ ଲଗାଇବା ପାଇଁ କହିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାଲ୍ୟ ବିବାହ ରୋକିବା ପାଇଁ ଶପଥପାଠ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ପୂଜା ସ୍ୱାଇଁ, ଅଭିଷେକ ମହାପାତ୍ର, ଦୀପି ଦେହୁରୀ, ପପି ଦେହୁରୀ, ଗୀତାଞ୍ଜଳି ବାଘ, ସତ୍ୟଭାମା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ତମାଖୁମୁକ୍ତ ଅଭିଯାନ ୩.୦ର ଶୁଭାରମ୍ଭ

ଅନୁଗୋଳ,୧୮।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶନିବାର ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ତମାଖୁମୁକ୍ତ ଅଭିଯାନ ୩.୦ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଅଭିଯାନ ବିଷୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମଦନ ମୋହନ ପ୍ରଧାନ ଅବଗତ କରାଇଥିଲେ। ଏହି ଅଭିଯାନ ୩.୦ ଅକ୍ଟୋବର ୧୦ରୁ ଆରମ୍ଭ ହୋଇଥିବା ବେଳେ ୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅଧିକାରୀମାନେ ଅଭିଯାନର ଶୁଭାରମ୍ଭ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦ୍‌ଗାତା, ଜିଲା ଅଣସଂକ୍ରାମକ ରୋଗ ପରିଚାଳକ ଅଜିତ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ନୀଳାଞ୍ଚଳ ପଟେଲ, ଅନୁଗୋଳ ମହିଳା ମହାବିଦ୍ୟାଳୟ ପ୍ରଫେସର ରଞ୍ଜିତା ସିଂହ ସାମନ୍ତ, ନେହ୍ରୁ ଯୁବକେନ୍ଦ୍ର ପରିଚାଳକ ତପନ କୁମାର ସାମଲ, ସମସ୍ତ ବ୍ଲକ ଜନସ୍ୱାସ୍ଥ୍ୟ ଏବଂ ଜିଲା ଓ ବ୍ଲକର ଏନ୍‌ଏଚ୍‌ଏମ୍ ମ୍ୟାନେଜର, କନସଲଟାଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ତମାଖୁମୁକ୍ତ ଅଭିଯାନ ୩.୦ର ବୈଠକରେ ଅଧିକାରୀମାନେ।

## ଆଞ୍ଚଳିକ ଖଣି ରେସ୍କ୍ୟୁ ପ୍ରତିଯୋଗିତା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ତାଳଚେର,୧୮।୧୦ (ମନୋଜ ନନ୍ଦ)

ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ରାଞ୍ଚି ଓ ଏମ୍‌ସିଏଲ୍‌ର ମିଳିତ ସହଯୋଗରେ ୨୯ତମ ଆଞ୍ଚଳିକ ଖଣି ରେସ୍କ୍ୟୁ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ତାଳଚେରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଲଣ୍ଡା ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ତାଳଚେର ଏରିଆ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ଦକ୍ଷିଣପୂର୍ବ କ୍ଷେତ୍ର ରାଞ୍ଚିର ଉପନିର୍ଦ୍ଦେଶକ ଡ. ଶ୍ୟାମସୁନ୍ଦର ପ୍ରସାଦ ଯୋଗଦେଇ କୋଇଲା ଖଣିରେ ବିଭିନ୍ନ ସମୟରେ ଦୁର୍ଘଟଣା ବେଳେ ସ୍ୱତନ୍ତ୍ର ଭାବେ ରେସ୍କ୍ୟୁ ଟିମ୍ ପହଞ୍ଚି ତୁରନ୍ତ କାର୍ଯ୍ୟ ଆରମ୍ଭ ସହିତ ଖଣି ଶ୍ରମିକମାନଙ୍କୁ ବିପଦ ମୁଖରୁ ଉଦ୍ଧାର କରୁଥିବାରୁ ଧନ୍ୟବାଦ ଦେଇଥିଲେ। ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଅଧ୍ୟକ୍ଷତା କରି ବିଭିନ୍ନ ଖଣିରେ ଏମ୍‌ସିଏଲ୍‌ର ରେସ୍କ୍ୟୁ ଟିମ୍ ଶ୍ରମିକମାନଙ୍କୁ ବିପଦ ମୁଖରୁ ଉଦ୍ଧାର କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଡିଏମ୍‌ଏସ୍ ଭୁବନେଶ୍ୱର ଏ.କେ. ମିଶ୍ର, ଡାଇରେକ୍ଟର ଏଚ୍‌ଆର୍ କେଶବ ରାଓ, ସିଭିଓ ପି.କେ. ପଟେଲ, ଡି.ଟି. ପିଆଣ୍ଡପି ସଞ୍ଜୟ ଝା, ଜଗନ୍ନାଥ ଜିଏମ୍ ଏ.କେ. ଧଳ, ସେଫ୍ଟି ରେସ୍କ୍ୟୁ ଜିଏମ୍ ସି.ପି. ଗର୍ଗ ପ୍ରମୁଖ ଯୋଗଦାନ କରି ସୁରକ୍ଷା ଉପରେ ଗୁରୁତ୍ୱାରାପ କରିଥିଲେ। ଅନ୍ୟତମ ଅତିଥି ଭାବେ ଏଆଇଟିୟୁସିର ଏସ୍. କେ. ଶର୍ମା, ଆଇଏନ୍‌ଟିୟୁସିର ସୌଭାଗ୍ୟ ପ୍ରଧାନ, ବିଏମ୍‌ଏସ୍‌ର ସଞ୍ଜିତ ମହାପାତ୍ର, ଏଚ୍‌ଏମ୍‌ଏସର ଶଙ୍କର ବେହେରା, କୁଞ୍ଜବିହାରୀ ବେହେରା, ଆର୍. କେ. ମଲ୍ଲିକ ଯୋଗଦେଇଥିଲେ। ଗତ ୧୪ ତାରିଖ ଠାରୁ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ତାଳଚେର ଏରିଆ ଜିଏମ୍ ଏ.ଏ. ଅନସାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ସନ୍ତ୍ରିଛକ,୧୮।୧୦(ସନ୍ତୋଷ ପରିଡ଼ା)

ବଅଁରପାଳ ବ୍ଲକ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଳରାମ ପ୍ରସାଦ, ବଅଁରପାଳ, ଜରଡ଼ା ଏବଂ ଗଡ଼ସନ୍ତ୍ରି ଯୋନ୍‌ରୁ ପ୍ରାୟ ୧୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ନରେଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁମର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରୀତିଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିମାନେ।

## ପୂଜା କମିଟି ପକ୍ଷରୁ ଲଡୁ ନିଲାମ

ସନ୍ତ୍ରିଛକ,୧୮।୧୦(ସନ୍ତୋଷ ପରିଡ଼ା)

ବଅଁରପାଳ ବ୍ଲକ ସନ୍ତ୍ରିଛକ ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା’ଙ୍କ ଆଜ୍ଞାମାଳ ଓ ଲଡୁ ନିଲାମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ଚରଣ ଭୂତିଆ, ଶ୍ରୀବସ୍ତ ସାମଲ, କୁମୁଦ ସାମଲ, ବିକାଶ ସାମଲ, ପ୍ରମୁଖ ଯୋଗଦେଇଥିଲେ। ଆଜ୍ଞାମାଳ ଓ ଲଡୁକୁ ୨୬ ହଜାର ୧୧୧ ଟଙ୍କାରେ ବିଷ୍ଣୁ ନିଲାମ ନେଇଥିଲେ। ସଭାପତି ଗୌରଚନ୍ଦ୍ର ପ୍ରଧାନ, ସମ୍ପାଦକ ସଂଗ୍ରାମ କେଶରୀ ସାମଲ, କୋଷାଧ୍ୟକ୍ଷ ଶକ୍ତି ରାଉତ, ସତ୍ୟାନନ୍ଦ ସିଂହ, ପ୍ରତାପ ସାହୁ, ସୁଶୀଳ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସଚେତନ ହେଲେ ନବମ ଶ୍ରେଣୀ ଛାତ୍ରୀଛାତ୍ର




ଅତିଥିମାନେ କୃତୀ ବିଦ୍ୟାଳୟକୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଅନୁଗୋଳ,୧୮।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଶନିବାର ଜିଲାସ୍ତରୀୟ ରୋଲ୍ ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବମ ଶ୍ରେଣୀର ୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଦ୍ୟ କୈଶୋର ସମୟ ଛାତ୍ର ଜୀବନ ଅତ୍ୟନ୍ତ ସମ୍ବେଦନଶୀଳ ମୁହୂର୍ତ୍ତ। ଏହି ସମୟରେ ପିଲାଟିଏ ଠିକ୍ ଭାବରେ ଭଲ ମନ୍ଦ ଭେଦଭାବ ଜାଣି ନ ପାରି ବିପଥଗାମୀ ହେବାର ସମ୍ଭାବନା ଅଧିକ। ତେଣୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ବଡ କୋରଡା ଦ୍ୱିତୀୟ ସ୍ଥାନ, ଅନୁଗୋଳ ସରକାରୀ ବାଳିକା ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରତିଭା ବାରିକ କୃତୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

## ୭୦୮ ପ୍ରକଳ୍ପ ମଧ୍ୟରୁ ୬୦ ଶେଷ

ଛେଣ୍ଡିପଦା,୧୮।୧୦ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ଶନିବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଇଏଏସ୍ କସ୍ତୁରୀ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧ୍ୟକ୍ଷ ତଥା ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ସାହୁ ଓ ବ୍ଲକ ଏପିଓ ସାଗରିକା ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଜନଶୁଣାଣି ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତସ୍ତରରେ ହେଉଥିବା ସୋସିଆଲ ଅଡିଟ ସମୟରେ ଠିକ୍ କାଗଜପତ୍ର ଦାଖଲ କରୁ ନ ଥିବାନେଇ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ଜରପଡ଼ା ବନ ବିଭାଗ ପକ୍ଷରୁ କରାଯାଇଥିବା ନର୍ସରୀରେ ଅନିୟମିତତା ନେଇ ଅତିରିକ୍ତ ଜିଲାପାଳ ତାଗିଦ୍ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଯେପରି ଭୂତ ରାଶନ ହିତାଧିକାରୀ ନ ବାହାରିବେ, ସେଥିପ୍ରତି ସମସ୍ତେ ଧ୍ୟାନଦେବା ପାଇଁ ଆଲୋଚନା ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ୭୦୮ ପ୍ରକଳ୍ପ କାର୍ଯ୍ୟ ମଧ୍ୟରୁ ୬୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବାବେଳେ ୬୪୮ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ୩୩୪ ଜଣଙ୍କୁ ୧୦୦ଦିନର କାମ ଯୋଗାଇ ଦିଆଯାଇଛି। ୯ ହଜାର ୪୦୩ଟି ପରିବାରଙ୍କୁ ଗତ ଆର୍ଥିକ ବର୍ଷରେ କାମ ଯୋଗାଇ ଦିଆଯାଇଛି। ବହୁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ହୋଇଥିବା ନେଇ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ମୃତକ ଓ ବିବାହିତା ମହିଳାଙ୍କ ନାମ କଟାଯାଉ ନ ଥିବାରୁ ଅସନ୍ତୋଷ ଦେଖା ଦେଇଥିଲା। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଯୋଗ୍ୟ ହିତାଧିକାରୀ ରାଶନ ପାଉ ନ ଥିବାନେଇ ଅତିରିକ୍ତ ଜିଲାପାଳ ମହାପାତ୍ର ତାଗିଦ କରିଥିଲେ। ଜନ ଶୁଣାଣିରେ ବ୍ଲକର ୩୪ଟି ପଞ୍ଚାୟତର ସରପଞ୍ଚ, ସମିତସଭ୍ୟ, ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସାମାଜିକ ସୁରକ୍ଷା ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ, ଜଳଛାୟା ପ୍ରକଳ୍ପ ବିଭାଗ, ଲାଇନ୍ ଡିପାର୍ଟମେଣ୍ଟ ଆଦି ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।



ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ମଞ୍ଚାସୀନ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

# ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ମିଳୁ



ଖବରଦାତା ସମ୍ମିଳନୀରେ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କର୍ମକର୍ତ୍ତା।

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ)

୨୦୦୮ରୁ ୨୦୨୫ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦାବି କରିଛି। ସଂଘର ସମ୍ପାଦକ ନରେନ୍ଦ୍ର କୁମାର ମହାଲିକଙ୍କ ସଭାପତିତ୍ୱରେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ସବିତା ବାରିକ, ସହ ସମ୍ପାଦିକା ମଧୁସ୍ମିତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶୃତିରଞ୍ଜନ ପ୍ରଧାନ, ଅନ୍ୟତମ ଉପସଭାପତି ସରୋଜ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଦାବି ସମ୍ପର୍କରେ କହିଥିଲେ। ସାରା ଓଡ଼ିଶାରେ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ କମ୍ପୋଜିଟ ମହାବିଦ୍ୟାଳୟରେ ୨୦୦୮ରୁ ନିଯୁକ୍ତି ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଆଧାରରେ ସରକାର ଏକ ନୂତନ ପଲିସି ଦ୍ୱାରା ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ କରନ୍ତୁ। ଏହି ସମ୍ପର୍କରେ ସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯିବା ସହ ଅଭିଯୋଗ ଶୁଣାଣିରେ ସଚିବଙ୍କ ଦୃଷ୍ଟିକୁ ଆଣିଥିଲେ। ସ୍ୱଳ୍ପ ବେତନରେ ୧ ଦଶନ୍ଧିଠାରୁ ଅଧିକ ସମୟ ସରକାରଙ୍କ ପ୍ରତ୍ୟେକ ନ୍ୟସ୍ତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଯଦି ରାଜ୍ୟ ସରକାର ଆମ ଦାବିକୁ କ୍ରମାଗତ ଅଣଦେଖା କରନ୍ତି, ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆମରଣ ଅନଶନ କରିବାକୁ ବାଧହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସାଇବର ଅପରାଧ ରୋକିବାରେ ସଚେତନତା ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

■ ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ୨ୟ
■ ଖୁବ୍‌ଶୀଘ୍ର ୨୦ ନୂତନ ସାଇବର ଅପରାଧ ଥାନା କାର୍ଯ୍ୟକ୍ଷମ ହେବ
■ ୧,୧୨୭ ନୂଆ ପୋଲିସ ପଦବୀ, ୧୭୦ ଟେକ୍ନିକାଲ ଏକ୍ସପର୍ଟ ନିଯୁକ୍ତି ଖୁବ୍‌ଶୀଘ୍ର

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)



ବର୍ତ୍ତମାନ ବଡ଼ ଚ୍ୟାଲେଞ୍ଜ ହୋଇଥିବା ସାଇବର ଅପରାଧକୁ ରୋକିବା ନିମନ୍ତେ ସଚେତନତା ସବୁଠୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶନିବାର ଆୟୋଜିତ ଏହି ରାଜ୍ୟସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ପ୍ରାୟ ୮୨ କୋଟି ଅର୍ଥାତ୍ ୫୫% ଲୋକ ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ୨ୟ ରହିଛି। ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଯାଇଛୁ। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନ୍‌ଲାଇନ ଠକେଇ ଭଳି ଅପରାଧର ଶିକାର ହେବାକୁ ପଡୁଛି। ଏହି ଅପରାଧ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଆମ ସରକାର ସାଇବର ପୋଲିସକୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡ଼ିଶା ପୋଲିସକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ ୧୯୩୦ ମାଧ୍ୟମରେ ଅନେକ ହଜାର ଅଭିଯୋଗକାରୀଙ୍କୁ ଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ଅପରାଧ ପୋଲିସ ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ଏହା ସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ ଷ୍ଟେଶନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧,୧୨୭ଟି ନୂତନ ପୋଲିସ ପଦବୀ ସହ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ଏଥିସହ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ। ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବେ କାର୍ଯ୍ୟ କରିବ। ସରକାରଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। କିନ୍ତୁ ଅଧିକାଂଶ ସାଇବର ଠକାମିର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନ୍‌ଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀ ସତର୍କ ରହିବା ସାଙ୍ଗକୁ ସଚେତନ ହେବାକୁ ପଡ଼ିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଇଣ୍ଟରନେଟ୍ ଜରିଆରେ ଝିଅମାନଙ୍କୁ ବ୍ଲାକ୍‌ମେଲିଂ ଓ ମାନସିକ ନିର୍ଯାତନା ଉପରେ କ୍ଷୋଭ ପ୍ରକାଶ କରି ଓଡ଼ିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଦକ୍ଷେପ ନ ନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉକ୍ତ ରଥଗୁଡ଼ିକ ନୂଆପଡ଼ା ଜିଲାକୁ ଛାଡ଼ି ରାଜ୍ୟର ଅନ୍ୟ ସବୁ ଜିଲାରେ ମାସେ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରୀଛାତ୍ରମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡ଼ିଶା ପୋଲିସକୁ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇ କହିଛନ୍ତି, ସାଇବର ସୁରକ୍ଷା ବିଷୟରେ ସମସ୍ତେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ସଚେତନତା କାର୍ଯ୍ୟକ୍ରମ କେବଳ ଗୋଟିଏ ବିଭାଗର କାର୍ଯ୍ୟକ୍ରମରେ ସୀମିତ ନ ରଖି ଏହି ଆଭିମୁଖ୍ୟକୁ ସମସ୍ତେ ଆପଣେଇବା ଉଚିତ ବୋଲି ସେ କହିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରି ସାଇବର ଅପରାଧ କ୍ଷେତ୍ରରେ ଓଡ଼ିଶା ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ସଫଳତା ବିଷୟରେ ଉଲ୍ଲେଖ କରିଛନ୍ତି। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।








(ବାମରୁ) ଜୟ ଢୋଲକିଆ, ଘାସିରାମ ମାଝୀ ଓ ଶୁକଧର ଦଣ୍ଡସେନା ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଜୟ, ଘାସିରାମ, ଶୁକଧରଙ୍କ ପ୍ରାର୍ଥୀପତ୍ର ଦାଖଲ

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୧୮।୧୦(ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଶନିବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ଓଡ଼ିଶା ଜନତା ପାର୍ଟି (ଓଜେପି) ପ୍ରାର୍ଥୀ ଶୁକଧର ଦଣ୍ଡସେନା, ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଜୟ ଢୋଲକିଆ ମା'ଙ୍କ ଆଶୀର୍ବାଦ ନେଇ ବାପା ସ୍ୱର୍ଗତ ରାଜେନ୍ଦ୍ରଙ୍କ ଫଟୋକୁ ଗାଡ଼ି ଆଗରେ ଲଗାଇ ଶୋଭାଯାତ୍ରାରେ ବାହାରିଥିଲେ। ରାଜୁ (ରାଜେନ୍ଦ୍ର)ଭାଇ ଅମର ରହେ, ଜୟ ଭାଇ ଜିନ୍ଦାବାଦ୍ ବୋଲି ସ୍ଲୋଗାନ ସହ ଶୋଭାଯାତ୍ରା ଖରିଆରରୋଡ୍ ଜୋନ୍ ଥାନା ଛକଠାରୁ ବାହାରି ସହର ପରିକ୍ରମା କରି ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ନିଜ ସମର୍ଥକଙ୍କ ସହ ଉପଜିଲାପାଳ ସୁର୍ମି ସୋରେନଠାରେ ଜୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଜୟଙ୍କ ମା' କଳ୍ପନା, କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ପ୍ରଭାରୀ ଲତା ଉସେଣ୍ଡି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ଜିଲା ସଭାପତି କମଲେସ ଦୀକ୍ଷିତ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ବାସଭବନଠାରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଭବାନୀପାଟଣା ବିଧାୟକ ସାଗର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ କଂଗ୍ରେସ କମିଟି ସଭାପତି ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ସନ୍ତୋଷ ସିଂ ସାଲୁଜା,ରାଜ୍ୟ କିଷାନ ସେଲ ସଭାପତି ଅଭୟ ସାହୁ, ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ। ସେହିପରି ଓଡ଼ିଶା ଜନତା ପାର୍ଟି (ଓଜେପି)ର ଶୁକଧର ଦଣ୍ଡସେନା ନିଜ ସମର୍ଥକଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହା ପୂର୍ବରୁ ଗୁରୁବାର ଜଣେ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନୂଆପଡ଼ା ଉପନିର୍ବାଚନ ପାଇଁ ମୋଟ ୨୪ଜଣ ପ୍ରାର୍ଥୀ ୩୧ ସେଟ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ସେଥିମଧ୍ୟରୁ ୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ନାମାଙ୍କନ କଲେଣି ୫ ଜଣ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶନିବାର ସୁଦ୍ଧା ମୋଟ୍ ୫ ଜଣ ୭ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ନାମାଙ୍କନପତ୍ର ଦାଖଲ କରିଥିଲେ। ବର୍ତ୍ତମାନ ଆଉ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଶୁକଦେବ ଦଣ୍ଡସେନା, ପୁରୁଷୋତ୍ତମ ବେହେରା, ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ଏବଂ ଭାଜପାରୁ ଜୟ ଢୋଲକିଆ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉଭୟେ ଘାସିରାମ ଏବଂ ଜୟ ୨ଟି ଲେଖାଏ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଆସନ୍ତା ୨୦ ଯାଏଁ ରହିଛି। ସେହିପରି ଆସନ୍ତା ୨୨ରେ ନାମାଙ୍କନପତ୍ର ଯାଞ୍ଚହେବାକୁ ଥିବାବେଳେ ୨୪ ତାରିଖକୁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୬ ସୁଦ୍ଧା ଉପନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷହେବ ବୋଲି ଜଣାପଡ଼ିଛି।

# ଇଭିଏମ୍, ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନକଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍. ଗୋପାଳନ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଓ ଭିଭିପିଏଟି ଗୋଦାମ ଗୃହ ପରିଦର୍ଶନ କରଛନ୍ତି। ଏହାସହ ଆଗାମୀ ଉପନିର୍ବାଚନର ନ୍ୟାଶନାଲ କଲେଜସ୍ଥିତ ଭୋଟ ଗଣତି କେନ୍ଦ୍ର ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ ସହ ସାମ୍ପ୍ରତିକ ସ୍ଥିତି, ସରଞ୍ଜନା, ସୁରକ୍ଷା ବ୍ୟବସ୍ଥା ଆଦିର ସବିଶେଷ ନିରୀକ୍ଷଣ କରିଛନ୍ତି। ଏହାପରେ ନୂଆପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍ ପରିଦର୍ଶନକରିବା ସହ ବୁଥ୍‌ଗୁଡ଼ିକରେ ମତଦାତାଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ମୌଳିକ ସୁବିଧାର ତଦାରଖ କରିଛନ୍ତି। ଜିଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲାପାଳ ମଧୁସୂଦନ ଦାଶ ସିଇଓଙ୍କୁ ଏହି ପରିଦର୍ଶନ ସମୟରେ ଅବଗତ କରାଇଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ ସିଇଓ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରାଉତ, ଉପଜିଲାପାଳ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ନୀତିନିୟମ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଗୋପାଳନ ଅଧିକାରୀମାନଙ୍କୁ ଅବଗତ କରିଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଅଧିକାରୀ ଉପନିର୍ବାଚନର ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନକରି ମତଦାତାଙ୍କ ସହ ନିର୍ବାଚନ ଆୟୋଗଙ୍କ ପ୍ରଶଂସାର ପାତ୍ର ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି।

# ସଂଗ୍ରାମୀ ସାରଙ୍ଗଧର ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ


ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଜଣେ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ଭାବେ ଏ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଯାଇଛନ୍ତି। ଓଡ଼ିଆ ଜନମାନସରେ ସେ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନସ୍ଥିତ ଏକାଡେମୀ ପରିସରରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଡ. ଅଦ୍ୱୈତ ଚରଣ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସନାତନ ମଲ୍ଲିକ ଯୋଗଦେଇ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜୀବନାଦର୍ଶ ଓ କୃତି ଉପରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ଉଦ୍ଧବ ଚରଣ ନାୟକ ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ସାରଙ୍ଗଧରଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ କହିଲେ, ସାରଙ୍ଗଧର ଛାତ୍ର ଜୀବନରୁ ସଂଗ୍ରାମୀ ଥିଲେ। ବିଦେଶୀ ସରକାରଙ୍କ ପାଖରେ ଚାକିରି ନ କରି ଦେଶର ଶିଳ୍ପ ବିକାଶ ଲାଗି ଅଣ୍ଟା ଭିଡ଼ିଥିଲେ। ଏଥିପାଇଁ ସେ ଚିନି, କାଗଜ ଓ ସିମେଣ୍ଟ ଶିଳ୍ପ ସମ୍ପର୍କରେ ଜ୍ଞାନ ଆହରଣ ଲାଗି ରସାୟନଶାସ୍ତ୍ର ପଢ଼ିବାକୁ ଜାପାନ ଓ ଆମେରିକା ଯାତ୍ରା କରିବା ସହ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ଶିକ୍ଷାଲାଭ କରିଥିଲେ। ଫେରିବା ପରେ ଗଡ଼ଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଥିଲେ। ପୁସ୍ତକକାର ତଥା ଫାୟାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଏବଂ ସାରଙ୍ଗଧରଙ୍କ କୃତି ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ସଂଗ୍ରାମ ଜେନାଙ୍କ ଲିଖିତ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲିଲା ଶିମିଳିପାଳ

■ ନୃତ୍ୟଗୀତରେ ପର୍ଯ୍ୟଟକଙ୍କୁ ସ୍ୱାଗତ
■ ଖୋଲା ସଫାରିରେ ବୁଲିଲେ ପର୍ଯ୍ୟଟକ

ବାରିପଦା,୧୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)




ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବିଶ୍ୱ ଦରବାରରେ ପରିଚିତ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ତଥା ପ୍ରକୃତିର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଶନିବାରଠାରୁ ଖୋଲାଯାଇଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶୀପୁର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଛି। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରିଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ବନବିଭାଗ ପକ୍ଷରୁ ସଫାରୀରେ ଅଭୟାରଣ୍ୟ ବୁଲିବାର ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକମାନେ ଏହାର ସୁଯୋଗ ନେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦପ୍ରମୋଦ ଓ ରହଣି ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୁକିଂ କାଉଣ୍ଟରରୁ ଅନୁମତି ପତ୍ର ନେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ବେଳେ ପ୍ରବେଶ ଓ ରାତ୍ରିଯାପନ ପାଇଁ ଅନଲାଇନର ସୁବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ ଗୀତ ଗାଇ ପର୍ଯ୍ୟଟକଙ୍କୁ ପାଛୋଟି ନେଇଛନ୍ତି।

ଓଡ଼ିଶାର ଏକମାତ୍ର ଅଭୟାରଣ୍ୟ ଶିମିଳିପାଳରେ ମହାବଳ ବାଘ ଓ କଳା ବାଘ ରହିଥିବା ବେଳେ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପ୍ରାଣୀପ୍ରେମୀଙ୍କୁ ଆକର୍ଷିତ କରିଥାଏ। ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିବସରେ ପିଠାବଟା ଦେଇ ୮ଟି ସଫାରୀ ଜିପ୍‌ରେ ୩୫ଜଣ, ୧୨ଟି ଗାଡିରେ ୪୦ ପର୍ଯ୍ୟଟକ ଏବଂ ଯଶିପୁରପଟୁ କାଳାଆମୀ ଗେଟ ଦେଇ ୩ଟି ସଫାରୀ ଜିପ୍‌ରେ ୧୮ ଜଣ ଓ ୧୦ଟି ଗାଡିରେ ୩୬ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ କରିଛନ୍ତି। ଉଭୟ ଗେଟ୍ ଦେଇ ମୋଟ ୧୨୯ପର୍ଯ୍ୟଟକ ଶିମିଳିପାଳର ମଜା ଉଠାଇଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବା ସହିତ ଗାଇଡ ବ୍ୟବସ୍ଥା କରାଯାଇଛି। ଜାମୁଆଣି, କୁମାରୀ, ଗୁଡୁଗୁଡିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଏଥିରେ ରହିବା ପାଇଁ ଅଗ୍ରିମ ଅନଲାଇନ ବୁକିଂ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ନିମନ୍ତେ ସାନ୍ତାଳି ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶକୁଟୀର ଓ ଟ୍ରି ହାଉସ ଭଳି ବ୍ୟବସ୍ଥା କରାଯାଇଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି। କୋର୍ ଅଞ୍ଚଳରେ ଜୀବଜନ୍ତୁଙ୍କୁ ଅତି ନିକଟରେ ଦେଖିବା ପାଇଁ ସଫାରୀର ବ୍ୟବସ୍ଥା କରାଯାଇଛି। ଖୋଲାଗାଡିରେ ପର୍ଯ୍ୟଟକମାନେ ଜୀବଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ସହ ଫଟୋ ଉଠାଇବାର ସୁବିଧା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା କହନ୍ତି, ଚଳିତବର୍ଷ ପର୍ଯ୍ୟଟକଙ୍କ ନିମନ୍ତେ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ପାଇଁ ୩୫ଟି ଜିମନୀ(ଖୋଲା ସଫାରି)ର ବ୍ୟବସ୍ଥା କରାଯାଇଛି। ଗାଡିକୁ ପରିବର୍ତ୍ତନ କରାଯାଇ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ପର୍ଯ୍ୟଟକଙ୍କୁ ନେବା ଆଣିବା କରିବା ସହିତ ସୁରକ୍ଷିତ ଭାବେ ଛାଡିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି। ୧୦ଟି ଗାଡି ପିଠାବଟାରୁ ଓ ୨୫ଟି ଗାଡି କାଳିଆମୀ ଗେଟରୁ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ସଫାରୀ ଗାଡିଗୁଡିକ ସକାଳ ୬ଟାରୁ ଆରମ୍ଭ ହେବାକୁ ଥିବା ବେଳେ ପ୍ରାଇଭେଟ ଗାଡିଗୁଡିକ ଦିନ ୧୧ଟାରୁ ଶିମିଳିପାଳକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି। ଶିମିଳିପାଳର ବିଭିନ୍ନ ଜଳପ୍ରପାତ ସାଙ୍ଗକୁ ଜୀବଜନ୍ତୁଙ୍କୁ ଦେଖିବା ସହ ନୂତନ ଭାବେ ଖଇରୀ ବାଘୁଣୀ ସମ୍ପର୍କିତ ଏକ ମ୍ୟୁଜିୟମ ଖୋଲାଯାଇଛି। ଶିମିଳିପାଳ ଅଭୟାରଣ୍ୟକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ନିବେଦନ କରାଯାଇଛି। ପରିବେଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଲେ ବନ୍ୟପ୍ରାଣୀ ସମେତ ଜୀବଜଗତ ସୁରକ୍ଷିତ ରହିପାରିବେ ବୋଲି କହିଛନ୍ତି।

# ମାଷ୍ଟରମାଇଣ୍ଡ ମୁନାଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ

## ଏସ୍‌ଆଇ ନିଯୁକ୍ତି ଜାଲିଆତି
## ଚା’ ବିକାଳିରୁ କୋଟିପତି

ବାଙ୍କୀ/କଳାପଥର,୧୮।୧୦ (ଶୁଭେନ୍ଦୁ ମହାପାତ୍ର/ଗଙ୍ଗାଧର ସାହୁ)

ବହୁଚର୍ଚ୍ଚିତ ଏସ୍‌ଆଇ ନିଯୁକ୍ତି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ମୁନା ମହାନ୍ତିଙ୍କ କାରନାମା ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ତଳସାହିସ୍ଥିତ ତାଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ କରି ବହୁ କାଗଜାଦି ଜବତ କରିଛି। ରାଜଧାନୀ ଭୁବନେଶ୍ୱରରେ ଦିନେ ନଅ ତାଲା ନିକଟରେ ଏକଦା ଚା’ ବିକ୍ରି କରୁଥିବା ମୁନା ପରବର୍ତ୍ତୀ ସମୟରେ ଜମି ଦଲାଲି କରିବା ସହ ବାଲିଘାଟ କାରବାରରେ ସାମିଲ ହୋଇ ଅନେକ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ସେନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି।



କଳାପଥର ତଳସାହିସ୍ଥିତ ମୁନା ମହାନ୍ତିଙ୍କ ଘର ନିକଟରେ କ୍ରାଇମ୍‌ବ୍ରାଞ୍ଚ ଟିମ୍।

କ୍ରାଇମ୍‌ବ୍ରାଞ୍ଚ ବିଭାଗର ଏକ ୩ ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ମୁନାଙ୍କ ବାଙ୍କୀ ଉପଖଣ୍ଡ କଳାପଥର ଅନ୍ତର୍ଗତ ତଳସାହିସ୍ଥିତ ବାସଭବନରେ ଅପରାହ୍ନ ସମୟରେ ପହଞ୍ଚି ଚଢ଼ାଉ କରିଛି। ଚଢ଼ାଉ ସମୟରେ ମୁନାଙ୍କ ଘରେ କେବଳ ତାଙ୍କ ମା’ ଥିଲେ। ଟିମ୍ ମୁନା ମା’ଙ୍କ ଅନୁମତି ନେଇ ତାଙ୍କ ଘରେ ଯାଞ୍ଚ କରିଥିଲା। ସେଠାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅନୁସନ୍ଧାନ କରିବା ପରେ କିଛି ଜରୁରୀ କାଗଜପତ୍ର ନେଇ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀମାନେ ଚାଲିଯାଇଛନ୍ତି। ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଚଢ଼ାଉରେ ଜଣେ ଏସ୍‌ଆଇ ଓ ମହିଳା କନ୍‌ଷ୍ଟେବଲ ସାମିଲ ହୋଇଥିଲେ। ତଦନ୍ତରେ ବ୍ୟାଘାତ କାରଣରୁ ବିସ୍ତୃତ ପ୍ରକ୍ରିୟା ଦେବାକୁ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ମନା କରିଦେଇଛନ୍ତି।

ଭୁବନେଶ୍ୱରରେ ଚା’ ବିକ୍ରି କରୁଥିବା ଥିବା ମୁନା କିଭଳି ବହୁ କୋଟି ଟଙ୍କାର ମାଲିକ ହେବା ସହ ଆଲିସାନ ଗୃହ ନିର୍ମାଣ କଲେ ଏବଂ ଦାମୀ ଗାଡି ବ୍ୟବହାର କରି ରାଜକୀୟ ଜୀବନ ବିତାଉଥିଲେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଏସ୍‌ଆଇ ପ୍ରଶ୍ନପତ୍ର ଜାଲିଆତି ପଛରେ କୌଣସି ବଡ଼ ରାଜନେତା ଅବା ଅଧିକାରୀଙ୍କ ସମ୍ପୃକ୍ତି ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ।

# ଅଧିକ ସୁଧ ଦେବା ଆଳରେ ୧୦୦୦ କୋଟିର ଠକେଇ

ଭୁବନେଶ୍ୱର,୧୮।୧୦ (ସତ୍ୟଜିତ ରାଉତ)

## ହେଡ୍‌ଜେକ୍ସ ଫଣ୍ଡ ଓଡ଼ିଶା ମୁଖ୍ୟ ଗିରଫ

- ୧୦ ରାଜ୍ୟରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଠକେଇର ଶିକାର
- ଓଡ଼ିଶାର ୧୨ ହଜାର ଲୋକଙ୍କଠାରୁ ନେଇଯାଇଛନ୍ତି ୧୩୯ କୋଟି



ପ୍ରତାପ କୁମାର ରାଉତ

ନିବେଶରୁ ଅଧିକ ଲାଭ ଦେବା ଆଳରେ ୧୦୦୦ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେ ହେଲେ କଟକ ୪୨ ମୌଜା ଝିଙ୍କିରିଆ ଅଞ୍ଚଳର ପ୍ରତାପ କୁମାର ରାଉତ। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଜବତ ହୋଇଛି। ପ୍ରତାପଙ୍କୁ କଟକ ଓପିଆଇ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ହେଡ୍‌ଜେକ୍ସ ଫଣ୍ଡ ଏଲ୍‌ଏଲ୍‌ପି ସଂସ୍ଥାରେ ପ୍ରତାପ ନିଜକୁ ଓଡ଼ିଶା ମୁଖ୍ୟ ବୋଲି ପରିଚୟ ଦେଉଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବିଜୟ କୁମାର ପାଣିଗ୍ରାହୀ ୯୨ ଲକ୍ଷ ୬୦ ହଜାର ୪୮୦ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଥିଲେ। ପ୍ରତାପଙ୍କ କଥାରେ ପ୍ରଲୋଭିତ ହୋଇ ବିଜୟ ନିଜ ଅବସରକାଳୀନ ଟଙ୍କାକୁ ମାସକୁ ୧୧%ରୁ ୧୮% ଲାଭ ପାଇବା ଆଶାରେ ନିବେଶ କରିଥିଲେ। କିଛିଦିନ ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା। ବିଜୟଙ୍କ ଟଙ୍କା ମଧ୍ୟ ବ୍ଲକ ହୋଇଯାଇଥିଲା। ଏହା ଜାଣିବା ପରେ ଗତ ଅକ୍ଟୋବର ୧୪ରେ ବିଜୟଙ୍କ ଏତଲାକ୍ରମେ ଏକ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଏହି କମ୍ପାନୀ ୨୦୨୩ରେ ଗୋଆରେ ପଞ୍ଜୀକୃତ ହୋଇଥିଲା। ୨୦୨୩-୨୦୨୪ରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ତାମିଲନାଡୁ, ଦିଲ୍ଲୀ ଓ ଓଡ଼ିଶାର ୩ ଲକ୍ଷରୁ ଊର୍ଦ୍ଧ୍ୱ ନିବେଶକାରୀ ଠକେଇର ଶିକାର ହୋଇଛନ୍ତି। ଏପରିକି ଓଡ଼ିଶାର ୧୨ ହଜାର ଲୋକଙ୍କଠାରୁ ଉକ୍ତ କମ୍ପାନୀ ୧୩୯ କୋଟି ଟଙ୍କା ଠକି ନେଇଥିଲା। ପ୍ରତାପ ଲୋକାଲ କୋ-ଅର୍ଡିନେଟର ଭାବେ କାମ କରିବା ସହ ପ୍ରତାପ ଭୁବନେଶ୍ୱର ଓ କଟକରେ ବିଭିନ୍ନ ସମୟରେ ମିଟିଂ କରି ହେଡ୍‌ଜେକ୍ସ ଫଣ୍ଡକୁ ପ୍ରମୋଶନ କରାଉଥିଲେ। ସଂସ୍ଥାକୁ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଦୀନେଶ କୁମାର ଜୈନ ଓ କୁଲଦୀପ ସିଂ ପନ୍ୱାରଙ୍କ ସହ ପ୍ରତାପ ନିୟମିତ ଯୋଗାଯୋଗରେ ରହି ହାୱାଲା ଜରିଆରେ ଟଙ୍କା କାରବାର କରୁଥିଲେ। ଇଓଡବ୍ଲ୍ୟୁ ଏହି ମାମଲାରେ ଅଧିକ ଖୋଳତାଡ଼ ଜାରି ରଖିବା ସହ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

କେନ୍ଦୁଝର,୧୮।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଘଟିଗୁଡ଼ା ଥାନା ଅନ୍ତର୍ଗତ ମୁରଗାବିଲି ଗ୍ରାମର ପୁତୁନ ପାତ୍ର(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ପୋକ୍‌ସୋ ଦଫାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟରେ ୬ ମାସ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପଡ଼ିତାଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୭ ଜୁଲାଇ ୨୦୨୩ରେ ପୁତୁନ ପଡ଼ିତାଙ୍କ ବାପାଙ୍କୁ ଧାର ଦେଇଥିବା ପଇସା ମାଗିବାକୁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ପଡ଼ିତା ତାଙ୍କ ମାମୁଁଘରକୁ ଯିବାକୁ ବାହାରିବାରୁ ଅଭିଯୁକ୍ତ ଛାଡ଼ି ଦେବେ କହି ବାଇକରେ ବସାଇ ନେଇଥିଲେ। ତା’ ପରଦିନ ହରିଚନ୍ଦନପୁର ସିଙ୍ଗିବିଲ ବାଇପାସ୍ ମୂଷଳ ନଦୀ ନିକଟରେ ପଡ଼ିତାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ହରିଚନ୍ଦନପୁର ପୋଲିସ ମୃତଦେହ ଜବତକରି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ବଳାତ୍କାର ପରେ ହତ୍ୟାକରି ଫିଙ୍ଗିଦେଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୨୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି।

# ୨ ଦୋଷୀଙ୍କୁ ଆଜୀବନ ଜେଲ

## ୪ ଭାଇଙ୍କୁ ଗୋଡ଼ାଇ ହତ୍ୟା ଘଟଣା

ଆନନ୍ଦପୁର/ବଞ୍ଚ,୧୮।୧୦(ସୁଶାନ୍ତ ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ୪ ଭାଇଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଦେବବ୍ରତ ଦାସ ମହାପାତ୍ର ମାମଲାର ବିଚାରକରି ଆନନ୍ଦପୁର ଥାନା ଅନ୍ତର୍ଗତ ପଞ୍ଚୁଗୋଛିଆ ଗାଁର ଧନେଶ୍ୱର ଓଝା ଓ ଦାମୋଦର ଓଝାଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଲେଖାଏଁ ଜରିମାନା ଓ ଅନାଦାୟେ ଅଧିକ ଆଉ ୨ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପଞ୍ଚୁଗୋଛିଆ ଗାଁରେ ପୂର୍ବ ବିବାଦକୁ ନେଇ ଜଲଧର ଦଳେଇ, ବୁଦ୍ଧିଆ ଦଳେଇ, ସାଧୁଆ ଦଳେଇ ଓ ଉଦ୍ଧବ ଦଳେଇଙ୍କ ସହ ସେହି ଗ୍ରାମର ଧନେଶ୍ୱର ଓଝା ଓ ଦାମୋଦର ଓଝାଙ୍କ ଭିତରେ ତିକ୍ତତା ଲାଗି ରହିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜୁଲାଇ ୨୦୦୭ରେ ଜଲଧରଙ୍କ ସମେତ ଅନ୍ୟ ୩ ଭାଇଙ୍କୁ ଦିନ ଦୁଇ ପ୍ରହରରେ ଧନେଶ୍ୱର ଓ ଦାମୋଦର ମାରଣାସ୍ତ୍ରରେ ଗୋଡ଼ାଇ ହାଣିଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ୪ ଭାଇଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ମାଧବାନନ୍ଦ ଦଳେଇଙ୍କ ଅଭିଯୋଗ ଆଧାରରେ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ୭ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଘଟଣାରେ ୨୫ ଜଣ ସାକ୍ଷୀ ଓ ୮୦ ଦସ୍ତାବିଜ୍ ଆଧାରରେ ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି। ଏହିସହ ଘଟଣାରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣଙ୍କୁ ପ୍ରମାଣ ଅଭାବରୁ ବିଚାରପତି ଦୋଷମୁକ୍ତ କରିଥିବା ମାମଲା ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଓକିଲ ସୌମିତ୍ରୀ କୁମାର ରାଉତ, ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ସୂଚନା ଦେଇଛନ୍ତି।

# ଜଣେ କର୍ପୋରେଟର, ମଦ ବ୍ୟବସାୟୀଙ୍କୁ ପଚରାଉଚରା

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୧୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ବ୍ରହ୍ମପୁର ମହାନଗର ନିଗମର ଜଣେ କର୍ପୋରେଟର ଓ ଜଣେ ମଦ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଜଣାଶୁଣା କର୍ପୋରେଟର ଜଣକ ହତ୍ୟା ଘଟଣାର ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲେ ମଧ୍ୟ ଗତ ୨ ଦିନ ଭିତରେ ସମ୍ପୃକ୍ତ କର୍ପୋରେଟରଙ୍କୁ ବାରମ୍ବାର ଜେରା କରାଯାଇଛି। ପୂର୍ବରୁ ମଧ୍ୟ ଜଣେ କର୍ପୋରେଟରଙ୍କୁ ପୋଲିସ ପଚରାଉଚରା କରିଥିଲା। ସେହିପରି ପୋଲିସ ଏହି ମାମଲାରେ ପୂର୍ବରୁ ଜଣେ ଯୁବ ନେତାଙ୍କ ସହ ଜଣେ ବ୍ୟବସାୟୀଙ୍କୁ ମଧ୍ୟ ପଚରାଉଚରା କରି ଛାଡ଼ି ଦେଇଛି। ହତ୍ୟା ମାମଲାକୁ ୧୩ ଦିନ ବିତି ସାରିଥିବା ବେଳେ ପୋଲିସ ରାଜ୍ୟ ବାହାରୁ ୫ ଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣି ଏକ ଅଜଣା ସ୍ଥାନରେ ଅଟକ ରଖି ଜେରା ଜାରି ରଖିଛି। ଏଯାବତ ୧୦/୧୨ ଜଣଙ୍କୁ ଅଟକ ରଖି ପୁଙ୍ଖାନୁପୁଙ୍ଖ ଜେରା କଲାଣି ପୋଲିସ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ସାର୍ପ ସୁଟର ଓ ଯୋଜନା ପ୍ରସ୍ତୁତକାରୀ ବ୍ୟକ୍ତି ରହିଥିବା ଶୁଣାଯାଉଛି। ପୀତବାସଙ୍କୁ ଅତି ନିକଟରୁ ଗୁଳିମାଡ଼ କରିଥିବା ଏହି ସାର୍ପ ସୁଟରଙ୍କୁ ଜେରା ବେଳେ ଯେଉଁ ସବୁ ବ୍ୟକ୍ତିଙ୍କ ନାଁ ସାମ୍ନାକୁ ଆସୁଛି ପୋଲିସ ସେମାନଙ୍କୁ ଡାକି ପଚରାଉଚରା କରୁଥିବା ଜଣାପଡ଼ିଛି।

## Business

# ପାର୍ବଣରେ ଉଲ୍ଲେଖନୀୟ କାରବାର

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଚଳିତ ବର୍ଷ ଅତ୍ୟାବଶ୍ୟକ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ କମ୍ ଜିଏସ ସାଧାରଣ ପରିବାରକୁ ଆଶ୍ୱସ୍ତି ବଜାରକୁ ଶକ୍ତି ଦେଇଛି। ମୁଦ୍ରାସ୍ଫୀତି ଗତ ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସିପିଆଇ ମୁଦ୍ରାସ୍ଫୀତି ମାତ୍ର ୧.୫୪%ରେ ପହଞ୍ଚିଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି ନକାରାତ୍ମକ (-୨.୩%) ହୋଇଛି। ଜିଏସ୍‌ଟି ହାର ହ୍ରାସ ପାଇବା ସହ ମୂଲ୍ୟ କମି କ୍ରୟ ଶକ୍ତି ବୃଦ୍ଧିପାଇଛି। ପର୍ବପର୍ବାଣି ଏବଂ ବିବାହଋତୁର କାରବାର ୭ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ଜିଏସ୍‌ଟି ସଞ୍ଚୟର ଲାଭ ଉଠାଇବା ପାଇଁ ଗ୍ରାହକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରୁ ଡିଜିଟାଲ ପେମେଣ୍ଟ ୧୦ ଗୁଣ ବୃଦ୍ଧି ପାଇ ୨୧ ସେପ୍ଟେମ୍ବରରେ ୧.୧୮ ଲକ୍ଷ କୋଟି ଟଙ୍କାରୁ ୨୨ ସେପ୍ଟେମ୍ବରରେ ୧୧.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦିଲ୍ଲୀ ଭଳି ସହରରେ ଉତ୍ସବ ବିକ୍ରୟ ୭୫,୦୦୦ କୋଟି ଟଙ୍କା ଥିବା ଆକଳନ କରାଯାଇଛି। ୨,୫୦୦ ଟଙ୍କା ପର୍ଯ୍ୟନ୍ତ ପୋଷାକ ଉପରେ ଜିଏସ୍‌ଟି ହ୍ରାସ ପରେ ଅହମଦାବାଦର ସୂତା କପଡ଼ା ଚାହିଦା ପ୍ରାୟ ୧୦% ବୃଦ୍ଧି ପାଇଛି। ଅଟୋମୋବାଇଲ ଶିଳ୍ପ ଗତ ଦଶନ୍ଧି ମଧ୍ୟରେ ଏହାର ସର୍ବୋତ୍ତମ ନବରାତ୍ରି ପ୍ରଦର୍ଶନ କରିଛି। ମାରୁତି ସୁଜୁକିର ବିକ୍ରୟ ଗତ ବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଅଷ୍ଟମୀରେ ୩୦,୦୦୦ ବାହନ ବିକ୍ରି ରେକର୍ଡ କରିଛି। ମହିନ୍ଦ୍ରାର ଏକ୍ସୟୁଭି ୭୦୦ ଏବଂ ସ୍କର୍ପିଓ ବିକ୍ରି ୬୦% ବୃଦ୍ଧି ପାଇଛି। ଟାଟା ମୋଟର୍ସ ୫୦,୦୦୦ରୁ ଅଧିକ ଯାନ ବିକ୍ରି କରିଥିବା ବେଳେ ଯେତେବେଳେ ହୁଣ୍ଡାଇର କ୍ରେଟା ଓ ଭେନ୍ୟୁ ବିକ୍ରି ୭୨% ପ୍ରତିଶତ ଅଂଶ ହାସଲ କରିଛି। ହିରୋ ଏବଂ ବଜାଜ ପରି ଦୁଇଚକିଆ ଯାନ କମ୍ପାନୀଗୁଡ଼ିକ ଗତ ବର୍ଷ ତୁଳନାରେ ୨ଗୁଣା ବିକ୍ରି କରିଛନ୍ତି। ଫାଡାର ତଥ୍ୟ ଅନୁସାରେ ଅଟୋମୋବାଇଲ ଶିଳ୍ପରେ ଏଥର ୩୪% ବାର୍ଷିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଟିଭି, ଫ୍ରିଜ୍, ୱାଶିଂମେସିନ ଭଳି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ୪୦୫୪% ବୃଦ୍ଧି ପାଇଛି। ହାୟର କମ୍ପାନୀ ଅଢ଼େଇ ଲକ୍ଷରୁ ଅଧିକ ଦାମ୍‌ର ଟିଭି ବିକ୍ରିରେ ୮୫% ଅଭିବୃଦ୍ଧି ହାସଲ କରିଛି। ରିଲାଏନ୍ସ ରିଟେଲରେ ଟିଭି ଓ ସ୍ମାର୍ଟଫୋନ୍ ବିକ୍ରି ୨୦-୨୫% ବୃଦ୍ଧି ପାଇଛି। ବିଜୟ ସେଲସ୍, ଏଲ୍‌ଜି, ଗୋଦରେଜର ବିକ୍ରି ମଧ୍ୟ ଦୁଇ ଅଙ୍କ ଅଭିବୃଦ୍ଧି ହାସଲ କରିଛି। ଓଣମରୁ ନବରାତ୍ରି ପର୍ଯ୍ୟନ୍ତ ଭାରତର ପାର୍ବଣ ବିକ୍ରି ୪୦-୪୫%ରେ ପହଞ୍ଚିଛି। ଇ-କମର୍ସ ପ୍ଲାଟଫର୍ମରେ ମଧ୍ୟ ବିକ୍ରି ବଢ଼ିଛି। ଟିୟର ୨ ଏବଂ ଟିୟର ୩ ସହରରେ ଆମାଜନ୍ ଇଣ୍ଡିଆର

## ଧନ୍‌ତେରସ୍‌ରେ ୨୫୦କୋଟିର ଅଳଙ୍କାର ବ୍ୟବସାୟ

ଭୁବନେଶ୍ୱର, ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି କାରଣରୁ ଚଳିତ ବର୍ଷ ଧନ୍‌ତେରସ୍‌ରେ ଅଳଙ୍କାର ବ୍ୟବସାୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଥିଲା। ମାତ୍ର ଶନିବାର ଧନ୍‌ତେରସ୍‌ରେ ଉତ୍ସାହ ଏକ ପ୍ରକାର ପରିବେଶ ଓ ପରିସ୍ଥିତି ସବୁ ଦୃଷ୍ଟିକୋଣରୁ ଭଲ ରହିଛି। ଏହାର ପ୍ରଭାବ ଅଳଙ୍କାର ବ୍ୟବସାୟ ଉପରେ ପରିଲକ୍ଷିତ ହୋଇଛି। ଚଳିତ ବର୍ଷର ଧନ୍‌ତେରସ୍ ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହିଛି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭକରି ରାଉରକେଲା ଏବଂ ବ୍ରହ୍ମପୁରରୁ ବାଲେଶ୍ୱର ଏବଂ କଟକରୁ କୋରାପୁଟ ପର୍ଯ୍ୟନ୍ତ ସବୁବର୍ଗର ଅଳଙ୍କାର ପ୍ରତିଷ୍ଠାନ ଚଳଚଞ୍ଚଳ ହୋଇଉଠିବା ସହ ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଓ ୩୦ ଜିଲାର ଜଣାଶୁଣା ସୁନା ଦୋକାନଗୁଡ଼ିକ ୨୫୦ କୋଟିରୁ ଅଧିକ ଟଙ୍କାର ସୁନା, ରୁପା ଓ ହୀରା ଆଦି ଅଳଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି। ଦୀପାବଳି ୨ଦିନ ମଧ୍ୟ ବ୍ୟବସାୟ ଜମିବ ବୋଲି ଅଳଙ୍କାର ବ୍ୟବସାୟୀମାନେ ଆଶା ରଖିଛନ୍ତି।

ପାର୍ବଣ ଗ୍ରାହକ ସଂଖ୍ୟା ୨୭୬ କୋଟିକୁ ବୃଦ୍ଧି ପାଇଛି। ମେଟ୍ରୋ ସହର ବାହାରେ ଛୋଟ ସହରରୁ ପ୍ରାଇମ ମେମ୍ବରଶିପ ବଢ଼ିବା ସହ ୭୦% ନୂଆ ଗ୍ରାହକ ଯୋଡ଼ିହୋଇଛନ୍ତି।

# ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ ସେଣ୍ଟର ଉଦ୍‌ଘାଟିତ



ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ ସେଣ୍ଟରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ,୧୮।୧୦(ବିଦ୍ୟାଧର ନାଥ)

ଅନୁଗୋଳ ସହରରେ ଥିବା ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହିରୋ କମ୍ପାନୀର ଓଡ଼ିଶା ମୁଖ୍ୟ ନୀତୀଶ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ସର୍ଭିସ ସେଣ୍ଟରରେ ଇଭି ତଥା ପ୍ରିମିୟମ ଗାଡ଼ିର ସର୍ଭିସ ସୁବିଧା ଓ ଗ୍ରାହକମାନଙ୍କ ପାଇଁ ନୂତନ ପ୍ରତୀକ୍ଷା ଗୃହ ତଥା କ୍ୟାଫେଟେରିଆ ରହିଛି। ଏହି ଅବସରରେ ପାର୍ବତୀ ହିରୋର ସ୍ୱତ୍ୱାଧିକାରୀ ଅଶୋକ ମାଷ୍ଟୋଡିଆ ଏବଂ ଅନେକ ଗ୍ରାହକ ଉପସ୍ଥିତ ଥିଲେ। ଏଠାକୁ ଆସୁଥିବା ଗ୍ରାହକଙ୍କ ପାଇଁ ଏହା ଅଧିକ ସୁବିଧା ଯୋଗାଇବ ବୋଲି ପାର୍ବତୀ ହିରୋ ପକ୍ଷରୁ ସୂଚନା ଦିଆଯାଇଛି।

# ରାଉରକେଲାରେ ବିଗ୍ ବାସ୍କେଟ ୧୦ ମିନିଟ୍ ଡେଲିଭରି ସେବା




ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଟାଟା ଏଣ୍ଟରପ୍ରାଇଜ, ବିଗ୍ ବାସ୍କେଟ, ରାଉରକେଲାରେ ଏହାର ଦ୍ରୁତ ଡେଲିଭରି ସେବା ଆରମ୍ଭ କରିଛି। ବିଗ୍ ବାସ୍କେଟ ରାଉରକେଲା ବାସିନ୍ଦାଙ୍କୁ ୧୦,୦୦୦ରୁ ଅଧିକ ଉତ୍ପାଦର ବିବିଧ ଚୟନ ପ୍ରଦାନକରେ, ଯେଉଁଥିରେ ତାଜା ଉତ୍ପାଦ, ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟକ୍ତିଗତ ଯତ୍ନ ଆବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ସମସ୍ତ ଏକ ପ୍ରଭାବଶାଳୀ ୧୦ ମିନିଟ୍ ମଧ୍ୟରେ ବିତରଣ କରାଯାଏ। ଏହି ସେବା ସୁବିଧାକୁ ପୁନଃ ପରିଭାଷିତ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଗ୍ରାହକମାନଙ୍କୁ ଅଭୂତପୂର୍ବ ଗତିରେ ସେମାନଙ୍କ ଘରୁ ଆରାମରେ କିଣାକିଣି କରିବାକୁ ସକ୍ଷମ କରିଥାଏ। ବିଗ୍ ବାସ୍କେଟର ଜାତୀୟ ବ୍ୟବସାୟ ମୁଖ୍ୟ - ଟିୟର ୨, ଶଶିଶେଖର କହିଛନ୍ତି, ‘ଆମେ ରାଉରକେଲାରେ ବିଗ୍ ବାସ୍କେଟକୁ ପରିଚିତ କରାଇ ଆନନ୍ଦିତ। ଆମର ସାମ୍ପ୍ରତିକ ସମ୍ପ୍ରସାରଣ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପ୍ରତିକ୍ରିୟା ଦେଖାଇଛି ଏବଂ ଆମେ ନିଶ୍ଚିତ ଯେ ରାଉରକେଲାର ବାସିନ୍ଦାମାନେ ସମାନ ଭାବରେ ୧୦ ମିନିଟ୍ ଡେଲିଭରିର ସୁବିଧାର ଲାଭ ପାଇବେ ଏବଂ ଏହାର ପ୍ରଶଂସା କରିବେ। ଏହି ସେବା ଆଜିର ଦ୍ରୁତଗତି ଜୀବନଶୈଳୀର ବିକଶିତ ଆବଶ୍ୟକତା ପୂରଣକରି ଗ୍ରାହକ ସନ୍ତୁଷ୍ଟି ବୃଦ୍ଧିକରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୂଚିତ କରେ। ୧୦ ମିନିଟ୍ ଡେଲିଭରି ସେବା ପ୍ରଚଳନ ସହ ବିଗ୍ ବାସ୍କେଟ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ବିବିଧ ଡେଲିଭରି ସେବା ପ୍ରଦାନକରି ରାଉରକେଲାରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିଚାଲିଛି।

# ଭିନଫାଷ୍ଟ ଇଣ୍ଡିଆର ଭିଏଫ ୬, ଭିଏଫ୭ର ବଜାର ପ୍ରବେଶ

ଫୁଲନଖରା,୧୮।୧୦ (ସତ୍ୟ ରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ଭିନଫାଷ୍ଟ ଇଣ୍ଡିଆର ପାହାଳ ଠାରେ ଥିବା ଏମପି ଗ୍ରୁପ୍ ଆଉଟଲେଟ ପକ୍ଷରୁ ଦୁଇଟି ବ୍ୟାଟେରୀ ଚଳିତ ଗାଡି ଭିଏଫ୬ ଓ ଭିଏଫ୭ର ବଜାର ପ୍ରବେଶ ହୋଇଛି। ସେଥିମଧ୍ୟରୁ ଭିଏଫ୬ ଗାଡିଟି ଥରେ ଚାର୍ଜ ହେଲେ ୪୬୦ କିଲୋମିଟର ଯାଉଥିବା ବେଳେ ଭିଏଫ ୭ ଗାଡିଟି ୫୧୦ କିଲୋମିଟର ଯାଇପାରିବ ବୋଲି କମ୍ପାନୀ ମତପ୍ରକାଶ କରିଛି। ସେହିପରି ଭିଏଫ୬ର ବଜାର ମୂଲ୍ୟ ୧୬ ଲକ୍ଷ ୪୯ ହଜାର ରହିଥିବା ବେଳେ ସେଥିମଧ୍ୟରୁ ଏକ ଲକ୍ଷ ୫୦ ହଜାର ଟଙ୍କା ରିହାତି ମିଳୁଛି। ଭିଏଫ ୭ ଗାଡ଼ିର ପ୍ରାଥମିକ ମୂଲ୍ୟ ୨୦ ଲକ୍ଷ ୮୯ ହଜାର ଥିବା ବେଳେ ସେଥିମଧ୍ୟରୁ ଏକ ଲକ୍ଷ ୫୦ ହଜାର ରିହାତି ମିଳୁଛି।




ଶନିବାର ଗାଡ଼ି ଦୁଇଟିକୁ ଏମପି ଗ୍ରୁପ ଅଫ କମ୍ପାନୀର ଏମଡି ଅର୍ଣ୍ଣବ ପ୍ରଧାନ ଲୋକାର୍ପିତ କରି ୫ ଜଣ ଗ୍ରାହକଙ୍କୁ ହସ୍ତାନ୍ତର କରିଛନ୍ତି। ଏମପି ଗ୍ରୁପ ଅଫ କମ୍ପାନୀର ଜିଏମ (ସେଲସ୍) ସୁସ୍ମିତା ପଟ୍ଟନାୟକଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଗ୍ରାହକ ମାନଙ୍କୁ ସଠିକ ଭାବେ ଗାଡିର ତଥ୍ୟ ପ୍ରଦାନ କରିଥିବାରୁ ପ୍ରଥମ ମାସରେ ୪୧ଟି ଗାଡି ବିକ୍ରୟ ହେବା ପାଇଁ ଗ୍ରାହକ ମାନେ ଅଗ୍ରୀମ ଟଙ୍କା ପ୍ରଦାନ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଚଆର ମ୍ୟାନେଜର ଲିଜା ସିଂହ,ଟିମ ଲିଡର ଅରିଜିତ ସରକାର ସମେତ ଆଉଟଲେଟର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ତ୍ରୈମାସିକର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୨୦୨୫-୨୬ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ଜିଓ ପ୍ଲାଟଫର୍ମସର ସମନ୍ୱିତ ନେଟ୍‌ଲାଭରେ ବାର୍ଷିକ ୧୨.୮% ବୃଦ୍ଧିପାଇ ୭,୩୭୯ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୫୦ କୋଟି ଅତିକ୍ରମକରି ୫୦ କୋଟି ୬୪ ଲକ୍ଷରେ ପହଞ୍ଚିଛି। ଜିଓ ପ୍ଲାଟଫର୍ମର ପରିଚାଳନାରୁ ରାଜସ୍ୱ ସେପ୍ଟେମ୍ବର ତ୍ରୈମାସିକରେ ୧୪.୬% ବୃଦ୍ଧି ପାଇ ୩୬,୩୩୨ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ସମାନ ଅବଧିରେ ୩୧,୭୦୯ କୋଟି ଟଙ୍କା ଥିଲା। ଏହି ତ୍ରୈମାସିକରେ ଜିଓର ଫିକ୍ସଡ ବ୍ରଡ୍‌ବ୍ୟାଣ୍ଡ ସେବାରେ ପ୍ରତି ମାସରେ ୧୦ ଲକ୍ଷ ଘର ଓ ପରିସରକୁ ବ୍ରଡ୍‌ବ୍ୟାଣ୍ଡ ସହ ସଂଯୁକ୍ତ କରାଯାଇଛି। ଏଥିସହ ସାରା ଦେଶରେ ୨ କୋଟି ୩୦ ଲକ୍ଷ ପରିସର ଜିଓ ଫିକ୍ସଡ ବ୍ରଡ୍‌ବ୍ୟାଣ୍ଡ ସହ ଯୋଡ଼ିହୋଇଛନ୍ତି। ଜିଓ ଏୟାରଫାଇବର ବିଶ୍ୱର ସର୍ବବୃହତ୍ ହୋଇଛି ଏବଂ ଏହାର ଉପଭୋକ୍ତା ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇ ୯୫ ଲକ୍ଷରେ ପହଞ୍ଚିଛି। ଜିଓର ଉପଭୋକ୍ତା ପିଛା ହାରାହାରି ମାସିକ ରାଜସ୍ୱରେ ବୃଦ୍ଧି ହେବା ସହ ଏହା ୨୧୧.୪ ଟଙ୍କାରେ ପହଞ୍ଚିଛି। ସେହିଭଳି ଜିଓ ଏଆଇ କ୍ଲାଉଡ୍‌ରେ ପଞ୍ଜୀକୃତ ବ୍ୟବହାରକାରୀ ସଂଖ୍ୟା ଏବେ ୪ କୋଟି ୨୦ ଲକ୍ଷ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଡିଜିଟାଲ ସେବାରେ ନିଜର ୧ ନମ୍ବର ସ୍ଥାନ ବଜାୟ ରଖିଥିବା ଜିଓ ନେଟ୍‌ୱର୍କରେ ଗ୍ରାହକ ପିଛା ପ୍ରତିମାସ ଡାଟା ବ୍ୟବହାର ୩୮.୭ ଜିବିକୁ ବୃଦ୍ଧି ପାଇଛି ଏବଂ ଏହି ତ୍ରୈମାସିକରେ ଜିଓ ନେଟ୍‌ୱର୍କରେ ମୋଟ ଡାଟା ବ୍ୟବହାର ୨୯.୮% ବୃଦ୍ଧି ପାଇ ୫୮.୪ ବିଲିୟନ ଜିବି ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଫଳାଫଳ ଅନୁଯାୟୀ କମ୍ପାନୀର ନେଟ୍ ଲାଭ ଗତ ବର୍ଷ ସମାନ ଅବଧି ତୁଳନାରେ ୧୪.୩% ଅଧିକ ରହିଛି ଏବଂ ୨୨୦୯୨ କୋଟି ଟଙ୍କାରେ ପହଞ୍ଚିଛି। ଏହି ତ୍ରୈମାସିକରେ କମ୍ପାନୀର ମୋଟ ରାଜସ୍ୱ ଗତବର୍ଷ ସମାନ ସମୟ ତୁଳନାରେ ୯.୯% ବୃଦ୍ଧି ପାଇ ୨୮୩୫୪୮ କୋଟି ହୋଇଛି। ରିଲାଏନ୍ସ ରିଟେଲ ଦ୍ୱିତୀୟ ତ୍ରୈମାସିକରେ ମୋଟ ରାଜସ୍ୱ ଗତ ବର୍ଷ ତୁଳନାରେ ୧୮% ବୃଦ୍ଧି ପାଇ ୯୦୦୧୮ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୪୧୨ ନୂଆ ଷ୍ଟୋର ଖୋଲିବା ସହ ଦେଶରେ ମୋଟ ଷ୍ଟୋର ସଂଖ୍ୟା ୧୯୮୨୧ ରେ ପହଞ୍ଚିଛି।

## ସଂକ୍ଷେପରେ

### ଟ୍ରମ୍ପ୍ ପୁଣି ଦୋହରାଇଲେ, ରୁଷିଆରୁ ତେଲ କିଣିବନି ଭାରତ

ୱାଶିଂଟନ,୧୮।୧୦

ରୁଷିଆରୁ ଭାରତ ଆଉ ତେଲ କିଣିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଦୋହରାଇଛନ୍ତି। ସେ କହିଛନ୍ତି ନୂଆଦିଲ୍ଲୀ ମସ୍କୋରୁ ତେଲ କିଣିବା କମାଇଦେଇଛି ଏବଂ ଖୁବ୍‌ଶୀଘ୍ର କିଣା ବନ୍ଦ କରିବାକୁ ଯାଉଛି। ଶୁକ୍ରବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଟ୍ରମ୍ପ୍ ଗଣମାଧ୍ୟମକୁ ଏହା କହିଛନ୍ତି। ଭାରତ ରୁଷିଆରୁ ଯେତିକି ତେଲ କିଣୁଥିଲା ଏବେ ତା'ର ୩୮ ପ୍ରତିଶତ ନେଉଛି। ସେମାନେ ଆଉ କିଣିବେ ନାହିଁ ବୋଲି ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ୍ କହିଥିଲେ। ସୂଚନାଯୋଗ୍ୟ, ରୁଷିଆରୁ ଅଶୋଧିତ ତୈଳ କିଣିବା ବନ୍ଦ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ୨ ଦିନ ପୂର୍ବରୁ କହିଥିବାବେଳେ ନୂଆଦିଲ୍ଲୀ ଏହାକୁ ଖଣ୍ଡନ କରିଥିଲା। ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ତୈଳ କ୍ରୟ ଜାରି ରହିବ ବୋଲି ଭାରତ କହିଥିଲା।

### ପାକିସ୍ତାନୀ ଅପରେଟିଭ୍‌ଙ୍କୁ ସହାୟତା କରୁଥିବା ଭାରତୀୟ ଗିରଫ

ନୂଆଦିଲ୍ଲୀ,୧୮।୧୦(ପି.ଟି.)

ପାକିସ୍ତାନର ଜଣେ ଅପରେଟିଭ୍‌ଙ୍କୁ ବେଆଇନ ବାଂଲାଦେଶୀ ନାଗରିକ ଭାବେ ପାସ୍‌ପୋର୍ଟ ପାଇବାରେ ସହାୟତା କରୁଥିବା ପଶ୍ଚିମବଙ୍ଗର ଜଣେ ବ୍ୟକ୍ତିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ପ୍ରାୟ ୨୫୦ଟି ଘଟଣାରେ ଏଭଳି ବେଆଇନ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। କୋଲକାତାସ୍ଥିତ ଇଡି କାର୍ଯ୍ୟାଳୟର ଅଧିକାରୀମାନେ ଗତ ୧୩ ତାରିଖରେ ଇନ୍ଦୁଭୂଷଣ ହାଲ୍‌ଦାର ଓରଫ ଦୁଲ୍ଲାଲଙ୍କୁ ଗିରଫ କରିଥିଲେ। ହାଲ୍‌ଦାରଙ୍କ ଘର ଭାରତ-ବାଂଲାଦେଶ ସୀମା ନିକଟବର୍ତ୍ତୀ ନଦିଆ ଜିଲାର ଚକଡାହ ଗ୍ରାମରେ। ପାକିସ୍ତାନୀ ନାଗରିକ ଆଜାଦ ହୁସେନ୍ ଓରଫ ଆଜାଦ ମଲ୍ଲିକ୍ ବା ଅହମଦ ହୋସେନ୍ ଆଜାଦ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ। ଗତ ଏପ୍ରିଲରେ ଇଡି ତାଙ୍କୁ ଗିରଫ କରିଥିବାବେଳେ ଏବେ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଆଜାଦ ହୁସେନ୍ ଭାରତରେ ଆଜାଦ ମଲ୍ଲିକ୍ ପରିଚୟରେ ରହି ବାଂଲାଦେଶରୁ ବେଆଇନ ଆପ୍ରବାସନ ପାଇଁ ଜାଲିଆତି କରି ଭାରତୀୟ ପରିଚୟ କାଗଜପତ୍ର ସଂଗ୍ରହ କରିବାରେ ନିୟୋଜିତ ଥିଲେ ବୋଲି ଇଡି କହିଛି।

### ଏମ୍‌ପିଙ୍କୁ ଆବଣ୍ଟିତ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ନିଆଁ

ନୂଆଦିଲ୍ଲୀ, ୧୮।୧୦

ଦିଲ୍ଲୀର ବି.ଡି. ମାର୍ଗସ୍ଥିତ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଶନିବାର ନିଆଁ ଲାଗିଯାଇଥିଲା। ଏହି ଆପାର୍ଟମେଣ୍ଟରେ ରାଜ୍ୟ ସଭା ସଦସ୍ୟମାନଙ୍କୁ ଫ୍ଲାଟ୍ ଆବଣ୍ଟିତ ହୋଇଛି। ସୂଚନା ପାଇ ତୁରନ୍ତ ପୋଲିସ ଓ ଅଗ୍ନିଶମବାହିନୀର ୬ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ କେହି ଆହତ ହୋଇନାହାନ୍ତି, କେବଳ କିଛି ଆସବାବପତ୍ର ନଷ୍ଟ ହୋଇଥିବା ନୂଆଦିଲ୍ଲୀ ଡିସିପି ଦେବେଶ ମହଲା କହିଛନ୍ତି। ପ୍ରକାଶ ଯେ, ବ୍ରହ୍ମପତ୍ର ଆପାର୍ଟମେଣ୍ଟର ପ୍ରଥମ ୩ ମହଲାରେ ସର୍ଭ୍ୟାଣ୍ଟ କ୍ୱାର୍ଟର୍ସ ରହିଛି ଏବଂ ଏହା ଉପର ୫ ମହଲାରେ ରାଜ୍ୟ ସଭା ସଦସ୍ୟଙ୍କୁ ଫ୍ଲାଟ୍ ଆବଣ୍ଟିତ ହୋଇଛି। ଏହି ଆପାର୍ଟମେଣ୍ଟ ସଂସଦ ଭବନଠାରୁ ୨୦୦ ମିଟର ଦୂରରେ ଅବସ୍ଥିତ।

### ମୋଜାମ୍ବିକ୍‌ରେ ବୋଟ୍ ଦୁର୍ଘଟଣା: ୩ ଭାରତୀୟ ମୃତ

ନୂଆଦିଲ୍ଲୀ,୧୮।୧୦

ମୋଜାମ୍ବିକ୍‌ର ବେଇରା ଉପକୂଳରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଅନ୍ୟ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ଭାରତୀୟ ଉଚ୍ଚାୟୁକ୍ତ ଶନିବାର ସ୍ପଷ୍ଟ କରିଛନ୍ତି। ଗତ ଗୁରୁବାର ଏକ ଟ୍ୟାଙ୍କର୍‌ର କର୍ମଚାରୀମାନଙ୍କୁ ବୋଟ୍ ଯୋଗେ ଅନ୍ୟତ୍ର ନିଆଯାଉଥିବାବେଳେ ଏହା ଓଲଟିପଡ଼ିଥିଲା। ବୋଟ୍‌ରେ ୧୪ ଜଣ ଭାରତୀୟ ଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ।



ଢାକାସ୍ଥିତ ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଜଳୁଛି।

## ଢାକା ବିମାନବନ୍ଦରରେ ନିଆଁ

### ବିମାନ ଚଳାଚଳ ସ୍ଥଗିତ

ଢାକା,୧୮।୧୦(ପି.ଟି.)

ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଘନ କଳାଧୂଆଁ ଘୋଡ଼ାଇ ରଖିଥିବାବେଳେ ସମସ୍ତ ବିମାନ ଚଳାଚଳକୁ ସ୍ଥଗିତ ରଖାଯାଇଛି। ତେବେ ଅଗ୍ନିକାଣ୍ଡଜନିତ ମୃତାହତଙ୍କ ସମ୍ପର୍କରେ କୌଣସି ଖବର ମିଳିନାହିଁ।

ବାଂଲାଦେଶ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏବି)ଙ୍କ କହିବା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ୧୫ ମିନିଟ୍‌ରେ ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ନିଆଁ ଲାଗିଥିଲା। ନିଆଁ ଲିଭାଇବା କାର୍ଯ୍ୟରେ ୩୬ ଫାୟାରଫାଇଟିଂ ୟୁନିଟ୍ ଓ ଅତିରିକ୍ତ ଟିମ୍‌କୁ ନିୟୋଜିତ କରାଯାଇଥିଲା। ଢାକାରେ ଅବତରଣ କରିବାକୁ ଥିବା ଅନ୍ୟୂନ ୯ଟି ବିମାନକୁ ଚଟ୍ଟୋଗ୍ରାମର ଶାହ ଅମାନତ ଏୟାରପୋର୍ଟ ଏବଂ ସିଲହେଟ୍‌ର ଓସ୍‌ମାନି ଏୟାରପୋର୍ଟକୁ ପଠାଯାଇଛି। କାର୍ଗୋ ଜୋନ୍‌ରେ ରାସାୟନିକ ପଦାର୍ଥ ଗଚ୍ଛିତ ଥିବାରୁ ନିଆଁ ଲିଭାଇବାରେ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ୩ ସେନାର ଯବାନ ସାମିଲ ହୋଇଛନ୍ତି।

## ଆଫଗାନିସ୍ତାନରେ ପାକିସ୍ତାନର ଆକ୍ରମଣ

# ୩ କ୍ରିକେଟରଙ୍କ ସମେତ ୮ ମୃତ

ଇସ୍‌ଲାମାବାଦ/କାବୁଲ,୧୮।୧୦

ଆଫଗାନିସ୍ତାନର ସୀମାନ୍ତ ପାକ୍‌ଟିକା ପ୍ରଦେଶରେ ପାକିସ୍ତାନୀ ସେନାର ଏୟାରଷ୍ଟ୍ରାଇକ୍ ଯୋଗୁ ୩ ଆଫଗାନ କ୍ରିକେଟରଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ କ୍ରିକେଟରମାନେ ଉର୍ଗୁନ୍‌ରୁ ପାକ୍‌ଟିକା ପ୍ରଦେଶର ଶାରନାକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଥିଲେ ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) କହିଛି। ମୃତ ୩ କ୍ରିକେଟର ହେଲେ କବୀର, ସିବଘାତୁଲ୍ଲାହ ଏବଂ ହାରୁନ୍। ଏହି ଆକ୍ରମଣରେ ଅନ୍ୟ ୫ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନର ଏହା ଏକ ଭୀରୁତାପୂର୍ଣ୍ଣ ଆକ୍ରମଣ ବୋଲି ଏସିବି କହିଛି। ଆକ୍ରମଣ ପରେ ଆଫଗାନିସ୍ତାନ ଆସନ୍ତା ମାସରେ



ସିବଘାତୁଲ୍ଲାହ, ହାରୁନ୍ ଏବଂ କବୀର।

ପାକିସ୍ତାନ ଓ ଶ୍ରୀଲଙ୍କା ସହ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ୍‌ରୁ ଓହରିଯାଇଛି।

ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୨ ଦିନର ଅସ୍ତ୍ରବିରତିକୁ ବଢ଼ାଇବା ପାଇଁ ଉଭୟ ଦେଶ ରାଜି ହେବାର କିଛି ସମୟ ପରେ ଶୁକ୍ରବାର ରାତିରେ ଇସ୍‌ଲାମାବାଦ ପୁନର୍ବାର ଆକ୍ରମଣ କରିଥିଲା। ସ୍ଥାୟୀ ଅସ୍ତ୍ରବିରତି ପାଇଁ ଆଗକୁ ଦୋହାରେ ଆଲୋଚନା ହେବାକୁ ଥିବାବେଳେ ଏହା ପୂର୍ବରୁ ସୀମାନ୍ତ ଅଞ୍ଚଳରେ ପାକିସ୍ତାନର ଆକ୍ରମଣ ଉକ୍ତ ଆଲୋଚନାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ପାକ୍ ସେନା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ଶୁକ୍ରବାର ମୀର୍ ଅଲିସ୍ଥିତ ଖଦି ଫୋର୍ଟରେ ଆକ୍ରମଣ ପାଇଁ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ୍ (ଟିଟିପି)ର ହଫିଜ୍ ଗୁଲ୍ ବାହାଦୁର ନିଜକୁ ଦାୟୀ କରିଛି।

ଦୋହାରେ ଆଫଗାନିସ୍ତାନର ତାଲିବାନ୍ ପ୍ରତିନିଧିଙ୍କ ସହ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଲୋଚନା କରିବେ ବୋଲି ଇସ୍‌ଲାମାବାଦ ଶନିବାର ସ୍ପଷ୍ଟ କରିଛି। ୨ ଦେଶ ମଧ୍ୟରେ ସୀମା ଉତ୍ତେଜନା ବଢ଼ିଚାଲିଥିବାବେଳେ କାତାର ସେମାନଙ୍କ ମଧ୍ୟରେ ବୈଠକର ଆୟୋଜନ କରିଛି।

## ନୀରବ ଶୋଭାଯାତ୍ରା ପୂର୍ବରୁ କାର୍‌ଗିଲରେ ଲାଗିଲା କଟକଣା

ଶ୍ରୀନଗର,୧୮।୧୦

ସେପ୍ଟେମ୍ବର ୨୪ ହିଂସାକାଣ୍ଡର ପ୍ରତିବାଦରେ ଲେହ ଆପେକ୍ସ ବଡ଼ି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ପକ୍ଷରୁ ମିଳିତ ଭାବେ ଶନିବାର ଶାନ୍ତିପୂର୍ଣ୍ଣ ନୀରବ ଶୋଭାଯାତ୍ରା ଏବଂ ବ୍ଲାକ୍‌ଆଉଟ୍ ଡାକରା ଦିଆଯାଇଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ଲଦାଖ ପ୍ରଶାସନ କାର୍‌ଗିଲ ଜିଲାରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଅନୁଯାୟୀ କଟକଣା ଲଗାଇଛି। ପୂର୍ବରୁ ଲେହ ଜିଲାରେ ଏହି କଟକଣା ଲାଗୁ ହୋଇଛି। କାର୍‌ଗିଲ ସହର ପରିସରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସମ୍ଭାବନା ଥିବା ନେଇ କାର୍ଗିଲ ଏସ୍‌ଏସ୍‌ପି ରିପୋର୍ଟ ଦେବା ପରେ କାର୍ଗିଲ ଜିଲାପାଳ ରାକେଶ କୁମାର କଟକଣା ଲଗାଇଛନ୍ତି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ପ୍ରାକ୍ ଅନୁମତି ବିନା ଶୋଭାଯାତ୍ରା, ରାଲି ଆଦିକୁ ନିଷେଧ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଡାକବାଜି ଯନ୍ତ୍ର କିମ୍ବା ଗାଡ଼ି ଉପରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ବ୍ୟବସ୍ଥା ଉପରେ ନିଷେଧାଦେଶ ଲାଗିଛି। ୫ କିମ୍ବା ତଦୂର୍ଦ୍ଧ୍ୱ ଲୋକ ଏକାଠି ହେବ ଉପରେ କଟକଣା ଲାଗିଛି। ସୂଚନାଯୋଗ୍ୟ, ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ପରିଚ୍ଛେଦ ଲାଗୁ ଦାବିରେ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ୮୦ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ଶନିବାର ଲଦାଖରେ ୨ ଘଣ୍ଟା ନୀରବ ଶୋଭାଯାତ୍ରା ଓ ୩ ଘଣ୍ଟା ବ୍ଲାକ୍‌ଆଉଟ୍ ଡାକରା ଦିଆଯାଇଥିଲା।

## ଡାକ୍ତର ସାଜିଲେ ନିଲମ୍ବିତ ସ୍କୁଲ ପିଅନ

### ବେଆଇନ ଲିଙ୍ଗ ନିରୂପଣ କରି ଗିରଫ

ମୋରେନା (ମଧ୍ୟପ୍ରଦେଶ) ,୧୮।୧୦

ମଧ୍ୟପ୍ରଦେଶର ମୋରେନା ଜିଲାରେ ଜଣେ ନିଲମ୍ବିତ ସ୍କୁଲ ପିଅନ ସଞ୍ଜୁ ଶର୍ମା (୩୦) ଡାକ୍ତର ସାଜି ବେଆଇନ ଭାବେ ଭ୍ରୁଣର ଲିଙ୍ଗ ନିରୂପଣ କରି ଅନେକ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ଶୁକ୍ରବାର ପୋଲିସ ମୋରେନାର ଗାଦୋରାପୁରାଳରୁ ସଞ୍ଜୁଙ୍କୁ ଗିରଫ କରିଛି। ଘଟଣାକୁ ନେଇ ଜିଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଦ୍ମେଶ ଉପାଧ୍ୟାୟ କହିଛନ୍ତି, ଜଣେ ବ୍ୟକ୍ତି ଏକ ପୋର୍ଟେବଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ବ୍ୟବହାର କରି ଲିଙ୍ଗ ନିରୂପଣ ପାଇଁ ପରୀକ୍ଷା କରୁଥିବାର ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଗ୍ୱାଲିୟର ଏବଂ ମୋରେନାର ସ୍ୱାସ୍ଥ୍ୟ ବିଭାଗର ଟିମ୍ ପୋଲିସ ସହ ମିଶି ଜାଲ ବିଛାଇଥିଲେ। ସାଦା ପୋଷାକରେ ଜଣେ ମହିଳା ପୋଲିସ ନିଜକୁ ଗର୍ଭବତୀର ପରିଚୟ ଦେଇ ସଞ୍ଜୁଙ୍କ ସହ ସମ୍ପର୍କ କରିଥିଲେ ଏବଂ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଚଢ଼ାଉ ସମୟରେ ସଞ୍ଜୁଙ୍କ ନିକଟରୁ ପୋର୍ଟେବଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜବତ ହୋଇଛି। ପୋଲିସ ମାମଲା ରୁଜୁ କରି ସଞ୍ଜୁଙ୍କୁ ପଚରାଉଚରା ଜାରି ରଖିଛି। ସଞ୍ଜୁ ପୂର୍ବରୁ ବିଲଗାଓଁ ସରକାରୀ ସ୍କୁଲରେ ପିଅନ ଥିଲେ। ୨୦୨୪ ନଭେମ୍ବରରେ ବିଭିନ୍ନ ବେଆଇନ କାର୍ଯ୍ୟରେ ସାମିଲ ଥିବା ଜଣାପଡ଼ିବା ପରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସ୍ଥାନୀୟ ସାମାଜିକ କର୍ମୀ ମୀନା ଶର୍ମା କହିଛନ୍ତି, ସଞ୍ଜୁ ଓ ତାଙ୍କ ସହଯୋଗୀ ୨ରୁ ୪ ହଜାର ଟଙ୍କା ନେଇ ଘରକୁ ଘର ଯାଇ ଲିଙ୍ଗ ନିରୁପଣ ପରୀକ୍ଷା କରୁଥିଲେ। ଭ୍ରୁଣ ଶିଶୁକନ୍ୟା ବାହାରିଲେ, ଗର୍ଭପାତ ପାଇଁ ସେମାନେ ଅଧିକ ଟଙ୍କା ଆଦାୟ କରୁଥିଲେ।

## ଅମୃତସର-ସହରସା ଗରିବ ରଥ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ

ଫତେଗଡ଼ ସାହିବ, ୧୮।୧୦

ପଞ୍ଜାବର ଅମୃତସରରୁ ବିହାରର ସହରସା ଯାଉଥିବା ଗରିବ ରଥ ଏକ୍ସପ୍ରେସ୍ ଟ୍ରେନ୍‌ର (ନମ୍ବର-୧୨୨୦୪)ରେ ଶନିବାର ସକାଳେ ନିଆଁ ଲାଗିଯାଇଥିଲା। ପଞ୍ଜାବର ସରହିନ୍ଦ ରେଲୱେ ଷ୍ଟେଶନ ନିକଟରେ ଟ୍ରେନ୍ ଯାଉଥିବା ସମୟରେ ସେଠାରେ ଉପସ୍ଥିତ ଯାତ୍ରୀମାନେ ଟ୍ରେନ୍‌ର ଏକ କୋଚ୍‌ରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଟ୍ରେନ୍‌ଟିକୁ ଅଟକାଇ ଦିଆଯାଇଥିଲା ଏବଂ ପୋଲିସ ଓ ରେଳ କର୍ମଚାରୀଙ୍କ ପକ୍ଷରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି ଏବଂ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୋଲିସ କହିଛି।



ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି ଏବଂ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିଶମବାହିନୀ ସହାୟତାରେ ଉକ୍ତ ଟ୍ରେନ୍‌ରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିଲା। ଟ୍ରେନ୍‌ର ସୀମିତ ଅଞ୍ଚଳରେ ନିଆଁ ଲାଗିଥିଲା, ଯାହାକୁ ଖୁବ୍‌ଶୀଘ୍ର ଲିଭାଯାଇଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି।

## ଫୁରସତ୍

### ଦୀର୍ଘତମ ବିମାନ ଉଡ଼ାଣରେ ରେକର୍ଡ

ନ୍ୟୁୟର୍କ

ଶିଆମେନ୍ ଏୟାର ନିକଟରେ ବିଶ୍ୱର ଦୀର୍ଘତମ ଅନବରତ ଉଡ଼ାଣର ରେକର୍ଡ ହାସଲ କରିଛି। ପୂର୍ବରୁ ସିଙ୍ଗାପୁର ଏୟାରଲାଇନ୍ସ ନିକଟରେ ଏହି ରେକର୍ଡ ରହିଥିଲା। ଶିଆମେନ୍ ଏୟାରର ବିମାନ ନ୍ୟୁୟର୍କର ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚାଇନାର ଫୁଝୋ ଚାଙ୍ଗଲେ ଅନ୍ତର୍ଜାତୀୟ ବିମାନବନ୍ଦର ପର୍ଯ୍ୟନ୍ତ ନନ୍‌ଷ୍ଟପ୍ ଉଡ଼ାଣ କରିଥିଲା। ଉଡ଼ାଣର ମୋଟ ଅବଧି ୧୯ ଘଣ୍ଟା ୨୦ ମିନିଟ୍। ଉକ୍ତ ଉଡ଼ାଣରେ ବିମାନଟି ୧୦ ହଜାର କି. ମି.ରୁ ଅଧିକ ଦୂରତା ଅତିକ୍ରମ କରୁଛି। ପୂର୍ବରୁ ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରୁ ସିଙ୍ଗାପୁରର ଚାଙ୍ଗି ଏୟାରପୋର୍ଟକୁ ଯାଉଥିବା ସିଙ୍ଗାପୁର ଏୟାରଲାଇନ୍ସର ବିମାନ ନାଁରେ ସବୁଠାରୁ ଲମ୍ବା ଅନବରତ ଉଡ଼ାଣର ରେକର୍ଡ ଥିଲା। ଏଥିପାଇଁ ସିଙ୍ଗାପୁର ଏୟାରଲାଇନ୍ସର ବିମାନକୁ ୧୯ ଘଣ୍ଟା ୧୦ ମିନିଟ ସମୟ ଲାଗୁଥିଲା।





ରେକର୍ଡ ସୃଷ୍ଟିକାରୀ ନୂତନ ଉଡ଼ାଣର ରୁଟ୍ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥିଲା। କୋଭିଡ୍ ମହାମାରୀ ସମୟରେ ଏହି ରୁଟ୍ ବନ୍ଦ ହୋଇଥିବାବେଳେ ୨୦୨୪ରେ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା। ନିକଟରେ ଏହି ରୁଟ୍‌କୁ ଆନୁଷ୍ଠାନିକ ଭାବେ ବିଶ୍ୱର ସବୁଠାରୁ ଲମ୍ବା ଅନବରତ ଉଡ଼ାଣ ରୁଟ୍ ଭାବେ ଘୋଷଣା କରାଯାଇଛି। ଏହି ରୁଟ୍‌ର ମୋଟ ଦୂରତା ୭୦୭୭ ମାଇଲ୍ (ପ୍ରାୟ ୧୦,୮୦୦ କି.ମି.)। ତେବେ ଦୂରତା ଦୃଷ୍ଟିରୁ ଏହି ଉଡ଼ାଣ ସବୁଠାରୁ ଲମ୍ବା ନୁହେଁ ବରଂ ସମୟ ଦୃଷ୍ଟିରୁ ସବୁଠାରୁ ଲମ୍ବା। ଶିଆମେନ୍ ଏୟାର ରୁଷିଆର ଆକାଶମାର୍ଗ ଦେଇ ଉଡ଼ାଣ କରେ ନାହିଁ, ଫଳରେ ଏହାକୁ ଏକ ବିକଳ୍ପ ମାର୍ଗ ଦେଇ ଉଡ଼ାଣ କରିବାକୁ ପଡ଼ିଥାଏ। ଫଳରେ ବିମାନ ଯାତ୍ରାର ସମୟ ସର୍ବାଧିକ ରହିବା ସହ ଏହା ରେକର୍ଡ ସୃଷ୍ଟି କରିଛି।

ଉନ୍ନତ ପ୍ରଯୁକ୍ତି ସହ ସମ୍ପ୍ରତି ନୂତନ ବିମାନ ମଡେଲଗୁଡ଼ିକ ଅଧିକ ଇନ୍ଧନ ବହନ କରୁଥିବାରୁ ଅତ୍ୟଧିକ ଲମ୍ବା ଏବଂ ଅନବରତ ଉଡ଼ାଣକୁ ସମ୍ଭବ କରିପାରିଛି। ସମ୍ପ୍ରତି ଅନେକ ଲୋକ ଗୋଟିଏ ଥରରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ପସନ୍ଦ କରୁଛନ୍ତି। ଫଳରେ ସାମ୍ପ୍ରତିକ ସମୟରେ ଏପରି ବିମାନ ଯାତ୍ରା ଅନେକ ଯାତ୍ରୀଙ୍କ ପାଇଁ ସୁବିଧାଜନକ ବିକଳ୍ପ ପାଲଟିଛି।

### ଐଶ୍ୱର୍ଯ୍ୟାଙ୍କ ଲୁକ୍‌କୁ ରିକ୍ରିଏଟ୍ କଲେ ଅଙ୍କିତା

ମୁମ୍ବାଇ

ମୁମ୍ବାଇର ଏକ ବିଳାସପୂର୍ଣ୍ଣ ହୋଟେଲରେ ଛୋଟ ପରଦାର ଲୋକପ୍ରିୟ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଓ ତାଙ୍କ ସ୍ୱାମୀ ତଥା ବ୍ୟବସାୟୀ ଭିକି ଜୈନ ଶୁକ୍ରବାର ଏକ ଦୀପାବଳି ପାର୍ଟିର ଆୟୋଜନ କରିଥିଲେ। ଏହି ପାର୍ଟିରେ ଅଙ୍କିତାଙ୍କ ଲୁକ୍‌କୁ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରାଯାଉଛି। ୧୯୯୯ରେ ରିଲିଜ୍ ହୋଇଥିବା ସୁପରହିଟ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ'ର ପ୍ରସିଦ୍ଧ ଗୀତ 'ଚାନ୍ଦ ଛୁପା ବାଦଲ ମେଁ'ରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଇକନିକ୍ ଲୁକ୍‌କୁ ଅଙ୍କିତା ରିକ୍ରିଏଟ କରି ଏହି ପାର୍ଟିରେ ନଜରକୁ ଆସିଥିଲେ। ପାର୍ଟିରେ ଅଙ୍କିତା ଏକ ସୁନ୍ଦର ଗୋଲ୍ଡେନ୍ ଏମ୍ବ୍ରୋଇଡୋରି ଥିବା ଲାଭେଣ୍ଡର ଶାଢ଼ି ପିନ୍ଧିଥିଲେ। ନିଜର ଏହି ଲୁକ୍‌ର କେତେକ ଫଟୋକୁ ଅଙ୍କିତା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହାକୁ ତାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଛନ୍ତି। ଅଙ୍କିତାଙ୍କ ଏହି ଦୀପାବଳି ପାର୍ଟିରେ ଅନେକ ଟିଭି ଏବଂ ଫିଲ୍ମ କଳାକାର ସାମିଲ ହୋଇଥିଲେ। ଅଙ୍କିତା ଓ ଭିକି ଅତିଥିଙ୍କ ସହ ଖୁବ୍ ମସ୍ତି କରିଥିଲେ।



ଅଙ୍କିତା ଲୋଖଣ୍ଡେ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଣା ହିଡ଼ ଯେଉଁଠି ପାଣି ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା । ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ି ଆସିଥାଏ । ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଉଁଚେଇବୁ, ମାରିବୁ ନାହିଁ ଗୋଡ଼େଇବୁ, ଧରିବୁ ନାହିଁ।**

ପିଲାଙ୍କୁ ବାରମ୍ବାର ମାଡ଼ ଦେଲେ ତାଙ୍କର ମାଡ଼ ପ୍ରତି ଆଉ ଭୟ ରହେ ନାହିଁ। ପୁଣି ଯେଉଁଠି ଧମକାଇଲେ କାମ ହୋଇଯାଉଛି, ସେଠି ମାଡ଼ ଦେବା କି ଦରକାର ? ସେହିପରି ଭୟରେ ଦୌଡୁଥିବା ଲୋକଙ୍କୁ ଧରିପକାଇଲେ ତା'ର ଭୟ ତୁଟିଯିବ । ତେଣୁ ଗୋଡ଼ାଉଥିବ, ଧରିବନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ମୃତ

**କୋରୁକୋଣ୍ଡା/ମାଲକାନଗିରି,୧୮।୧୦ (ଶିବଦତ୍ତ ସାହୁ/ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅଧୀନ ଟେକଗୁଡା ଗ୍ରାମ ନିକଟ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାରେ ଶନିବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋହନ ମାଝୀ, ଯମୁନା ସରକାର ଓ ତାଙ୍କ ସମ୍ପର୍କୀୟ ରାମକୁମାର। ଏହି ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ଜଣାପଡ଼ିଛି।

କୋରୁକୋଣ୍ଡା ସଦର ବ୍ଲକ୍ ସୁଲିଆ କଲୋନିର ମୋହନ ମାଝୀ (୨୬) ଓ ତାଙ୍କ ସମ୍ପର୍କୀୟ ମଧୁ ଜାନୀ ଗୋଟିଏ ବାଇକ୍‌ରେ ମାଲକାନଗିରି ଅଭିମୁଖେ ଆସୁଥିଲେ। ଏହି ସମୟରେ ମାଲକାନଗିରିରୁ ବାଲିମେଳା ଅଭିମୁଖେ ଅନ୍ୟ ଏକ ବାଇକ୍‌ରେ ଏମ୍‌ଭି ୩୬ ଗ୍ରାମର ଯମୁନା ସରକାର ଓ ରାମକୁମାର ଯାଉଥିଲେ। କୋରୁକୋଣ୍ଡା ନିକଟ ଟେକଗୁଡ଼ା ଛକ ନିକଟରେ ଶନିବାର ସକାଳ ପ୍ରାୟ ୮ଟା ୩୦ରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଘଟଣାସ୍ଥଳରେ ମୋହନଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇ ୩ ଗୁରୁତରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାମକୁମାର ଓ ଯମୁନାଙ୍କ ମୃତ୍ୟୁ ଘଟିଥିବା ବେଳେ ମଧୁଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଖବରପାଇ କୋରୋକୋଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କ ମୃତଦେହ ଜବତ କରିଛି। ଏନେଇ ପୋଲିସ ୧୬୫/୨୫ରେ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୋହନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ରାମକୁମାର ଓ ଯମୁନାଙ୍କ ପରିବାର ଲୋକଙ୍କ ପରିଚୟ ମିଳି ନ ଥିବାରୁ ଉକ୍ତ ୨ ମୃତଦେହକୁ ଚିକିତ୍ସାଳୟରେ ରଖାଯାଇଛି। ପରିବାର ଲୋକେ ଚିହ୍ନଟକରିବା ପରେ ପରବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ସୂଚନା ଦେଇଛନ୍ତି।

# ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ



ଯବାନଙ୍କ ସହ ଗିରଫ ମାଓବାଦୀ।

**ମାଲକାନଗିରି,୧୮।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ଗିରଫକରିବା ସହ ତାଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ମାଓବାଦୀ ହେଲେ ମୁଚାକୀ ବୁଦ୍ରା ଏବଂ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି।

ସୁକ୍‌ମା ଜିଲା କୋଣ୍ଟା ଥାନା ପୋଲିସ ଏବଂ ସିଆର୍‌ପିଏଫ୍ ୨୧୮ ବାଟାଲିୟନ ଶନିବାର ସକାଳେ ମିଳିତ ଭାବେ କୋଣ୍ଟା ଓ ଭେଜି ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ପୋଲିସ ଓ ଯବାନଙ୍କୁ ଦେଖି ଲୁଚିବା ପାଇଁ ଚେଷ୍ଟା କରୁଥିଲେ। ପୋଲିସ ସନ୍ଦେହରେ ଉକ୍ତ ବ୍ୟକ୍ତିଙ୍କୁ କାବୁକରି ପଚରାଉଚୁରା କରିବାରୁ ସେ ଜଣେ ମାଓବାଦୀ ବୋଲି ଜଣାପଡ଼ିଥିଲା। ଏଥିସହ ଉକ୍ତ ମାଓବାଦୀଙ୍କ ନିକଟରେ ଗୋଟିଏ ବ୍ୟାଗ୍‌ରେ ଅସ୍ତ୍ରଶସ୍ତ୍ର ଥିବା ଦେଖି ଜବତ କରିଥିଲେ। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଜିଲେଟିନ ରଡ୍, ବିଦ୍ୟୁତ୍ ଡିଟୋନେଟର, ବନ୍ଧୁକରେ ବ୍ୟବହାର ପାଉଡର, କଡେକ୍ସ ତାର, ଚାର୍ଜର, ମାଓବାଦୀ ବ୍ୟାନର, ପୋଷ୍ଟର ଓ ଅନ୍ୟ ସାମଗ୍ରୀ ରହିଛି। ମାଓବାଦୀ ମୁଚାକୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ଏସ୍‌ପି ସୂଚନା ଦେଇଛନ୍ତି।

# ଟୁଙ୍କି ଜଳପ୍ରପାତରେ ବୁଡ଼ିଗଲେ ଡିପ୍ଲୋମା ଛାତ୍ର

**ଉଦଳା(ସନ୍ତୋଷ କୁମାର ବାଛିନି)/ ଗୋପବନ୍ଧୁନଗର (ଶାନ୍ତନୁ କୁମାର ମଥୁଆଲ),୧୮।୧୦**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ମୁର୍ଗାବାଡ଼ି ଅଞ୍ଚଳର ସୌମିତ କୁମାର ପାତ୍ର। ସେ ଲକ୍ଷ୍ମୀପୋଷି ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ଡିପ୍ଲୋମା କରୁଥିଲେ।

ପ୍ରକାଶ ଯେ, ସୌମିତ ଅନ୍ୟ ଜଣେ ସାଙ୍ଗଙ୍କ ସହ ଟୁଙ୍କି ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ପଶି ଗାଧୋଉଥିବା ବେଳେ ତାଙ୍କ ସାଙ୍ଗ ବାହାରେ ଛିଡ଼ାହୋଇ ଭିଡିଓ ଉତ୍ତୋଳନ କରୁଥିଲେ। ଅସାବଧାନତାବଶତଃ ସୌମିତଙ୍କ ଗୋଡ଼ ଖସିଯିବାରୁ ସେ ଜଳ ପ୍ରପାତ ଭିତରେ ବୁଡ଼ିଯାଇଥିଲେ। ତାଙ୍କ ସାଙ୍ଗ ଉଦ୍ଧାର କରିବାକୁ ଚେଷ୍ଟାକରିବା ସହ ପାଟି କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜିକରି ସୌମିତଙ୍କୁ ଉଦ୍ଧାରକରି ଖୁଣ୍ଟା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା (ନଂ. ୭୧/୨୫)ରୁଜୁକରି ତଦନ୍ତ କରୁଛି।

# ଦୀପାବଳି ପାଇଁ ବଦଳିଲା ଡିଏଲ୍‌ଇଡି ପରୀକ୍ଷା ସୂଚୀ

## ୨୦ ପରିବର୍ତ୍ତେ ୨୯ରେ ହେବ ପରୀକ୍ଷା

**କଟକ,୧୮।୧୦(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଡିଏଲ୍‌ଇଡି ପେପର-୧ ପରୀକ୍ଷା ଅକ୍ଟୋବର ୨୦ ପରିବର୍ତ୍ତେ ୨୯ ତାରିଖରେ ହେବ। ଦୀପାବଳି ପାଳନ ପାଇଁ ରାଜ୍ୟ ସରକାର ୨୦ ତାରିଖକୁ ଛୁଟି ଘୋଷଣା କରିଥିବାରୁ ବୋର୍ଡ ପକ୍ଷରୁ ଉକ୍ତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ପୂର୍ବରୁ ଘୋଷଣା କରାଯାଇଥିବା ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିଛି। ପରୀକ୍ଷାର୍ଥୀମାନେ ତଦନୁଯାୟୀ ପରବର୍ତ୍ତୀ ତାରିଖରେ ପରୀକ୍ଷା ଦେବାକୁ ବୋର୍ଡ ପକ୍ଷରୁ ଶନିବାର ବିଜ୍ଞପ୍ତି ଜାରି କରାଯାଇଛି।


# Classified Everyday

**0674-2580101, 9692975378**



MATRIMONIAL

### BRIDE WANTED

Khandayat Boy 1997 5'6" B.tech MBA continued Ph.D. Asst. Professor Business. 8908069176. D-2277

### GROOM WANTED

Tanti groom-30, Mechanical Engineer required established family background bride- 9853366347. D-2278



REAL ESTATE

### SALE

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2306


ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

Flat 3 BHK unused furnished, Jharpada Location, only Rs. 65lakhs. Genuine Buyers please contact- # 8249191613. D-2320



### CONSTRUCTION

Construct your Building with quality Materials by SCPL Construction in time. We provide all Approval plans, finance Estimates, Designs, Interiors & Borings. 9938745568, 9937069140. D-2328





RCC Hall 1000sft. (40ft. x25ft.) with toilets, electrical fittings, facing 100ft. wide Lewis Road, Bhubaneswar-2, Hotel Gouri Premises, adjacent to IndusInd bank, surrounded by tourism spots, suitable for Dental, Eye Clinics, Office, Shop on monthly rental basis. Contact: 9861129953. D-2259





The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

### LOST

This is to inform the public that the original +3 Pass Certificate of Sri Sanjeeb Kumar Mohanty, son of Bipini Bihari Mohanty, resident of Adharjodi, Kendrapara, Odisha-754211 has been lost/damaged beyond recovery due to termite infestation. The Certificate was issued by Sam Higginbottom Institute of Agriculture, Technology and Science (Enrollment Number: G-1105300170, Batch: Autumn-2010, Exam held in June 2013). Sri Sanjeeb Kumar Mohanty requests the concerned authority to issue a Duplicate Certificate for necessary purposes. If anyone finds any information regarding the lost Certificate, please contact: Sri Sanjeeb Kumar Mohanty, Adharjodi, Kendrapara, Odisha-754211. D-2321

ନୋଟାରୀ ଯାଜପୁର, ଥାନା: ବରୀ- ରାମଚନ୍ଦ୍ରପୁର, ତା- ୧୪।୧୦।୨୦୨୫ରିଖ ସତ୍ୟପାଠ ନଂ.- ୪୨୭୯/୨୦୨୫ ଅନୁଯାୟୀ, ମୁଁ ରମେଶ ଚନ୍ଦ୍ର ଶ୍ୟାନ୍ତୀ, ପିତା- ଶରତ ଚନ୍ଦ୍ର ଶ୍ୟାନ୍ତୀ, ଗାଁ- ରତ୍ନଗିରି, ପିଏସ୍- ବରୀ- ରାମଚନ୍ଦ୍ରପୁର, ଜିଲ୍ଲା- ଯାଜପୁର, ମୌଜା :ଅଲିଆବାଦର ପଟ୍ଟା(ଓରିଜିନାଲ) ଯାହାର ଖାତା ନଂ.- ୬୭୩ ଏବଂ ପ୍ରଥମ କବଲା (ଓରିଜିନାଲ) ଯାହାର ନଂ.- ୧୦୮୦୧୪୦୦୧୧୧, ତାରିଖ- ୩୧।୦୧।୨୦୧୪ ଓ ଦ୍ୱିତୀୟ କବଲା (ଓରିଜିନାଲ) ଯାହାର ନଂ.- ୧୦୮୦୧୮୦୧୧୪୮, ତାରିଖ- ୧୬।୧୧।୨୦୧୮, ବ୍ୟାଗରେ ନେଇ ମୁଁ ମୋର ମୋଟର ସାଇକେଲରେ ଯାଉଥିବା ବେଳେ କେଉଁଠାରେ ହଜିଯାଇଛି। ଯଦି କେହି ପାଆନ୍ତି, ଦୟାକରି ଯୋଗାଯୋଗ କରନ୍ତୁ- ୯୭୭୭୨୦୫୧୭୦. ଧ-୨୩୨୨

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

By Virtue of an affidavit sworn before Executive Magistrate, Kutra, dated- 14.10.25, I, Padmini Bahala, Address: Vill- Jharbeda, P.O.- Tunmura, P.S.-Kutra, Dist.- Sundargarh, Odisha, PIN-770070 declare that I have changed my name from Padmini Majhi to Padmini Bahala. Henceforth, I shall be known as Padmini Bahala for all purposes.
Padmini Bahala D-2319

By virtue of an affidavit sworn before Executive Magistrate, Balasore, dated- 24.07.2025, I Sanjukta Sethy, At- Aladia, P.O.- Ranasahi, P.S.- Chandipur, Dist.- Balasore, Odisha declare that I have changed my name from Sanjukta Sethi to Sanjukta Sethy. Henceforth, I shall be known as Sanjukta Sethy for all purpose.
Sanjukta Sethy D-2327

By virtue of an affidavit sworn before Executive Magistrate, Balasore, dated- 22.08.2025, I Srimanta Kumar Sethi, At- Aladia, P.O.- Ranasahi, P.S.- Chandipur, Dist.- Balasore, Odisha declare that I have changed my name from Srimanta Sethi to Srimanta Kumar Sethi. Henceforth, I shall be known as Srimanta Kumar Sethi for all purpose.
Srimanta Kumar Sethi D-2326

By virtue of an affidavit sworn before the Executive Magistrate Bhubaneswar, I, Bikash beura, aged about 36years, S/o- Kanhu Charan Beura, At- Padasahi, P.O.- Raghunathpur, P.S.- Nandankanan, Dist.- Khordha, hereby declare that I have changed my Father's Name from Kanu Charan Beura to Kanhu Charan Beura. Henceforth, I shall be known as Kanhu Charan Beura for all purposes. D-2325

By virtue of an affidavit sworn before Notary Public, Jatni, Odisha, dated- 17-10-2025, I, G. Abhishek Devadanam, Address: Madhusudan Nagar, Jatni, Khordha, Odisha – 752050, declare that I have changed my name from Abhishek Devdanab to G. Abhishek Devadanam. Henceforth, I shall be known as G. Abhishek Devadanam for all purposes. D-2324

By virtue of an affidavit sworn before Executive Magistrate, Bhubaneswar on dtd.- 16.10.2025, I, Shaikh Nazimuddin resident of At- plot No.-3/421/596, Dev Village, Near Shiridi Sai ITC, P.O.- Dumduma HB Colony, P.S.- Khandagiri, Bhubaneswar, Dist.- Khordha, PIN- 751019 Odisha declare that I have changed the name of the son from Sk. Nafis Uddin to Shaikh Nafis Uddin. Henceforth he shall be known as Shaikh Nafis Uddin for all purpose.
Shaikh Nazimuddin D-2306

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LEGAL NOTICE

PR. No.- 168
Dtd.- 12.09.25

ମାନ୍ୟବର ଚକବନ୍ଦୀ ଓ ବନ୍ଦୋବସ୍ତ ଓଡ଼ିଶା ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର ଆର.ସି.କେସ୍ ନଂ- ୮୦/୨୦୧୮

ମହାଦେଇ ଦେଈ
...... ବାଦୀ
ବନାମ
ଚନ୍ଦ୍ରଶେଖର ନାୟକ ଏବଂ ଅନ୍ୟମାନେ
........ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୧. ଚନ୍ଦ୍ରଶେଖର ନାୟକ ପିତା ସ୍ୱର୍ଗତ ନୟା ନାୟକ ସା/ପୋଷ୍ଟ- କୋଟପଲ୍ଲା, ଥାନା- ବଢମାରି, ଜିଲ୍ଲା- ଖୋର୍ଦ୍ଧା, ୨. ବୀରକିଶୋର ଦାଶ, ୩. ନବକିଶୋର ଦାଶ, ୪. କୃଷ୍ଣ ଚନ୍ଦ୍ର ଦାଶ ୨ରୁ ୪ଙ୍କ ପିତା ଦୁଃଖୀଶ୍ୟାମ ସାଶ, ୨ରୁ ୪ଙ୍କ ବାସସ୍ଥାନ- ସା- ବରସହି, ପୋଷ୍ଟ- କୋଟପଲ୍ଲା, ଥାନା/ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପରଲିଖିତ ଆର.ସି କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ତା- ୨୪.୧୧.୨୦୨୫ରିଖ ଦିବା ଘ.୩.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ବରସହି, ତହସିଲ- ବେଗୁନିଆ, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା
ସାବକ- ଖାତା ନଂ- ୧୨୭, ପ୍ଲଟ ନଂ- ୬୮୧/୧୨୧୩, କିସମ- ବଗାୟତ ଦୁଇ, ରକବା, ଏ.୦.୮୨୦ଡି., ସ୍ୱତ୍ୱ-ସ୍ଥିତିବାନ୍
ହାଲ- ଖାତା ନଂ- ୩୨୨, ଚକ ନଂ-୨୬୮, ଚକ ପ୍ଲଟ ନଂ.- ୬୯୧, କିସମ- ବଗାୟତ ଦୁଇ, ରକବା- ଏ.୦.୮୨୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା.- ୨୨।୦୮।୨୫
ଭୁବନେଶ୍ୱର
ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୩୨୩

# ମଜା ନ ହେଉ ସଜା



**ଆସୁଛି ଆଲୋକର ପର୍ବ ଦୀପାବଳି। ଦୀପ, ବିଭିନ୍ନ ରଙ୍ଗୋଲୀ, ଝଲିକି ଝଲି ଆଲୋକ ମାଳାରେ ଘର ସଜାଇବାଠୁ ଆରମ୍ଭ କରି ବାଣଫୁଟାକୁ ନେଇ ସମସ୍ତେ ଉତ୍କଣ୍ଠିତ। ହେଲେ ଦୀପାବଳିର ଆନନ୍ଦ ନେବା ଲାଗି ଆମେ ଫୁଟାଉଥିବା ବାଣରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦେଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ ତ ଆଉ ପୁଣି କେତେବେଳେ ଏହି ଖୁସିର ମୁହୂର୍ତ୍ତକୁ କ୍ୟାମେରାରେ କଏଦ କରିବା ବେଳେ ସାମାନ୍ୟ ଅସାବଧାନତା ବି ସାଜିଥାଏ ବଡ଼ ବିପଦର କାରଣ। ତେଣୁ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଲାଗି ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**

ଆଲୋକର ପର୍ବ ଦୀପାବଳି ବହୁ ପୁରୁଣା କାଳରୁ ପାଳନ କରାଯାଇ ଆସୁଅଛି। ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସଭିଙ୍କ ମନରେ ବିଶେଷକରି ଯୁବପିଢ଼ିଙ୍କ ମନରେ ଏହାକୁ ନେଇ ଉତ୍କଣ୍ଠା ଭରି ରହିଥାଏ। ଘରେ ଘରେ ଆଲୋକସଜ୍ଜାଠୁ ଆରମ୍ଭ କରି ପୂଜା ଏବଂ ବାଣଫୁଟାର ଆସର ଜମେ। ହେଲେ ଖୁସି ଆଳରେ ଫୁଟାଯାଉଥିବା ଏହି ବାଣ ନା କେବଳ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ବଡ଼ କାରଣ ସାଜିଥାଏ ବରଂ ସୋସିଆଲ୍ ମିଡିଆରେ ଫଟୋ ପୋଷ୍ଟ କରିବା ଲାଗି ଫଟୋ ଉଠାଇବା ସମୟରେ ସାମାନ୍ୟ ଅସାବଧାନତା ଯୋଗୁ କେବେକେବେ ଅଗ୍ନିକାଣ୍ଡ ଘଟି ଧନ ଓ ଜୀବନ ବି ହାନି ହୋଇଥାଏ। ତେଣୁ ଏହି ଆନନ୍ଦର ପର୍ବ ଯେପରି ଦୁଃଖର କାରଣ ନ ସାଜୁ, ସେଥିପାଇଁ କେଉଁସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ବାୟୁ ପ୍ରଦୂଷଣ ରୋକନ୍ତୁ:** ଯଦିଓ ବାଣ ଫୁଟିଲେ ମଜା ଲାଗେ, ଏହାର ଶବ୍ଦ ଓ ଆଲୋକ ଆମକୁ ଆନନ୍ଦ ଦିଏ। ହେଲେ ଦୁଃଖର କଥା, ବାଣ ପ୍ରସ୍ତୁତ ଲାଗି ବ୍ୟବହୃତ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ। ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବେଲରୁ ଅଧିକ। ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି। ଫଳରେ ପରିବେଶ ପ୍ରଦୂଷଣ ହେବା ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ହେଲେ ଦୁଃଖର ବିଷୟ, ସବୁ ଜାଣି ସୁଦ୍ଧା ଆମେ ଏଥିପାଇଁ ଟଙ୍କା ଖର୍ଚ୍ଚ କରୁ। ତେଣୁ ସଚେତନ ନାଗରିକ ଭାବେ ଏଥିପାଇଁ କମ୍ ଖର୍ଚ୍ଚ କରନ୍ତୁ ଏବଂ ଅଧିକ ଧୂଆଁ କିମ୍ବା ଶବ୍ଦ ସୃଷ୍ଟି କରୁଥିବା ବାଣଠୁ ଦୂରେଇ ରୁହନ୍ତୁ।

**ସ୍ୱାସ୍ଥ୍ୟ ପ୍ରତି ସଚେତନ ହୁଅନ୍ତୁ:** ଦୀପାବଳିରେ ଦୀପ ଜାଳି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଦିବସ ପାଳନ କରାଯାଏ। କିନ୍ତୁ ଅଧିକାଂଶ ବିଶେଷକରି ଆଜିର ଯୁବପିଢ଼ି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ। ହେଲେ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ପରିବେଶ ପ୍ରଦୂଷଣ କରେ। ଯେଉଁଥିପାଇଁ କାଶ, ଶ୍ୱାସ, କଫ ଭଳି ସମସ୍ୟା ଉପୁଜିଥାଏ। ଏମିତିକି ବାଣ ଫୁଟାଇବା ବେଳେ କେବେକେବେ ବାରୁଦ ଆଖିରେ ପଡ଼ିଯାଏ, ଯଦ୍ଦ୍ୱାରା ବିଭିନ୍ନ ଚକ୍ଷୁ ସମସ୍ୟା ଦେଖାଦିଏ। ଏମିତିକି ଏଥିପାଇଁ କେତେକଙ୍କ ଦୃଷ୍ଟିଶକ୍ତି ନଷ୍ଟ ହୋଇଯିବା ଘଟଣାର ବି ନଜିର ରହିଛି। ତା'ଛଡ଼ା କୌଣସି କାରଣବଶତଃ ଏହି ବାରୁଦ ପେଟ ଭିତରକୁ ଚାଲିଗଲେ ବିଭିନ୍ନ ରୋଗ ସୃଷ୍ଟି କରେ। ସେହିପରି ୧୪୦ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଯୋଗୁ ଅନେକଙ୍କଠାରେ ଶ୍ରବଣଜନିତ ସମସ୍ୟା ବି ଦେଖାଦେଇଥାଏ।





**ଫଟୋଶୁଟ୍ ବେଳେ ରୁହନ୍ତୁ ସତର୍କ:** ଦୀପାବଳିରେ ଦୀପ ସହ ଫଟୋଶୁଟ୍ କରିବା ଏବେ ଏକ ଫ୍ୟାଶନ୍ ପାଲଟିଗଲାଣି। ହେଲେ ଗୋଟିଏ ହାତରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଏବଂ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ କିମ୍ବା କେଶ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଯଦି ଏଭଳି ଫଟୋ ଉଠାଇବାକୁ ଇଚ୍ଛା, ତେବେ ନିଜେ ନ ଉଠାଇ ଅନ୍ୟର ସାହାଯ୍ୟ ନିଅନ୍ତୁ ଏବଂ ଯଥାସମ୍ଭବ ନିଆଁଠାରୁ ଦୂରରେ ରୁହନ୍ତୁ। ସେହିପରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ନିଶାରେ ଅନେକେ ବାଣ ଫୁଟାଇ ଫଟୋ ଉଠାଇବାକୁ ଗୁରୁତ୍ୱ ଦେଇଥା'ନ୍ତି। ହେଲେ ଏଭଳି ବାଣରୁ ବାହାରୁଥିବା ନିଆଁ ଛିଟିକି ପଡ଼ିବା ଯୋଗୁ ପୋଷାକରେ ନିଆଁ ଲାଗି ଅନେକଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ସୁନ୍ଦର ଆଲୋକସଜ୍ଜା ଭିତରେ ଫଟୋ ଏବଂ ଭିଡିଓ ଶୁଟ୍ କରିବାର ଚାର୍ମ ଅଲଗା। କିନ୍ତୁ ଏହାଦ୍ୱାରା କରେଣ୍ଟ ଲାଗିବାର ଆଶଙ୍କା ରହିଛି। ତେଣୁ ଏସବୁ ଲାଇଟ୍ ଧରି କିମ୍ବା ଦେହରେ ଗୁଡ଼ାଇ ଆଦୌ ଫଟୋ ଉଠାନ୍ତୁ ନାହିଁ। ଲିଟୁ କିମ୍ବା ଅନ୍ୟ ଇଲେକ୍ଟ୍ରି ଲାଇଟ୍ ପାଖରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଲଗାନ୍ତୁ ନାହିଁ। ନଚେତ୍ ଏହା ନିଆଁ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଛି। ତେଣୁ ଖୁସିର ପର୍ବରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିପ୍ରତି ସତର୍କ ରୁହନ୍ତୁ।

**ଥଟ୍ଟା ମଜା ହୋଇପାରେ ବିପଦପୂର୍ଣ୍ଣ:** କେହି କେହି ଦୀପାବଳିରେ ଅନ୍ୟକୁ ଡରାଇବା ଲାଗି ପାଖକୁ ବାଣ ଫିଙ୍ଗିଥା'ନ୍ତି। ଅନେକେ କୁକୁର, ଗାଈ କିମ୍ବା ଅନ୍ୟ ବୁଲା ଜୀବଜନ୍ତୁଙ୍କ ଉପରକୁ ମଧ୍ୟ ବାଣ ଫିଙ୍ଗିବା କିମ୍ବା ସେମାନଙ୍କ ଲାଞ୍ଜରେ ବାଣ ଲଗାଇବାକୁ ବି ପଛାଇ ନ ଥା'ନ୍ତି। ବର୍ତ୍ତମାନ ସୋସିଆଲ୍ ମିଡିଆରେ ୟୁନିକ୍ ତଥା ଫନି ଭିଡିଓ ପୋଷ୍ଟ କରିବା ଆଳରେ ବି କେତେକ ଯୁବପିଢ଼ି ଏଭଳି କାର୍ଯ୍ୟ କରି ଭିଡିଓ କରୁଥିବା ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଆଦୌ ଠିକ୍ ନୁହେଁ। କାରଣ ସାମାନ୍ୟ ମଜା ନେବା ଆଳରେ ଏହା କାହା ଜୀବନ ବି ନେଇଯାଇପାରେ।

**ବିଶେଷ ସତର୍କତା:** ଯଦି କାଶ, ଶ୍ୱାସ ଭଳି ସମସ୍ୟା ରହିଛି, ତେବେ ଏହିଦିନ ବାହାରକୁ ଯାଉଥିଲେ ମାସ୍କ ଲଗାନ୍ତୁ। ଆବଶ୍ୟକ ନ ଥିଲେ ଘରେ ରୁହନ୍ତୁ। ସିନ୍ଥେଟିକ୍ ପରିବର୍ତ୍ତେ ଶୀଘ୍ର ନିଆଁ ଧରୁ ନ ଥିବା ଭଳି କଟନ୍, ଜିନ୍ସ ଭଳି ମୋଟା ଡ୍ରେସ୍ ପିନ୍ଧନ୍ତୁ। ବାଣ ଫୁଟାଇବା ବେଳେ ଆଖିରେ ଚଷମା ଲଗାନ୍ତୁ ଏବଂ ଫୁଲ୍ ଜୋତା ପିନ୍ଧନ୍ତୁ। ପାଖରେ ପାଣି ବାଲ୍ଟି ଏବଂ ଏମର୍ଜେନ୍ସି ମେଡିସିନ୍, ବର୍ନ କ୍ରିମ୍ ଆଦି ରଖନ୍ତୁ। ଅଧାଫୁଟା ବାଣକୁ ଆଦୌ ହାତରେ ଧରନ୍ତୁ ନାହିଁ କିମ୍ବା ଏହାକୁ ପୁନର୍ବାର ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ। ହାତରେ ବାଣ ନ ଫୁଟାଇ କାଉଁରିଆ କାଠି ବ୍ୟବହାର କରନ୍ତୁ।



## ବାଣ ନୁହେଁ, ହସ ଫୁଟଇବା ଲକ୍ଷ୍ୟ



**ଶିବରାମ ସୁବୁଦ୍ଧି (ବ୍ରହ୍ମପୁର)**– ଆଲୋକର ପର୍ବ ଯେପରି ପରିବେଶ ପ୍ରଦୂଷଣର କାରଣ ନ ସାଜୁ କିମ୍ବା କାହା ପାଇଁ ବିପଦ ସୃଷ୍ଟି ନ କରୁ ସେଥିପାଇଁ ଆମ ସଂଗଠନ ସବୁଜବାହିନୀ ସର୍ବଦା ତତ୍ପର। ତେଣୁ ଆମେ ଏନେଇ ପ୍ରତିବର୍ଷ ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟ ଆୟୋଜନ କରିଆସୁଛୁ। ଏହା କିପରି ସମସ୍ତଙ୍କ ପାଇଁ ଆନନ୍ଦମୟ ହେଉ ସେଥିପାଇଁ ପ୍ରଚେଷ୍ଟା ମଧ୍ୟ ଜାରିରଖିଛୁ। ୬ ବର୍ଷ ହେବ ଦୀପାବଳିରେ ବାଣ ନ ଫୁଟାଇ ସେହି ଟଙ୍କାରେ ଅସହାୟମାନଙ୍କୁ କିଛି ସହାୟତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଫୁଟାବାକୁ ଚେଷ୍ଟା କରୁଛୁ। ଚଳିତ ବର୍ଷ ଦୀପାବଳି ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ରେ ଥିବା ଓମ୍ ଜରା ନିବାସରେ ପାଳନ କରିବାକୁ ଯୋଜନା କରିଛି। ସେଠାରେ ରହୁଥିବା ବୃଦ୍ଧାବୃଦ୍ଧମାନଙ୍କୁ ନୂତନ ବସ୍ତ୍ର ଯୋଗାଇ ଦେବା ସହ ପିଠାପଣା ଏବଂ ମଧ୍ୟାହ୍ନ ଭୋଜନର ଆୟୋଜନ ମଧ୍ୟ କରିବୁ। ସେମାନଙ୍କ ପାଇଁ ଏହି ଉତ୍ସବ ଯେପରି ସମ୍ପୂର୍ଣ୍ଣ ଆନନ୍ଦମୟ ଏବଂ ସ୍ମରଣୀୟ ହୋଇପାରିବ ସେଥିପାଇଁ ଆଶା ରଖିଛୁ।

## ଏ ସପ୍ତାହର ପ୍ରଶ୍ନ ?

୧– ନ୍ୟାଶନାଲ୍ ପୋଷ୍ଟ ଡେ'......... ତାରିଖରେ ପାଳନ କରାଯାଏ ?
୨– ତୁଙ୍ଗଭଦ୍ରା ନଦୀ ............ ନଦୀର ଉପନଦୀ ?
୩– ସୁମି ନାଗା ଜନଜାତି ................ରେ ମୁଖ୍ୟତଃ ବାସ କରନ୍ତି ?
୪– କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ........ର ସରକାରୀ ଭାଷା ?
୫– ଅର୍ବିଟାଲ୍ ନଭେଲ୍ ପାଇଁ ୨୦୨୪ ବୁକର୍ ପ୍ରାଇଜ୍ ............... ଜିତିଛନ୍ତି ?

## ଗତ ଥରର ଉତ୍ତର

୧ ଚେନ୍ନାଇ
୨ ଇଜିପ୍ଟ
୩ ମିନିଷ୍ଟ୍ରି ଅଫ୍ ୟୁଥ୍ ଆଫାୟାର୍ସ ଆଣ୍ଡ ସ୍ପୋର୍ଟ୍ସ
୪ ଶ୍ରୀଲଙ୍କା
୫ ତ୍ରିପୁରା

## ଉତ୍ତର ଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ବ୍ୟସ୍ତବହୁଳ ଏୟାରପୋର୍ଟ –୨୦୨୫

୧ ............ ଆଟ୍‌ଲାଣ୍ଟା ହାର୍ଟ୍ସଫିଲ୍ଡ ଜ୍ୟାକ୍‌ସନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୨ ............ ଦୁବାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୩ ............ ହାନେଡା ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଟୋକିଓ।
୪ ............ ଲଣ୍ଡନ୍ ହିଟ୍‌ଥ୍ରୋ ଏୟାରପୋର୍ଟ।
୫ ............ ଡଲାସ୍ ଫୋର୍ଟ ୱର୍ଥ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଆମେରିକା।
୬ ............ ସିକାଗୋ ଓ'ହେଆର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୭ ............ ଇସ୍ତାନ୍‌ବୁଲ୍ ଏୟାରପୋର୍ଟ।
୮ ............ ସାଙ୍ଘାଇ ପଡଙ୍ଗ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୯ ............ ବାୟୁନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଚାଇନା।
୧୦ .......... ଡେନ୍‌ଭର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ୟୁନାଇଟେଡ୍।

## ଜାଣନ୍ତୁ ଦୁନିଆ

# ଦୀପାବଳି: କିଛି କଥା

**ଆଲୋକର ପର୍ବ ଦୀପାବଳି ସଭିଙ୍କ ମନରେ ଆନନ୍ଦ ଭରିଦିଏ। ହେଲେ ଏହାକୁ ନେଇ ଅନେକ ଏଭଳି ତଥ୍ୟ ରହିଛି, ଯାହା ସମ୍ପର୍କରେ ହୁଏତ ସମସ୍ତେ ଅବଗତ ନ ଥିବେ। ଜାଣନ୍ତୁ ଏହା ସମ୍ପର୍କରେ...**



✲ ଦୀପାବଳି ପର୍ବକୁ କେବଳ ହିନ୍ଦୁ ନୁହନ୍ତି, ଜୈନ ଏବଂ ଶିଖ୍ ଧର୍ମାବଲମ୍ବୀମାନେ ବି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥା'ନ୍ତି। କୁହାଯାଏ, ଏହି ଦିନ ପ୍ରଭୁ ଶ୍ରୀରାମ ବନବାସ ସମାପ୍ତ କରି ଅଯୋଧ୍ୟା ଫେରିଥିଲେ ଏବଂ ତାଙ୍କୁ ସ୍ୱାଗତ ଜଣାଇବା ଲାଗି ସାରା ନଗରୀ ଦୀପ ଏବଂ ଫୁଲରେ ସଜାଯାଇଥିଲା। ସେବେଠାରୁ ହିନ୍ଦୁମାନେ ଦୀପାବଳି ପାଳିଆସୁଛନ୍ତି।ଜ୍

✲ ଶିଖ୍ ସମ୍ପ୍ରଦାୟରେ ଏହି ପର୍ବ 'ବନ୍ଦି ଛୋଡ୍ ଦିବସ' ଭାବେ ପାଳନ କରାଯାଇଥାଏ। କାରଣ ଏହିଦିନ ଶିଖ୍‌ମାନଙ୍କ ଗୁରୁ ହର୍‌ଗୋବିନ୍ଦ ଜୀ ଗ୍ୱାଲିଅର୍‌ରେ ମୋଗଲ ଶାସକ ଜାହାଙ୍ଗୀରଙ୍କ ବନ୍ଦିଶାଳାରୁ ମୁକ୍ତ ହୋଇଥିଲେ।

✲ ଜୈନ ଧର୍ମରେ ଏହାକୁ ମହାବୀରଙ୍କ 'ମୋକ୍ଷ ଦିବସ' ଭାବେ ପାଳନ ହୁଏ।

✲ ଏହି ପର୍ବକୁ ଭାରତର ଅନେକ ସ୍ଥାନରେ ୫ ଦିନ ଧରି ପାଳନ କରାଯାଇଥାଏ। ପ୍ରଥମ ଦିନ ଧନତେରସ୍, ୨ୟ ଦିନ ନରକ ଚତୁର୍ଦ୍ଦଶୀ (ଛୋଟି ଦୀୱାଲି), ୩ୟ ଦିନ ଲକ୍ଷ୍ମୀପୂଜା, ୪ର୍ଥ ଦିନ ଗୋବର୍ଦ୍ଧନ ପୂଜା ଏବଂ ୫ମ ଦିନ ଭାଇ ଦୁଜ୍ ଭାବେ ପାଳନ କରାଯାଇଥାଏ।

✲ କୁହାଯାଏ, ଦୀପାବଳି ଦିନ ମା' ଲକ୍ଷ୍ମୀ ପୃଥିବୀପୃଷ୍ଠରେ ପଦାର୍ପଣ କରିଥା'ନ୍ତି। ତେଣୁ ଧନପ୍ରାପ୍ତି ସହ ବିଦ୍ୟା, ବୁଦ୍ଧି ପ୍ରାପ୍ତି ନିମନ୍ତେ ମା' ଲକ୍ଷ୍ମୀଙ୍କ ସହ ପ୍ରଭୁ ଗଣେଶଙ୍କ ପୂଜା ମଧ୍ୟ କରାଯାଏ।

✲ ଅନେକ ଭାରତୀୟ ବ୍ୟବସାୟୀ ଏହି ଦିନକୁ ଆର୍ଥିକ ବର୍ଷର ଆରମ୍ଭ ଭାବେ ଗ୍ରହଣ କରିଥା'ନ୍ତି ଏବଂ ଅର୍ଥ ନିବେଶ ବି କରିଥା'ନ୍ତି।

✲ ପଶ୍ଚିମବଙ୍ଗରେ ଦୀପାବଳି ଦିନ ମା' ଲକ୍ଷ୍ମୀଙ୍କ ବଦଳରେ ମା' କାଳୀଙ୍କ ପୂଜା ପାଳନ କରାଯାଏ।

✲ ସେହିପରି ନେପାଳରେ ଏହି ଦିନକୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ନରକାସୁରକୁ ବଧ କରିବା ଖୁସିରେ ପାଳନ କରାଯାଇଆସୁଛି।

✲ ଆମ ଦେଶ ବ୍ୟତୀତ ଦୀପାବଳି ପର୍ବ ମାଲେସିଆ, ମରିସସ୍, ମ୍ୟାନ୍‌ମାର୍, ନେପାଳ, ସିଙ୍ଗାପୁର, ଶ୍ରୀଲଙ୍କା, ୟୁନାଇଟେଡ୍ କିଙ୍ଗଡମ୍, ଫିଜି ସମେତ ଅନ୍ୟ କେତେକ ଦେଶରେ ମଧ୍ୟ ପାଳନ କରାଯାଇଥାଏ। ତେବେ ବାହାର ଦେଶରେ ୟୁକେର ଲିସେଷ୍ଟର ସହରରେ ସବୁଠୁ ବଡ଼ ଆକାରରେ ଅର୍ଥାତ୍ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇ ଲାଇଟ୍ ଶୋ' ଦେଖିବା, ମ୍ୟୁଜିକ୍ ଏବଂ ଡ୍ୟାନ୍ସ ସହିତ ଦୀପାବଳି ପାଳନ କରାଯାଇଥାଏ।

## ୟୁଥ୍ ଫ୍ୟାଶନ

# ୟୁନିସେକ୍ସ ଆଉଟ୍‌ଫିଟ୍ ଟ୍ରେଣ୍ଡ

**ବର୍ତ୍ତମାନ ସବୁ କ୍ଷେତ୍ରରେ ପୁରୁଷ ଏବଂ ନାରୀ ସମତାଳ ଦେଇ ଆଗକୁ ବଢୁଛନ୍ତି। ଏମିତିକି ବର୍ତ୍ତମାନ ଉଭୟ ଏକା ପ୍ରକାରର ପୋଷାକ ପିନ୍ଧିବାକୁ ମଧ୍ୟ ପଛାଉ ନାହାନ୍ତି। ଯେଉଁଥିପାଇଁ ଫ୍ୟାଶନ୍ ଦୁନିଆରେ ୟୁନିସେକ୍ସ ଆଉଟ୍‌ଫିଟ୍ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି...**

**ଜିନ୍ସ ଓ ଟି–ଶାର୍ଟ:** ସ୍ମାର୍ଟ ଲୁକ୍ ସହ ପିନ୍ଧିବାକୁ କମ୍ଫର୍ଟେବଲ୍, କ୍ୟାରି କରିବାକୁ ସହଜ ହେଉଥିବାରୁ ଜିନ୍ସ ପ୍ୟାଣ୍ଟ ସହିତ ଟି–ଶାର୍ଟର କମ୍ବିନେଶନ୍ ବର୍ତ୍ତମାନ ଉଭୟ ଯୁବକ ଏବଂ ଯୁବତୀଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେମାନଙ୍କ ରୁଚିକୁ ଆଖିଆଗରେ ରଖି ବର୍ତ୍ତମାନ ପ୍ଲେନ୍, ମେସଜ୍, ଫ୍ଲୋରାଲ୍ ପ୍ରିଣ୍ଟ, ଜ୍ୟାମେଟ୍ରିକ୍, ଗ୍ରାଫିକ୍ସ ଡିଜାଇନ୍ ଟି–ଶାର୍ଟର ୟୁନିସେକ୍ସ କଲେକ୍ସନ ମାର୍କେଟ୍‌ରେ ଉପଲବ୍ଧ ହେଉଛି, ଯାହାକି ଉଭୟଙ୍କୁ କୁଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଇପାରୁଛି।



**ୟୁନିସେକ୍ସ ପ୍ୟାଣ୍ଟ:** ୟୁନିସେକ୍ସ ଫ୍ୟାଶନ୍‌ରେ ସବୁଠୁ ଅଧିକ ବ୍ୟବହାର ହେଉଥିବା ଆଉଟ୍‌ଫିଟ୍ ହେଉଛି ବିଭିନ୍ନ ପ୍ରକାରର ପ୍ୟାଣ୍ଟ। ଜିନ୍ସ, କାର୍ଗୋ, ଟ୍ରାଉଜର୍, ଜଗର୍ସ, ହାରେମ୍ ପ୍ୟାଣ୍ଟ, ବୋହୋ ପ୍ୟାଣ୍ଟ, ପାରାଚ୍ୟୁଟ୍ କାର୍ଗୋ, ବ୍ୟାଗି ପ୍ୟାଣ୍ଟ୍ସ ଆଦି ୟୁନିସେକ୍ସ ଫ୍ୟାଶନ୍ ଟ୍ରେଣ୍ଡରେ ସବୁଠୁ ଆଗରେ ଅଛି, ଯାହାକି ସ୍ମାର୍ଟ ସହିତ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ଦେଇଥାଏ।

**ୱିଣ୍ଟର ୱେର:** ଏହି ୟୁନିସେକ୍ସ ଆଉଟ୍‌ଫିଟ୍ ତାଲିକାରେ ସ୍ୱେଟ୍ ଶାର୍ଟ, ସ୍ୱେଟର୍, ଜ୍ୟାକେଟ୍, ହୁଡିଜ୍, କାର୍ଡିଗାନ୍, କୋଟ୍ ଆଦି ସାମିଲ ରହିଛି, ଯାହାକି ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି। ଏହା ଉଭୟ ଯୁବତୀ ଏବଂ ଯୁବକଙ୍କୁ ବେଶ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହାର ବିଭିନ୍ନ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ, ଯାହାକୁ କର୍ମି ଜିନ୍ସ ସହିତ ଟିମ୍ ଅପ୍ କରି ଷ୍ଟାଇଲିଶ୍ ଲାଗିପାରିବେ।

**ବ୍ଲେଜର୍ସ:** ଫର୍ମାଲ୍ ଗେଟ୍‌ଅପ୍ କିମ୍ବା ଅଫିସିଆଲ୍ ଗେଟ୍‌ଅପ୍ ପାଇଁ ଯୁବତୀ ହୁଅନ୍ତୁ ଅବା ଯୁବକ, ଉଭୟ ବ୍ଲେଜର ବ୍ୟବହାର କରିଥା'ନ୍ତି। ହେଲେ ଏବେ ମାର୍କେଟ୍‌ରେ ଭଳିକି ଭଳି କାଜୁଆଲ୍ ଏବଂ ଫ୍ୟାଶନେବଲ୍ ୟୁନିସେକ୍ସ କଲେକ୍ସନ ଉପଲବ୍ଧ, ଯାହାକୁ ଉଭୟ ଯୁବତୀ ଏବଂ ଯୁବକ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ।

**ଶୁଜ୍:** ବର୍ତ୍ତମାନ ବଢୁଥିବା ୟୁନିସେକ୍ସ ଆଉଟ୍‌ଫିଟ୍‌ର ଡିମାଣ୍ଡକୁ ନଜରରେ ରଖି ଅନେକ ନାମୀଦାମୀ କମ୍ପାନି ପକ୍ଷରୁ ଉଭୟ ଯୁବତୀ ଏବଂ ଯୁବକ ବ୍ୟବହାର କରିପାରୁଥିବା ଭଳି ସ୍ନିକର୍ସ, ବୁଟ୍ସ, ଲୋଫର୍ସ, ଫ୍ଲାଟ୍ସ, ସ୍ଲିପ୍ ଅନ୍ ଆଦି ଉପଲବ୍ଧ, ଯାହାକି ବେଶ୍ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।



# କୋହଲି, ରୋହିତଙ୍କ ଉପରେ ନଜର

## ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ

ପର୍ଥ, ୧୮।୧୦(ପି.ଟି.)

ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପୂର୍ଣ୍ଣକାଳୀନ ଦିନିକିଆ ଅଧିନାୟକ ଭାବେ ଶୁବମନ ଗିଲ୍‌ଙ୍କ ଲାଗି ଏହା ପ୍ରଥମ ମ୍ୟାଚ୍ ହେବ। ଏଥିସହିତ ଦୀର୍ଘଦିନର ବ୍ୟବଧାନ ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରୁଥିବା ଦୁଇ ସିନିୟର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ନଜର ରହିବ।

ଦୁଇ ସିନିୟର ବ୍ୟାଟର ଗତ ମାର୍ଚ୍ଚରେ ଭାରତ ପାଇଁ ଚାମ୍ପିୟନ୍ସ ଟ୍ରଫି ଖେଳିଥିଲେ। ଗତ ୭ ମାସ ମଧ୍ୟରେ ଭାରତୀୟ କ୍ରିକେଟରେ ଅନେକ କିଛି ପରିବର୍ତ୍ତନ ଆସିଛି। ଦୁହିଁଙ୍କ ଅନୁପସ୍ଥିତିରେ ଟି୨୦ ଓ ଟେଷ୍ଟ ଫର୍ମାଟରେ ଭାରତୀୟ ଦଳର ପ୍ରଦର୍ଶନରେ କୌଣସି ଫରକ ଆସି ନାହିଁ। କିନ୍ତୁ ଦିନିକିଆ ଫର୍ମାଟରେ ଉଭୟ କୋହଲି ଓ ରୋହିତ ଅନ୍ୟତମ ସର୍ବକାଳୀନ ମହାନ ବ୍ୟାଟର। ଏହି ଫର୍ମାଟରେ ଦୁହିଁଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ ହେବ ନାହିଁ। ଏହି ସିରିଜ୍ ଲାଗି ରୋହିତ ଖୁବ ପରିଶ୍ରମ କରି ନିଜ ଓଜନ କମାଇଛନ୍ତି। ସେହିଭଳି କୋହଲି ଲଣ୍ଡନରେ ଜଣେ ବ୍ୟକ୍ତିଗତ ଟ୍ରେନର ସହ ଟ୍ରେନିଂ କରିଥିଲେ। କିନ୍ତୁ ଦୁଇ ବ୍ୟାଟର ଆଇପିଏଲ୍ ପରଠାରୁ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଉଭୟ ଖେଳାଳିଙ୍କୁ ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ସିନିୟର ଭାବେ ନୂଆ ଭୂମିକା ତୁଲାଇବାକୁ ପଡ଼ିବ। 'ରୋ-କୋ' ଭାବେ ପରିଚିତ ଦୁଇ ବ୍ୟାଟରଙ୍କୁ ଏହି ସିରିଜ୍‌ରେ ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ୍‌ଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଗିଲ୍‌ଙ୍କ ନେତୃତ୍ୱରେ ରୋହିତ ଓ କୋହଲି ଖେଳିବାକୁ ଯାଉଛନ୍ତି। ଗତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଜଣେ ବ୍ୟାଟର ଭାବେ କୋହଲିଙ୍କ ସ୍ଥାନ ନେବାକୁ ସେ ଦକ୍ଷ ବୋଲି ଗିଲ ପ୍ରମାଣ କରିଥିଲେ। କିନ୍ତୁ ଏବେ ତାଙ୍କୁ ସୀମିତ ଓଭର ଫର୍ମାଟରେ ଅଧିନାୟକ ଭାବେ ରୋହିତଙ୍କ ଦ୍ୱାରା ଧାର୍ଯ୍ୟ ସ୍ତରକୁ ମ୍ୟାଚ୍ କରିବାକୁ ପଡ଼ିବ।



ଟ୍ରଫି ସହ ଦୁଇ ଦଳର ଅଧିନାୟକ।

### ଟିମ୍ କମ୍ବିନେଶନ

ଅଧିନାୟକ ଗିଲ, ରୋହିତଙ୍କ ସହ ଓପନିଂ କରିବେ। ଏହି ଯୋଡ଼ି ଖୁବ୍ ସଫଳ ଥିବାରୁ ଏଥିରେ କୌଣସି ପରିବର୍ତ୍ତନ କରାଯିବାର ଆବଶ୍ୟକତା ନାହିଁ। କିନ୍ତୁ ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କ ରୂପେ ବ୍ୟାକ୍ ଅପ୍ ବିକଳ୍ପ ରହିଛି। ନଂ-୩ରେ କୋହଲିଙ୍କ ପରେ ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ବ୍ୟାଟିଂ କରିବେ। ରାହୁଲ ଉଇକେଟକିପର ଦାୟିତ୍ୱ ତୁଲାଇବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀ ଦିନିକିଆରେ ପଦାର୍ପଣ କରିବାର ବିଶେଷ ସମ୍ଭାବନା ରହିଛି। ପେସ ବିଭାଗରେ ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଭଳି ବୋଲର ରହିଛନ୍ତି। ସେହିଭଳି ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ ବିଭାଗ ସମ୍ଭାଳିବେ।

**ଭାରତୀୟ ଦଳ:** ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ (ଉଇକେଟକିପର), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ (ଉଇକେଟକିପର), ହର୍ଷିତ ରାଣା।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ମାର୍ନସ ଲାବୁସେନ, ମିଚେଲ ଓୱେନ, ମିଚେଲ ଷ୍ଟାର୍କ, ଜାଭିଅର ବାର୍ଟଲେଟ, କୁପର କନୋଲି, ବେନ ଡ୍ୱାରଶୁଇସ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଜୋଶ ଫିଲିପ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମାଥ୍ୟୁ କୁହ୍ନେମାନ।

**ସମୟ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ ଓ ଜିଓ ହଟ୍‌ଷ୍ଟାର**

ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

# ତନ୍‌ଭୀ ଫାଇନାଲରେ

ଗୁଆହାଟୀ, ୧୮।୧୦ (ପି.ଟି.)

ଭାରତର ଟପ୍ ସିଡ୍ ତନ୍‌ଭୀ ଶର୍ମା ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲରେ ସେ ଚାଇନାର ଲିଉ ସି ୟା'ଙ୍କୁ ୧୫-୧୧,୧୫-୯ରେ ହରାଇ ଦେଇଛନ୍ତି। ଫଳରେ ୧୬ବର୍ଷୀୟା ତନ୍‌ଭୀ ଏହି ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହେବାରେ ପୂର୍ବତନ ବିଶ୍ୱର ନମ୍ବର-୧ ସାଇନା ନେହ୍ୱାଲ ଓ ଅପର୍ଣ୍ଣା ପୋପଟଙ୍କ ପରେ ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ତନ୍‌ଭୀ ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ଥାଇଲାଣ୍ଡର ଅନ୍ୟାପାତ୍ ଫିଚିତ୍‌ପ୍ରିଚାସାକ୍‌ଙ୍କୁ ଭେଟିବେ। ଅନ୍ୟାପାତ୍ ଅନ୍ୟ ସେମିଫାଇନାଲରେ ନିଜ ଦେଶର ୟାତାୱିମନ୍ କେଟ୍‌କ୍ଲିଙ୍ଗ୍‌ଙ୍କୁ ୧୦-୧୫, ୧୫-୧୧, ୧୫-୫ରେ ହରାଇ ଦେଇଛନ୍ତି। ତନ୍‌ଭୀ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରି ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୧୭ ବର୍ଷରେ ପ୍ରଥମ ଥର ଭାରତ ପାଇଁ ପଦକ ପକ୍କା କରିସାରିଥିଲେ।



ତନ୍‌ଭୀ ଶର୍ମା

# ଓଡ଼ିଶାର ଲଜ୍ଜାଜନକ ପରାଜୟ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ଦ୍ୱିତୀୟ ଇନିଂସରେ ଅତ୍ୟନ୍ତ ଖରାପ ବ୍ୟାଟିଂ କରି ଓଡ଼ିଶା ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳର ବ୍ୟାଟରମାନେ ବରୋଦା ବୋଲରଙ୍କୁ ମୁକାବିଲା କରି ପୂରା ଦିନ ବ୍ୟାଟିଂ କରିପାରିଥିଲେ ଅତିକମ୍‌ରେ ମ୍ୟାଚ ଡ୍ର ରହି ପାରିଥାନ୍ତା। ମାତ୍ର ତାହା ହେଲାନାହିଁ। ବରୋଦା ତୃତୀୟ ଦିବସର ଅସମାପ୍ତ ସ୍କୋର ୪୧୩/୭ରେ ଇନିଂସ ଘୋଷଣା କରିଦେଲା। ଓଡ଼ିଶାର ଦ୍ୱିତୀୟ ଇନିଂସରେ କେବଳ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରିଲେ ନାହିଁ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ଓଡ଼ିଶାର ଦ୍ୱିତୀୟ ଇନିଂସ ୫୯.୩ ଓଭରରେ ୧୭୪ ରନ ମଧ୍ୟରେ ସୀମିତ ରହି ଯାଇଥିଲା। ଶୁଭ୍ରାଂଶୁ ୫୯ ରନକରି ଗୋଟିଏ ପଟରେ ଅପରାଜିତ ରହିଥିଲେ ହେଁ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଲା। ବରୋଦାର ଡାହାଣହାତୀ ଅଫ୍ ସ୍ପିନର ମହେଶ ପିଥିୟା ୬ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାର୍ଗବ ଭଟ୍ଟ ୩ଟି ଓ ରସିଖ ସଲାମ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ୩୩ ଥିବାବେଳେ ବରୋଦା ୩ ଉଇକେଟ ହରାଇ ୩୬ ରନ ସଂଗ୍ରହ କରିନେଇଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ଶିବାଲିକ ଶର୍ମା ଦ୍ୱିତୀୟ ଇନିଂସରେ ୩୨ ରନରେ ଅପରାଜିତ ରହି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ କାନପୁରଠାରେ ଉତ୍ତର ପ୍ରଦେଶ ବିପକ୍ଷରେ ଚଳିତ ମାସ ୨୫ରୁ ୨୮ ପର୍ଯ୍ୟନ୍ତ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧। ବରୋଦା ପ୍ରଥମ ଇନିଂସ: ୪୧୩/୭ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୭୪/ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୫୯*, ଗୌରବ ଚୌଧାରୀ-୨୮, ରାଜେଶ ମହାନ୍ତି-୨୫, ମହେଶ ପିଥିୟା-୬/୬୩, ଭାର୍ଗବ ଭଟ୍ଟ-୩/୫୭, ରସିଖ ସଲାମ-୧/୩୧)। ବରୋଦା ଦ୍ୱିତୀୟ ଇନିଂସ: ୩୬/୩ (ଶିବାଲିକ ଶର୍ମା-୩୨*, ବାଦଲ ବିଶ୍ୱାଳ-୨/୨୦, ଗୋବିନ୍ଦ ପୋଦ୍ଦାର-୧/୧୬)।

## ତୀରନ୍ଦାଜୀ ବିଶ୍ୱକପ୍

# ବ୍ରୋଞ୍ଜ୍ ଜିତି ଇତିହାସ ରଚିଲେ ଜ୍ୟୋତି

ନାନ୍‌ଜିଙ୍ଗ (ଚାଇନା), ୧୮।୧୦ (ପି.ଟି.)

ଜ୍ୟୋତି ସୁରେଖା ଭେନମ ପ୍ରଥମ ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜ ଭାବେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ତ୍ରୁଟିହୀନ ପ୍ରଦର୍ଶନ ସହ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବର୍ତ୍ତମାନର ଏସିଆନ ଗେମ୍ସ ଚାମ୍ପିୟନ ବିଶ୍ୱର ୨ ନମ୍ବର ଗ୍ରେଟ୍‌ବ୍ରିଟେନର ଇଲା ଗିବସନଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୫ ପରଫେକ୍ଟ ଆରୋଜ ସହ ୧୫୦-୧୪୫ ବ୍ୟବଧାନରେ ବିଜୟ ଲାଭ କରି ଟୁର୍ନାମେଣ୍ଟରେ ତାଙ୍କର ପ୍ରଥମ ପୋଡିୟମ ଫିନିଶ କରିପାରିଛନ୍ତି। ୱାର୍ଲ୍ଡକପ୍ ସିଜନ ଫିନାଲେରେ ୨୯ ବର୍ଷୀୟା ଭାରତୀୟ କ୍ୱାର୍ଟରଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାର ଆଲେକ୍ସିସ ରୁଇଜ୍‌ଙ୍କୁ ପରାସ୍ତ କରିଥିବା ବେଳେ ସେମିଫାଇନାଲରେ ବିଶ୍ୱର ନମ୍ବର-୧ ମେକ୍ସିକୋର ଆନ୍ଦ୍ରିଆ ବେସେରାଙ୍କଠାରୁ ୧୪୩-୧୪୫ରେ ପରାସ୍ତ ହୋଇଥିଲେ।

# ଭାରତ ପାଇଁ ଟିମ୍ କମ୍ବିନେଶନ ଚିନ୍ତାର କାରଣ

ଇନ୍ଦୋର, ୧୮।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ଲଗାତର ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ଭାରତୀୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନ ହେଲେ ଭାରତକୁ ପ୍ରତ୍ୟେକ ପରବର୍ତ୍ତୀ ମ୍ୟାଚ୍‌ରେ କର-ବା-ମର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ଭାରତକୁ ସେମିଫାଇନାଲ ଦୌଡ଼ରେ ରହିବା ପାଇଁ ବଳକା ୩ରୁ ୨ ମ୍ୟାଚ୍ ଜିତିବାର ଆବଶ୍ୟକତା ରହିଛି। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ପ୍ରଦର୍ଶନ ଓ ଷ୍ଟ୍ରାଟେଜିରେ ସୁଧାର ଆଣିବା ଲକ୍ଷ୍ୟରେ ରହିବ।

ଭାରତ ଗତ ଦୁଇ ମ୍ୟାଚ୍‌ରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ବିଶାଖାପାଟଣାରେ ଖେଳାଯାଇଥିବା ଉଭୟ ମ୍ୟାଚ୍‌ରେ ଭାରତୀୟ ଦଳର ଟିମ୍ କମ୍ବିନେଶନ ଚିନ୍ତାର କାରଣ ପାଲଟିଥିଲା। ଏପର୍ଯ୍ୟନ୍ତ ଭାରତ ୫ ବ୍ୟାଟର, ଜଣେ ଉଇକେଟକିପର ଓ ୫ ବୋଲର ଖେଳାଉଥିଲା, ଯେଉଁମାନଙ୍କ ମଧ୍ୟରେ ୩ ଅଲରାଉଣ୍ଡର ରହିଥିଲେ। କିନ୍ତୁ ଏହି ଷ୍ଟ୍ରାଟେଜି ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଏହାପରେ ବି ଟିମ୍ ମ୍ୟାନେଜମେଣ୍ଟ ସମାନ ଷ୍ଟ୍ରାଟେଜି ସହ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚ୍‌ରେ ୩୩୦ ରନର ଟାର୍ଗେଟ ଛିଡ଼ା କରିବା ପରେ ବି ଭାରତକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲମ୍ବା ବ୍ୟାଟିଂ ଲାଇନ ଅପ୍ କାରଣରୁ ରେଣୁକା ସିଂ ଠାକୁରଙ୍କ ଭଳି ଉଇକେଟ ଟେକିଂ ପେସରଙ୍କୁ ଦଳରେ ସ୍ଥାନ ମିଳୁନାହିଁ। ତାଙ୍କ ଅନୁପସ୍ଥିତିରେ ଅନଭିଜ୍ଞ ଓ ଯୁବ ପେସର କ୍ରାନ୍ତି ଗୌଡ଼ଙ୍କ ଉପରେ ଚାପ ବଢ଼ାଉଛି। ଟିମ ମ୍ୟାନେଜମେଣ୍ଟ ପାଖରେ ସ୍ପିନର ରାଧା ଯାଦବ କିମ୍ବା ଅରୁନ୍ଧତୀ ରେଡ୍ଡୀଙ୍କ ମଧ୍ୟରେ ଜଣଙ୍କୁ ଖେଳିବାର ବିକଳ୍ପ ରହିଛି। କିନ୍ତୁ ଟପ୍ ଅର୍ଡର ବ୍ୟାଟରଙ୍କ ଖରାପ ଫର୍ମ କାରଣରୁ ଦଳକୁ ଲମ୍ବା ବ୍ୟାଟିଂ ଲାଇନଅପ୍ ସହ ଓହ୍ଲାଇବାକୁ ପଡୁଛି। ଅଷ୍ଟ୍ରେଲିଆ ବିପକ୍ଷରେ ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ଅର୍ଦ୍ଧଶତକୀୟ ପାଳି ଖେଳି ଫର୍ମକୁ ଫେରିଥିବା ନେଇ ସୂଚନା ଦେଇଛନ୍ତି। ହେଲେ ଅଧିନାୟିକା ହରମନ ଓ ଜେମିମା ରୋଡ୍ରିଗ୍ସ ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିନାହାନ୍ତି।

ହୋଲକର ଷ୍ଟାଡିୟମର ପିଚ୍ ପାରମ୍ପରିକ ଭାବେ ବ୍ୟାଟରଙ୍କୁ ସୁହାଏ। ଚଳିତ ବିଶ୍ୱକପ୍‌ରେ ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ଉଭୟ ମ୍ୟାଚ୍ ହାଇ ସ୍କୋରିଂ ରହିଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପରେ ଇଂଲଣ୍ଡ ଦ୍ୱିତୀୟ ଦଳ ଭାବେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ହେଲେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ବର୍ଷା କାରଣରୁ ଦଳ ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଥିଲା। ୪ ଥର ଚାମ୍ପିୟନ ଇଂଲଣ୍ଡକୁ ସେମିଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ମାତ୍ର ଗୋଟିଏ ବିଜୟ ଦରକାର।



ପିଚ୍ ପରଖୁଛନ୍ତି ସ୍ମୃତି ମନ୍ଧାନା।




# 'ଗେମ୍‌ଚେଞ୍ଜର' ଭୂମିକାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ

## ସରକାରଙ୍କ ସହ ଅନୁଷ୍ଠାନଗୁଡ଼ିକ ତତ୍ପର ହେଲେ କ୍ରୀଡ଼ାର ବିକାଶ ହୋଇପାରିବ



ଅଲିମ୍ପିଆନ ଦୂତୀ ଚାନ୍ଦ ଓ ତପନ ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ବିଶିଷ୍ଟ ଶିକ୍ଷାବିତ, ଇଂଲିଶ ପୁସ୍ତକ ରଚୟିତା, ଭଦ୍ରକସ୍ଥିତ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନର ପ୍ରଥମ ସଭାପତି ତଥା ହାଇସ୍କୁଲର ଦିବଂଗତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ୧୬ତମ ପୁଣ୍ୟତିଥି ଅବସରରେ ଭୁବନେଶ୍ୱରର ଏକ ହୋଟେଲରେ 'ଗେମ୍‌ଚେଞ୍ଜର-ଓଡ଼ିଶା ସ୍ପୋର୍ଟ୍ସ ଏଡିସନ ୨୦୨୫' ଆୟୋଜିତ ହୋଇଯାଇଛି। ରମେଶ ସାର୍ ସ୍ମୃତି ସଂସଦ ଓ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି କନ୍‌କ୍ଲେଭକୁ ଆସୋସିଏଶନର ଉପଦେଷ୍ଟା ମନ୍ମଥ ରାଉଳ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି ତଥା ରାଜ୍ୟ ଭାଜପା ପୂର୍ବତନ ସଭାପତି ସମୀର ମହାନ୍ତି, ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗର ଅତିରିକ୍ତ ସଚିବ ଅଶୋକ ପଣ୍ଡା, ଉପସଚିବ ପଦ୍ମଲୋଚନ ସାହୁ, ବିଶିଷ୍ଟ କ୍ରିକେଟ ପ୍ରଶିକ୍ଷକ କିଶୋର ମାଣିଆ, ପୂର୍ବତନ ରାଜ୍ୟ କ୍ରିକେଟ ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରତିଷ୍ଠିତ ଜର୍ନାଲିଷ୍ଟ ସଂଗ୍ରାମ ଷଡ଼ଙ୍ଗୀ, ମାନସ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଟିଲୋ ଆଥ୍‌ଲେଟିକେ ଆସୋସିଏଶନ କିପରି ବ୍ୟକ୍ତିଗତ ପ୍ରଚେଷ୍ଟାରେ ରାଜ୍ୟରେ କ୍ରୀଡ଼ାର ବିକାଶରେ 'ଗେମ୍‌ଚେଞ୍ଜର'ର ଭୂମିକା ନେଇଛି ତା' ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ରାଜ୍ୟ ସରକାର ଓ ବିଭିନ୍ନ ଦାୟିତ୍ୱସମ୍ପନ୍ନ କ୍ରୀଡ଼ା ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ କ୍ରୀଡ଼ାର ଏକ ସୁଦୃଢ଼ ଭିତ୍ତିଭୂମି କିପରି ବିକାଶ ହୋଇପାରିବ ତା' ଉପରେ ଆଲୋଚନା ହୋଇଥିଲା।

ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ରମେଶ ସାର୍ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଧରିତ୍ରୀର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସିନିୟର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ାଧିକାରୀ ତଥା ଶିବସୁନ୍ଦର ଦାସଙ୍କ ଭଳି କ୍ରୀଡ଼ାବିତ ବାହାର କରିପାରିଥିବା ସୁନାମଧନ୍ୟ କ୍ରିକେଟ କୋଚ୍ କିଶୋର ମାଣିଆ, ଅବସରପ୍ରାପ୍ତ ଶିକ୍ଷାଧିକାରୀ, ପଣ୍ଡିତ ତଥା ସୁଲେଖକ ଓ ସର୍ବୋପରି ଆକାଶବାଣୀର କବି ଗଣେଶ ପ୍ରସାଦ କରଶର୍ମା, ଓଡ଼ିଶା ସରକାରଙ୍କ କାମ୍ପା ବିଭାଗର ସଦସ୍ୟ ସଞ୍ଜୀବ ପଣ୍ଡା ଓ ଜର୍ନାଲିଷ୍ଟ ମାନସ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଟିଲୋ ସରପଞ୍ଚ ସଂଗ୍ରାମ ଜେନା, ଅସିତ କର, ପରମେଶ୍ୱର ବାରିକ, ଅମରଜିତ ସ୍ୱାଇଁ, ହୃଷୀକେଶ ରାଉତ, ମାଧବାନନ୍ଦ ବେହେରା, ସନାତନ ଲେଙ୍କା ପ୍ରମୁଖ ରମେଶ ସାର୍‌ଙ୍କ ସ୍ମୃତିଚାରଣ କରିଥିଲେ। ଟିଲୋ ଆଥ୍‌ଲେଟିକ ଆସୋସିଏଶନର ସଭାପତି ଲକି ସ୍ୱାଇଁ ଆସୋସିଏଶନର ବିସ୍ତୃତ କାର୍ଯ୍ୟଧାରା ବର୍ଣ୍ଣନା କରିବା ସହ ସରକାର ଯତ୍ନବାନ ହେଲେ କିପରି ତୃଣମୂଳ ସ୍ତରରୁ କ୍ରୀଡ଼ାର ଉନ୍ନତି ହୋଇପାରିବ ସେ ବିଷୟରେ ମତ ରଖିଥିଲେ। ଶେଷରେ ବିଷ୍ଣୁପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂଜ୍ୟପୂଜା ପରମ୍ପରା ତଥା କ୍ରୀଡ଼ାର ବିକାଶ ପାଇଁ ଆସୋସିଏଶନର ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଶା ସରକାର ଓ ରାଜ୍ୟସ୍ତରୀୟ କ୍ରୀଡ଼ା ଆସୋସିଏଶନ କିପରି ସହଯୋଗ କରିପାରିବେ ସେ ବିଷୟରେ ମତ ରଖିଥିଲେ। ପୂର୍ବାହ୍ନରେ ବନ୍ତ ଥାନା ଆଇଆଇସି ମୋନାଲିସା କର ସ୍ୱର୍ଗତ ରମେଶ ସ୍ୱାଇଁଙ୍କ ଭଦ୍ରକସ୍ଥିତ ଟିଲୋଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ରମେଶ ସାର୍ ସ୍ମୃତି ସଂସଦ ଓ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ସେମିରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା

କଲମ୍ବୋ, ୧୮।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଶନିବାର ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉଭୟ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ପଏଣ୍ଟ ଭାଗ ହେବାରୁ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ପଞ୍ଚମ ଓ ପାକିସ୍ତାନ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୨ ପଏଣ୍ଟ ସହ ଅନ୍ତିମ ତଥା ଅଷ୍ଟମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ଅଷ୍ଟ୍ରେଲିଆ ଓ ଦ୍ୱିତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇ ୨୫ ଓଭରରେ ୫ ଉଇକେଟ ହରାଇ ୯୨ ରନ କରିଥିଲା। ଏହାପରେ ଲଗାଣ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇପାରିନଥିଲା। ପାକିସ୍ତାନ ପାଇଁ ଆଲିୟା ରିଆଜ ଅପରାଜିତ ୨୮ ଓ ମୁନିବା ଅଲୀ ୨୨ ରନ କରିଥିଲେ। ନ୍ୟୁଜିଲାଣ୍ଡ ଲାଗି ଲି ତାହୁହୁ ଦୁଇ ଉଇକେଟ ନେଇଥିବା ବେଳେ ଜେସ କେର, ଆମେଲିକା କେର ଓ ଏଡେନ କାରସନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ଜୋହର କପ୍ ହକି

# ଭାରତ ରନରଅପ୍

ଜୋହର ବାହରୁ (ମାଲେସିଆ), ୧୮।୧୦ (ପି.ଟି.)

ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ୨୧ ବର୍ଷରୁ କମ୍ ହକି ଟୁର୍ନାମେଣ୍ଟରେ ରନରଅପ୍ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଇଆନ ଗ୍ରେବେଲାରଙ୍କ ଡବଲ ଗୋଲ୍ ବଳରେ ଅଷ୍ଟ୍ରେଲିଆ ୨-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ଗ୍ରେବେଲାର ପ୍ରଥମ କ୍ୱାର୍ଟର ଖେଳ ଶେଷ ହେବାର ଅଳ୍ପ ସମୟ ପୂର୍ବରୁ ୧୩ତମ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଜବାବରେ ୩ଥର ପୂର୍ବତନ ଚାମ୍ପିୟନ ଭାରତ ଦ୍ୱିତୀୟ କ୍ୱାର୍ଟରରେ ଅନମୋଲ ଏକ୍କାଙ୍କ ଗୋଲ୍ ବଳରେ ମ୍ୟାଚକୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ଅନମୋଲ ୧୭ତମ ମିନିଟ୍‌ରେ ଏକ ପେନାଲ୍‌ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଖେଳ ଶେଷ ହେବାକୁ ଆଉ ମାତ୍ର ୨ ମିନିଟ ଖେଳ ବାକି ରହିଥିବା ବେଳେ ଗ୍ରେବେଲାର ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ, ଯାହାକି ମ୍ୟାଚ ୧୧ଶ ପେନାଲ୍ଟି କର୍ନର ଥିଲା। ୨୦୨୨ରେ ଭାରତ ବିପକ୍ଷ ପରାଜୟ ସମେତ କ୍ରମାଗତ ୩ଟି ଫାଇନାଲରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆ ଶେଷରେ ବିଜୟୀ ହୋଇପାରିଛି। ଏହାଦ୍ୱାରା ସେମାନେ ଆହୁରି ମଧ୍ୟ ଭାରତ ବିପକ୍ଷରେ ୩ବର୍ଷ ତଳର ପରାଜୟର ପ୍ରତିଶୋଧ ନେଇପାରିଛନ୍ତି। ଅଷ୍ଟ୍ରେଲିଆର ଓଭରଅଲ ଏହା ତୃତୀୟ ଓଭରଅଲ୍ ସୁଲ୍‌ତାନ ଅଫ୍ ଜୋହର କପ୍ ଟାଇଟଲ।

# ହାଇଦ୍ରାବାଦ୍ ଏଫ୍‌ସିର ନାମ ବଦଳିଲା

ନୂଆଦିଲ୍ଲୀ, ୧୮।୧୦

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ହାଇଦ୍ରାବାଦ୍ ଏଫ୍‌ସିର ଶନିବାର ନାମ ପରିବର୍ତ୍ତନ କରାଯାଇ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ କରାଯାଇଛି। ଗତ ବର୍ଷ ବିସି ଜିନ୍ଦଲ ଗ୍ରୁପ୍‌ର ଅଂଶ ଥିବା ବିସି ଜିନ୍ଦଲ ଫୁଟବଲ ପ୍ରାଇଭେଟ ଲିମିଟେଡ୍ ହାଇଦ୍ରାବାଦ୍ ଏଫ୍‌ସିର ମାଲିକାନା ପୂର୍ବ ମାଲିକଙ୍କଠାରୁ ହାସଲ କରିଥିଲା। ଏହି କମ୍ପାନୀ ୨୦୨୫-୨୬ ସିଜନଠାରୁ ହାଇଦ୍ରାବାଦ୍ ପରିବର୍ତ୍ତେ ଦିଲ୍ଲୀକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛି। ଏଥିଯୋଗୁ ଜାତୀୟ ରାଜଧାନୀକୁ ଆଇଏସ୍‌ଏଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ପ୍ରତିନିଧିତ୍ୱ କରିବ। ପୂର୍ବରୁ ଦିଲ୍ଲୀ ଡାଇନାମୋସ ଆଇଏସ୍‌ଏଲ୍‌ରେ ଅଂଶଗ୍ରହଣ କରିଥିଲା। ୨୦୧୯ରେ କ୍ଲବର ବେସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯିବା ପରେ କ୍ଲବର ନାମକୁ ବଦଳାଯାଇ ଓଡ଼ିଶା ଏଫ୍‌ସି କରାଯାଇଥିଲା। ଆସନ୍ତା ୨୫ ତାରିଖରୁ ଗୋଆରେ ଆରମ୍ଭ ହେବାକୁ ଥିବା ସୁପର କପ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ, ହାଇଦ୍ରାବାଦ୍ ଏଫ୍‌ସି ସ୍ଥାନରେ ଖେଳିବ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ